


ଆସିଲା 'ଇଣ୍ଡିଆନ୍ ପୋଲିସ୍ ଫୋର୍ସ'ର ଟିଜର୍

▸ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-174 ◆BHUBANESWAR ◆TUESDAY ◆19 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୪ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୯ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-467

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

" ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ନ ହୁଏ ସେଥିପ୍ରତି ମୁଁ ଦୃଷ୍ଟି ରଖିଛି । "

ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ଖାଦ୍ୟ ସୁରକ୍ଷାର ଭରସା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ** ଦ୍ୱାରା

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ମାଗଣା ଚାଉଳ ବଣ୍ଟନର ଅବଧିକୁ ଆଗାମୀ ୫ ବର୍ଷ ପାଇଁ ସମ୍ପ୍ରସାରଣ

✓ ପ୍ରତ୍ୟେକ ହିତାଧିକାରୀଙ୍କୁ, ପ୍ରତି ମାସ, ମାଗଣାରେ ୫ କିଲୋଗ୍ରାମ ଚାଉଳ ଯୋଗାଣ

✓ ସମୁଦାୟ ୧୨୫୦ କୋଟି ଟଙ୍କାର ବ୍ୟୟବରାଦ







ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ

OIPR-07001/13/0008/2324

# ବିଶ୍ୱର ସର୍ବବୃହତ୍ ପୁଞ୍ଜିନିବେଶ ପାଇଁ କେନ୍ଦ୍ରାପଡ଼ା ପ୍ରସ୍ତୁତ

**ଭୁବନେଶ୍ୱର,୧୮ ।୧୨(ସମିସ):** ବିଶ୍ୱର ସର୍ବବୃହତ୍ ପୁଞ୍ଜିନିବେଶ ପାଇଁ ପ୍ରସ୍ତୁତ ହୋଇଛି କେନ୍ଦ୍ରାପଡ଼ା। ଆର୍ସେଲର ମିତ୍ତଲ ଓ ନିପ୍ପନ ଷ୍ଟିଲ ଭଳି କମ୍ପାନୀ କାରଖାନା ସ୍ଥାପନ ପରେ କେନ୍ଦ୍ରାପଡ଼ା ଜିଲ୍ଲାର ରୂପରେଖ ବଦଳିଯିବ । ଆମ ଯୁବପିଢ଼ିଙ୍କୁ ନିଯୁକ୍ତି ମିଳିବ । ଜିଲ୍ଲାରୁ ଆସିଥିବା ସମସ୍ତ ଦାବିକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରୂପାନ୍ତରଣ କାମ ଆଗାମୀ ଦୁଇ ମାସ ମଧ୍ୟରେ ଶେଷ ହେବ ବୋଲି ଜିଲ୍ଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଦୁଇଦିନିଆ ଗଞ୍ଜାମ ଗସ୍ତ ଶେଷ କରି ଗତକାଲି ଭୁବନେଶ୍ୱର ଫେରିବା ପରେ ଶ୍ରୀ ପାଣ୍ଡିଆନ ଆଜି ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡ଼ାର ବିଭିନ୍ନ ସ୍ଥାନରେ ବିକାଶମୂଳକ କାର୍ଯ୍ୟଗୁଡ଼ିକର ଅନୁଧ୍ୟାନ କରିଛନ୍ତି । ଶ୍ରୀ ପାଣ୍ଡିଆନ୍ ପ୍ରସିଦ୍ଧ ବଳଦେବ ଜୀଉ ଏବଂ ଅନ୍ୟ ଧାର୍ମିକ ସ୍ଥଳ ପରିଦର୍ଶନ କରିବା ସହିତ ବିଭିନ୍ନ ସ୍ଥାନରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ାକୁ ବହୁତ ଭଲ ପାଆନ୍ତି। ସେଥିପାଇଁ କେନ୍ଦ୍ରାପଡ଼ା ମାଟିର ଉନ୍ନତି ପାଇଁ ସବୁବେଳେ ସେ ପ୍ରୟାସ କରିଛନ୍ତି। ଗତ ଏପ୍ରିଲ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିଲି। ସେତେବେଳେ ଲୋକଙ୍କ ସମସ୍ୟା ଦେଖି ମୋତେ ବହୁତ ଦୁଃଖ ଲାଗିଥିଲା। ସବୁ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ସେସବୁ ପୂରଣ କରିବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦିଆଯାଇଛି ତାହା ନିଶ୍ଚିତ ଭାବେ ପୂରଣ କରାଯିବ। ଲୋକଙ୍କ ଦାବି ଅନୁସାରେ ୬୦ ଦିନ ଭିତରେ ପ୍ରମୁଖ ସେତୁର ନିର୍ମାଣ ଆରମ୍ଭ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ, ଏବେ ସେହି ପ୍ରତିଶ୍ରୁତି ପୂରଣ ହୋଇଛି। କୌଣସି ପରିସ୍ଥିତିରେ ବି ଲୋକଙ୍କ କାମ ଯେପରି ଅଟକି ନ ଯାଏ ତାହା ସୁନିଶ୍ଚିତ କରିବା ଲାଗି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ବୋଲି '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଛନ୍ତି ।

- ବିଜୁବାବୁଙ୍କ କର୍ମଭୂମି କେନ୍ଦ୍ରାପଡ଼ାକୁ ମୁଖ୍ୟମନ୍ତ୍ରୀ ବହୁତ ଭଲ ପାଆନ୍ତି
- ପୂରଣ ହେଲା ପ୍ରତିଶ୍ରୁତି, ୬୦ ଦିନରେ ବ୍ରାହ୍ମଣୀ ସେତୁ ନିର୍ମାଣ ଆରମ୍ଭ
- ଜାନୁଆରୀ ମାସରୁ ଜିଲ୍ଲାରେ ଗଢ଼ିବ ସାଧାରଣ ଲୋକଙ୍କ ବିକାଶର 'ଲକ୍ଷ୍ମୀ'
- ଏପ୍ରିଲ ମାସରେ ଲୋକେ କରିଥିଲେ ଦାବି, ପୂରଣ କଲେ ମୁଖ୍ୟମନ୍ତ୍ରୀ
- ବିଭିନ୍ନ ସ୍ଥାନରେ ପାଣ୍ଡିଆନଙ୍କୁ ସାଧାରଣ ଲୋକଙ୍କ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ଶ୍ରୀ ପାଣ୍ଡିଆନ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷୀ, ମିଶନ୍ ଶକ୍ତି ଗ୍ରୁପ୍ ସଦସ୍ୟା ଓ ଅନ୍ୟ ହିତାଧିକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କର ସୁଖଦୁଃଖ ବୁଝିଛନ୍ତି। ରାଜନଗର ଦକ୍ଷିଣଡିହା ଠାରୁ କେରଡ଼ାଗଡ଼ ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଚାଲିଥିବା ସେତୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ୫୯ କୋଟି ୮୭ ଲକ୍ଷ ଟଙ୍କାରେ ନିର୍ମାଣାଧୀନ ଏହି କାମ ପାଇଁ ଗତବର୍ଷ ଏପ୍ରିଲ ମାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିବା ସମୟରେ ସ୍ଥାନୀୟ ଲୋକମାନେ ସେତୁ ନିର୍ମାଣ ପାଇଁ ଦାବି କରିଥିଲେ। ଲୋକଙ୍କ ଦାବିର ୬୦ ଦିନ ଭିତରେ ସେତୁ ନିର୍ମାଣ ଆରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

କେରଡ଼ଗଡ଼ ଠାରେ ଥିବା ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ୩ କୋଟି ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇ ଥିବା ଶ୍ରୀ ପାଣ୍ଡିଆନ୍ ଘୋଷଣା କରିଛନ୍ତି। ଗତ ଏପ୍ରିଲ ମାସରେ ଶ୍ରୀ ପାଣ୍ଡିଆନ୍ କେନ୍ଦ୍ରାପଡ଼ା ଆସିଥିବା ଅବସରରେ ମନ୍ଦିରର ପୂଜକ, ଶ୍ରଦ୍ଧାଳୁ ଏବଂ ଜନସାଧାରଣ ଏହି ମନ୍ଦିରର ଉନ୍ନତିକରଣ କାମ ଆରମ୍ଭ ପାଇଁ ଅନୁରୋଧ କରିଥିଲେ। ଏହା ସହ୍ ଗୋପାଳପୁର ଛକ, ମଦନପୁର ଛକ, ପଟ୍ଟାମୁଣ୍ଡାଇ ଆଇବି ଛକ, ଗୋଗୁଆ, ତିନିମୁହାଣୀ, ଇଛାପୁର ଠାରେ ଜନସଭାକୁ ଶ୍ରୀ ପାଣ୍ଡିଆନ ସମ୍ବୋଧିତ କରିବା ସହ ବଳଦେବଜୀଉ ମନ୍ଦିରର ପୂଜକ ଓ ଶ୍ରଦ୍ଧାଳୁଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ସାତଭାୟା ପାଇଁ ୨୨ କୋଟି ୫୦ ଲକ୍ଷ ଟଙ୍କା, ବାୟାବାବା ମଠ ପାଇଁ ୪ କୋଟି ୯୫ ଲକ୍ଷ, କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପାଇଁ ୩ କୋଟି ୩ ଲକ୍ଷ ଟଙ୍କା, ପଞ୍ଚୁବରାହୀ ମନ୍ଦିର ପାଇଁ ୪ କୋଟି ୯୬ ଲକ୍ଷ, ପଟ୍ଟାମୁଣ୍ଡାଇ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ୨.୨୫ କୋଟି ମଞ୍ଜୁର ହୋଇଥିବା ସମ୍ପର୍କରେ ଶ୍ରୀ ପାଣ୍ଡିଆନ୍ ଜନସାଧାରଣଙ୍କୁ ସୂଚନା ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ଫେବୃଆରୀ ମାସ ସୁଦ୍ଧା ଲକ୍ଷ୍ମୀ ବସ୍ ଗଡ଼ିବ ବୋଲି ସେ ସୂଚନା ଦେଇଥିଲେ। ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ଜନପ୍ରତିନିଧି, ବିଧାୟକ ଓ ମନ୍ତ୍ରୀ ଉପସ୍ଥିତ ଥିଲେ।

## ଜାରି ରହିବ ଶୀତର ପ୍ରକୋପ

**ଭୁବନେଶ୍ୱର,୧୮ ।୧୨(ସମିସ):** ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଧୀରେଧୀରେ ଅଧିକାଂଶ ଅଞ୍ଚଳରେ ପାରଦ ତଳମୁହାଁ ହେଉଥିବାରୁ ଜାଡ଼ ବଢ଼ୁଛି। ଲଗାତାର ଦୁଇ ଦିନ ହେଲା, ରାଜ୍ୟର ୧୦ ସହରରେ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଛି। ତେବେ ଆହୁରି ୪ରୁ ୫ଦିନ ପର୍ଯ୍ୟନ୍ତ ଏପରି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଗତ ୨୪ ଘଣ୍ଟାରେ ରେକର୍ଡ ହୋଇଥିବା ତଥ୍ୟ ଅନୁଯାୟୀ ଜି. ଉଦୟଗିରି ଓ କିରେଇରେ ୮ ଡିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କୋରାପୁଟରେ ୮.୬ ଡିଗ୍ରୀ, ଅନୁଗୁଳ, କେନ୍ଦୁଝରରେ ଓ କନ୍ଧମାଳ ଜିଲ୍ଲାର ଫୁଲବାଣୀ ଓ ଦାରିଙ୍ଗବାଡ଼ିରେ ୯ ଡିଗ୍ରୀ, ଭଦ୍ରକ ରାଣୀତାଲରେ ୯.୬ ଡିଗ୍ରୀ, ସୁନ୍ଦରଗଡ଼ରେ ୯.୮ ଡିଗ୍ରୀ ଓ ରାଉରକେଲାରେ ୯.୮ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱର-କଟକ ଦ୍ୱୈତନଗରୀରେ ପାରଦ ୧୩.୫ ଡିଗ୍ରୀ ଛୁଇଁଛି। ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଆଗକୁ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ଖସିବା ସହ ଶୀତର ପ୍ରକୋପ ବଢ଼ିବ।

## ଶିମିଳିପାଳରେ ବାଘ ଲଢ଼େଇ

**ବାରିପଦା,୧୮ ।୧୨(ସମିସ):** ଶିମିଳିପାଳ ଅଭୟାରଣ୍ୟରେ ଦୁଇ ମହାବଳ ବାଘ ମଧ୍ୟରେ ଆଧିପତ୍ୟକୁ ନେଇ ଲଢ଼େଇ ହୋଇଛି। ଏ ସଂପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ



'ଏକ୍ସ'ରେ ବିଜୟୀ ବାଘର ଭିଡିଓ

ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଆକାଉଣ୍ଟରୁ ଏକ ଫଟୋ ଓ ଭିଡିଓ ମଧ୍ୟ ସେୟାର୍ କରାଯାଇଛି। ଏଥିରେ ଗୋଟିଏ ବିରାଟକାୟ ମହାବଳ ବାଘ ଜଙ୍ଗଲରେ ବୁଲୁଛି। ପୋଷ୍ଟରେ ଉଲ୍ଲେଖ କରାଯାଇଛି ଯେ ଅଭୟାରଣ୍ୟର ବାଘ ନମ୍ବର ଟି-୩୫ ଏବଂ ଟି-୩୧ ମଧ୍ୟରେ ଅଞ୍ଚଳକୁ ନେଇ ଲଢ଼େଇ ହୋଇଥିଲା। ଟି-୩୫ ବାଘଟି ନିର୍ଦ୍ଦ୍ୱନ୍ଦ୍ୱରେ ବୁଲୁଥିବାରୁ ତା'ର ବିଜୟ ହୋଇଛି ବୋଲି ଅନୁମାନ କରାଯାଉଛି। ବିଜୟୀ ବାଘ ଟି-୩୫ର ମୁଣ୍ଡରେ ଏକ କଳା ଚିହ୍ନ ରହିଛି। ପାଟ୍ରୋଲିଂ ବେଳେ ନିଜ କ୍ୟାମେରାରେ କଏଦ୍ କରିଥିବା ଏହି ଭିଡିଓକୁ ସଂଧ୍ୟା ୮ଟା ସୁଦ୍ଧା 'ଏକ୍ସ'ରେ ୮ ହଜାରରୁ ଊର୍ଦ୍ଧ୍ୱ ଲୋକ ଦେଖିସାରିଥିବା ଜଣାଯାଇଛି।

ଏ ସଂପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି ଯେ ବାଘ ମଧ୍ୟରେ ଲଢ଼େଇ ଏକ ସ୍ୱାଭାବିକ ପ୍ରକ୍ରିୟା। ମୁଖ୍ୟତଃ ଅଞ୍ଚଳକୁ ନେଇ ସେମାନଙ୍କ ମଧ୍ୟରେ ଲଢ଼େଇ ହୋଇଥାଏ। ବାଘମାନେ ନିଜ ଅଞ୍ଚଳ ସଂପର୍କରେ ବାହାର ବାଘକୁ ଏକ ବିଶେଷ ଉପାୟରେ ସନ୍ଦେଶ ଦେଇଥା'ନ୍ତି। ଯେଉଁ ଅଞ୍ଚଳ ସେମାନଙ୍କର ପରିଧି ବୋଲି ବିବେଚନା କରନ୍ତି, ତାହାକୁ ନିଜ ମୂତ୍ର ଗନ୍ଧ ମାଧ୍ୟମରେ ଦର୍ଶାଇଥା'ନ୍ତି। ସାଧାରଣ ଲୋକ କିମ୍ବା ଅନ୍ୟ ଜୀବଜନ୍ତୁ ଏ ଗନ୍ଧ ବାରି ନପାରିଲେ ହେଁ ବାହାରୁ ଆସିଥିବା ବାଘ ଠିକ୍ ଭାବେ ଏହାକୁ ବାରିପାରେ।

## ୧୬୯ ସମ୍ପ୍ରଦାୟକୁ ଜନଜାତି ବର୍ଗ ମାନ୍ୟତା

# ଚତୁରତାର ସହ ଏଡ଼ାଇ ଗଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର

**ଭୁବନେଶ୍ୱର, ୧୮ ।୧୨(ସମିସ):** ରାଜ୍ୟର ବିଭିନ୍ନ ଆଦିବାସୀ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମ୍ପର୍କରେ କେନ୍ଦ୍ର ସରକାର କ୍ରମାଗତ ନିରବତା ଅବଲମ୍ବନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ସରକାରଙ୍କ ବହୁ ମନ୍ତ୍ରୀ ତଥା ରାଜ୍ୟ ପ୍ରଶାସନ ବିଭିନ୍ନ ଫୋରମ୍‌ରେ ଏ ନେଇ ଦାବି ଉତ୍ଥାପନ କରୁଥିବା ବେଳେ କେନ୍ଦ୍ର ଏହି ସବୁ ପ୍ରସଙ୍ଗରେ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏପରିକି ଯେଉଁ ଆଦିବାସୀ ପ୍ରସଙ୍ଗକୁ ନେଇ ବିଜେପି ରାଜନୀତି କାର୍ଡ ଖେଳୁଛି, ସେହି ଆଦିବାସୀଙ୍କ ସ୍ୱାର୍ଥକୁ ଦଳ ପାସୋରି ପକାଉଛି। ଏପରିକି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଆଦିବାସୀ ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ବିଜେପି ନେତା ବିଶ୍ୱେଶ୍ୱର ଟୁଡୁ ମଧ୍ୟ ରାଜ୍ୟର ଆଦିବାସୀବର୍ଗଙ୍କ ପ୍ରତି ଉପେକ୍ଷା ମନୋଭାବ ପୋଷଣ କରିଛନ୍ତି।

ଲୋକସଭାରେ ବିଜେଡି ସାଂସଦ ଭର୍ତ୍ତୃହରି ମହତାବଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଅତି ଚତୁରତାର ସହ ରାଜ୍ୟର ୧୬୯ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। ବିଜେଡି ସାଂସଦ ଶ୍ରୀ ମହତାବ ରାଜ୍ୟ ସରକାରଙ୍କ ସୁପାରିସକୁ କେନ୍ଦ୍ର ସରକାର କଣ ପାଇଁ ଅଟକାଇ ରଖିଛନ୍ତି, ଏହାଦ୍ୱାରା ସେମାନେ ସରକାରୀ ସୁବିଧା ସୁଯୋଗକୁ ବଞ୍ଚିତ ହେଉଛନ୍ତି ବୋଲି ପ୍ରଶ୍ନ ସହ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଶ୍ରୀ ଟୁଡୁ ଏହି ପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି। ନିଜ ଉତ୍ତରରେ ଅନୁସୂଚିତ ଜନଜାତି(ଏସ୍‌ଟି) ଚୟନ ପ୍ରକ୍ରିୟାର ବ୍ୟାଖ୍ୟା କରି ଓଡ଼ିଶାର ଦାବି ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

୧୬୯ ସମ୍ପ୍ରଦାୟକୁ ଆଦିବାସୀ ବର୍ଗରେ ସାମିଲ, ଓଡ଼ିଶାର ସରକାରଙ୍କ ସୁପାରିସ ସମ୍ପର୍କରେ କେନ୍ଦ୍ର ସରକାର ସଚେତନ ଅଛନ୍ତି କି ନାହିଁ, ଓଡ଼ିଶାର ଏହି ସୁପାରିସକୁ ଅଟକାଇ ରଖିବାର କାରଣ, ମାନ୍ୟତା ମିଳି ନଥିବାରୁ ଆଦିବାସୀଙ୍କ ପାଇଁ ଉପଲବ୍ଧ ସୁବିଧା ସୁଯୋଗରୁ ଏହି ବର୍ଗର ଲୋକମାନେ ବଞ୍ଚିତ ହେଉଥିବା ଆଦି ପ୍ରଶ୍ନର କୌଣସି ଉତ୍ତର ଦେଇନାହାନ୍ତି ବିଶ୍ୱେଶ୍ୱର। କେବଳ ଆଦିବାସୀ ବର୍ଗ ଚୟନ ପାଇଁ ଥିବା ନିୟମାବଳୀ ସମ୍ପର୍କରେ ଉତ୍ତରରେ ଉଲ୍ଲେଖ କରି ଓଡ଼ିଶାର ଏହି ଦାବି ପ୍ରତି ପୁଣିଥରେ ଉପେକ୍ଷା ପ୍ରଦର୍ଶନ କରିଛନ୍ତି।

- କେନ୍ଦ୍ର ସରକାରଙ୍କ ମନୋଭାବକୁ ସବୁ ମହଲରେ ନିନ୍ଦା
- ବାରମ୍ବାର କେନ୍ଦ୍ର ନିକଟରେ ଦାବି କରି ଆସିଛି ଓଡ଼ିଶା

କେନ୍ଦ୍ର ସରକାର ଓ ଓଡ଼ିଶା ବିଜେପିର ଆଦିବାସୀ ନେତା ତଥା କେନ୍ଦ୍ରମନ୍ତ୍ରୀଙ୍କର ଏହି ଆଭିମୁଖ୍ୟକୁ ନେଇ ସାଧାରଣରେ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଜକୁ ଆଦିବାସୀହିତୈଷୀ ବୋଲି ଦାବି କରୁଥିବା କେନ୍ଦ୍ର ସରକାର ଓଡ଼ିଶାର ଏହି ୧୬୯ ସମ୍ପ୍ରଦାୟ ପ୍ରତି କ'ଣ ପାଇଁ କ୍ରମାଗତ ଅନ୍ୟାୟ କରି ଆସୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୬୯ ସମ୍ପ୍ରଦାୟକୁ ଜନଜାତି ସାମିଲ କରିବା ପାଇଁ ଲଗାତାର ଭାବେ ଦାବି କରି ଆସୁଛନ୍ତି। ୧୬ ସେପ୍ଟେମ୍ବର ୨୦୨୨ ରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ପଡ଼ି ରହିଥିବା ପ୍ରସ୍ତାବ ଉପରେ ବିଚାର ଲାଗି ଅନୁରୋଧ କରିଥିଲେ। ଏହି ପ୍ରସ୍ତାବରେ ଥିବା ସମ୍ପ୍ରଦାୟ ଗୁଡ଼ିକ ଯେପରିକି ପାଉରି ଭୂୟାଁ / ପାଉଡ଼ି ଭୂୟାଁ (ପିଟିଜି), ଚୁକ୍ଟିଆ ଭୁଞ୍ଜିଆ (ପିଟିଜି), ଦୁରୁଆ, ଧୁରୁଆ, ଧୁରଭ, ଉରାମ, ଧାଙ୍ଗରା, ଓରାମ / ଉରାଓଁ, ଓରାଓଁ ମୁଦି (ମୁଦି), କନ୍ଧ କୁମ୍ଭାର / ମୁକ ଦୋରା / ମୁକା ଦୋରା/ ନୁକା ଦୋରା/ନୁକ ଦୋରା ଆଦି ଓଡ଼ିଶାର ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ସୁପାରିସ କରାଯାଇଥିଲା। ସେହିପରି ୨୦୨୨ ଏପ୍ରିଲ ୨୦ ତାରିଖରେ ଓଡ଼ିଶାରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ବସିଥିବା ବୈଠକରେ ଓଡ଼ିଶା ସରକାର ପୁନର୍ବାର ରାଜ୍ୟର ଏସଟି ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ୧୬୯ଟି ବିଚାରାଧୀନ ସମ୍ପ୍ରଦାୟର ପ୍ରସ୍ତାବ ରଖିଥିଲେ ; କିନ୍ତୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଇ ନାହାନ୍ତି। ସେହିପରି ୨୦୨୨ ଅକ୍ଟୋବର ୧୦ ତାରିଖରେରେ ଅତିରିକ୍ତ ୨୦ଟି ପ୍ରସ୍ତାବକୁ ସମସ୍ତ ଯଥାର୍ଥତା, ସୂଚନା ଏବଂ ସୁପାରିସ ସହିତ ଏସଟି ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟକୁ ପଠାଯାଇଛି। ମାତ୍ର କେନ୍ଦ୍ର ପକ୍ଷରୁ ଏନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳିନାହିଁ।

## ଫେବୃଆରୀରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଶୁଣାଣି

**ଭୁବନେଶ୍ୱର, ୧୮ ।୧୨(ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଶୁଳ୍କବୃଦ୍ଧି ଶୁଣାଣି ପ୍ରକ୍ରିୟା ବିଧିବଦ୍ଧ ଭାବେ ଆରମ୍ଭ ହୋଇଯାଇଛି। ଓଇଆରସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଯାବତ୍ ଟାଟା ପାୱାର୍ ଦ୍ୱାରା ପରିଚାଳିତ ୪ଟି ବିଦ୍ୟୁତ୍ ବିତରକ କମ୍ପାନୀ ସହ ଗ୍ରୀଡ୍‌କୋ, ଓଚ୍‌ପିସି, ଓପିଜିସି, ଓପିଟିସିଏଲ୍, ଏସ୍‌ଏଲ୍‌ଡିସି ପକ୍ଷରୁ ନିଜର ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଦରବୃଦ୍ଧି ସମ୍ପର୍କିତ ଆବେଦନ କରାଯାଇଛି। ଆସନ୍ତା ଫେବୃଆରୀ ପ୍ରଥମ ସପ୍ତାହରେ ଉପରୋକ୍ତ ଆବେଦନଗୁଡ଼ିକ ଉପରେ କମିଶନ ଶୁଣାଣି ପ୍ରକ୍ରିୟା ଆରମ୍ଭ କରିବେ। ସମସ୍ତ ଆବେଦନକାରୀଙ୍କ ଆବେଦନର ଶୁଣାଣି ପରେ ମାର୍ଚ୍ଚ ମାସ ୨୩ ତାରିଖରେ ଆୟୋଗ ଦରବୃଦ୍ଧି ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରୀଡ୍‌କୋ ପକ୍ଷରୁ ଯେଉଁ ଆବେଦନ କରାଯାଇଛି, ସେଥିରେ ୨୦୨୪-୨୫ ବର୍ଷ ପାଇଁ ବଲ୍କ ସପ୍ଲାଇ ପ୍ରାଇସ(ବିଏସ୍‌ପି)ରେ ଚଳିତ ଆର୍ଥିକ ବର୍ଷ ତୁଳନାରେ ୨୪ ପ୍ରତିଶତ ବୃଦ୍ଧି କରିବାକୁ ଆବେଦନ କରାଯାଇଛି। ଆବେଦନ ଅନୁଯାୟୀ ଗ୍ରୀଡ୍‌କୋ ଆସନ୍ତା ଆର୍ଥିକ ବର୍ଷ ପାଇଁ ମୋଟ ୧୩୯୧୨.୪ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ କରିବାକୁ ବିଏସ୍‌ପି ୟୁନିଟ୍ ପିଛା ୩୮୩.୬୬ ପଇସା ଧାର୍ଯ୍ୟ କରିବାକୁ ଗ୍ରୀଡ୍‌କୋ ଆୟୋଗଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨ଟି ଆର୍ଥିକ ବର୍ଷରେ ଆୟୋଗ ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ ରଖିଛନ୍ତି। ଏହାସହ ସାଧାରଣ ଉପଭୋକ୍ତାଙ୍କ ସମେତ, କୃଷକଙ୍କ ପାଇଁ ଅନେକ ରିଆତି ବ୍ୟବସ୍ଥା କରାଯାଇଛି।

- ମାର୍ଚ୍ଚ ୨୩ରେ ଆସିପାରେ ଆୟୋଗଙ୍କ ନିର୍ଦ୍ଦେଶନାମା
- ଗତ ୨ ବର୍ଷ ଧରି ରାଜ୍ୟରେ ଅପରିବର୍ତ୍ତିତ ରହିଛି ବିଦ୍ୟୁତ୍ ଶୁଳ୍କ




# ଚାଲିବ ନାହିଁ 'କା' ଶାସନ

- 'ପ୍ରକ୍ସି ସରପଞ୍ଚ'ଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ
- ଆବଶ୍ୟକ ହେଲେ ଫୌଜଦାରୀ ମାମଲା ରୁଜୁ ନିର୍ଦ୍ଦେଶ
- ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲା ପଞ୍ଚାୟତିରାଜ ବିଭାଗ

**ଭୁବନେଶ୍ୱର, ୧୮ ।୧୨(ସମିସ):** ରାଜ୍ୟର କିଛି ପଞ୍ଚାୟତରେ ମହିଳା ସରପଞ୍ଚମାନଙ୍କ କ୍ଷମତାକୁ ତାଙ୍କର ବାପା, ସ୍ୱାମୀ, ଭାଇ, ଦିଅର, ଦେଢ଼ଶୁର, ପୁଅ ବା ତାଙ୍କର ସମ୍ପର୍କୀୟମାନେ ଅପହରଣ କରି 'ପ୍ରକ୍ସି' ସରପଞ୍ଚ ଭାବରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ସରପଞ୍ଚଙ୍କ 'କା' ହୋଇ ଏହି ବ୍ୟକ୍ତିବିଶେଷ ନିଜକୁ ସରପଞ୍ଚ ମନେ କରି କାର୍ଯ୍ୟ କରୁଛନ୍ତି। କେବଳ କାଗଜପତ୍ରରେ ମହିଳା ସରପଞ୍ଚ ସ୍ୱାକ୍ଷର କରୁଥିବା ବେଳେ ଅନ୍ୟାନ୍ୟ ନିଷ୍ପତ୍ତି ଓ କାର୍ଯ୍ୟ ଏହି ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ପାଦିତ ହେଉଛି। ଏପରିକି ମହିଳା ସରପଞ୍ଚମାନଙ୍କ ଫୋନ୍ ମଧ୍ୟ ଏହି ବ୍ୟକ୍ତିମାନେ ଉଠାଉଛନ୍ତି। ଏହାକୁ ରୋକିବା ସହ ମହିଳା ସରପଞ୍ଚମାନଙ୍କୁ ବାସ୍ତବ କ୍ଷମତା ପ୍ରଦାନ, ନିଜ ଅଞ୍ଚଳ ଓ ସରକାରୀସ୍ତରରେ ସେମାନଙ୍କ ସକ୍ରିୟତା ବୃଦ୍ଧିକୁ ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ ବିଭାଗ ଆରମ୍ଭ କରିଛି ପଦକ୍ଷେପ। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ୍ କୁମାର ଲୋହାନୀ ଏ ସଂକ୍ରାନ୍ତରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ପ୍ରକ୍ସି ସରପଞ୍ଚଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏମିତି କି ଆବଶ୍ୟକ ପଡ଼ିଲେ, ସମ୍ପୃକ୍ତ ପ୍ରକ୍ସି ସରପଞ୍ଚଙ୍କ ବିରୋଧରେ ଫୌଜଦାରୀ ମାମଲା ମଧ୍ୟ ଦାୟର କରିବାକୁ ସେ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନ ପଞ୍ଚାୟତିରାଜ ବ୍ୟବସ୍ଥାରେ ରାଜ୍ୟରେ ମହିଳାମାନଙ୍କ ପାଇଁ ୫୦% ସ୍ଥାନ ସଂରକ୍ଷଣ ରହିଛି। ଫଳସ୍ୱରୂପ ରାଜ୍ୟର ୫୦%ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ମହିଳା ସରପଞ୍ଚ ରହିଛନ୍ତି। ଏହାକୁ ଗୁରୁତ୍ୱ ଦେଇ ଶ୍ରୀ ଲୋହନୀ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରି ଏହି ବ୍ୟବସ୍ଥାକୁ ମଜଭୁତ କରିବା ଜରୁରୀ ବୋଲି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚିତ ମହିଳା ପ୍ରତିନିଧିମାନେ କିପରି ନିଜର ଦାୟିତ୍ୱ ତୁଲାଇବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଏପରି ଅଭିଯୋଗଗୁଡ଼ିକ ବିରୋଧରେ ତୁରନ୍ତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ମହିଳା ସଶକ୍ତୀକରଣକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ଜାତୀୟସ୍ତରରେ ପ୍ରଶଂସିତ ହୋଇଛନ୍ତି। ଏହି ଧାରାକୁ ଜାରି ରଖି କିପରି ମହିଳାମାନଙ୍କୁ ଅସଲ କ୍ଷମତାର ହକଦାର୍ କରି ହେବ, ତାକୁ ସୁନିଶ୍ଚିତ କରାଇବା ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ପାଇଁ ସଂରକ୍ଷଣ ସୁବିଧାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ପୂର୍ବରୁ ପ୍ରକ୍ସି ସରପଞ୍ଚଙ୍କ ପ୍ରସଙ୍ଗ ହାଇକୋର୍ଟରେ ମଧ୍ୟ ପହଞ୍ଚିଥିଲା। ରାଜ୍ୟରେ ଯେଉଁ ସ୍ଥାନରେ ଏଭଳି ଛାୟା ସରପଞ୍ଚ ବ୍ୟବସ୍ଥା ଚାଲିଛି, ତାହାକୁ ବନ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

● ଏସ୍‌ଟିଏଫ୍ ଯାଞ୍ଚରୁ ଜଣାପଡ଼ିଲା ଖଣିଜ ଚୋରିର ନୂଆ ରାସ୍ତା

# ଲୋ' ଗ୍ରେଡ୍ ଅନୁମୋଦନରେ ହାଇଗ୍ରେଡ୍ ଖଣିଜ ରପ୍ତାନୀ !

**ଯୋଡ଼ା,୧୮ ।୧୨(ସମିସ):** ଉଚ୍ଚମାନର (ହାଇଗ୍ରେଡ୍) ଖଣିଜକୁ ନିମ୍ନମାନର (ଲୋ' ଗ୍ରେଡ୍) ଦର୍ଶାଇ ବର୍ଷବର୍ଷ ଧରି ଖଣିଜ ଚୋରି ଓ ରାଜସ୍ୱ ଫାଙ୍କି ଆସୁଥିବା ଯୋଡ଼ା ଖଣି ମଣ୍ଡଳସ୍ଥିତ ଜଗତ ଜନନୀ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ର କଳା କାରନାମା ଏବେ ପଦାକୁ ଆସିଛି। ସ୍ପେସାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ଚଢ଼ଉ ପରେ ସଂସ୍ଥାର ହେରଫେର୍ ପଦାକୁ ଆସିଥିବା କୁହାଯାଉଛି।

## ଯାଞ୍ଚ ପାଇଁ ନମୁନା ଗଲା ବାରିପଦା

ସୂଚନାରୁ ପ୍ରକାଶ ଯେ ଭଦ୍ରକ ଜିଲ୍ଲା ଧାମରା ବନ୍ଦରରେ ଏସ୍‌ଟିଏଫ୍ ଚଢ଼ଉ କରି ୧୪ଟି ଲୁହାପଥର ବୋଝେଇ ଟ୍ରକ୍ ଅଟକ ରଖିଥିଲା। ସନ୍ଦେହ ହେବାରୁ, ଲୁହାପଥରର ମାନ ନିରୂପଣ ପାଇଁ ଟ୍ରକ୍‌ରୁ କିଛି ନମୁନା ସଂଗ୍ରହ କରି ବାରିପଦା ଡେପୁଟି ଡାଇରେକ୍ଟର୍ କେମିକାଲ ଆନାଲିସିସ୍‌କୁ ପଠାଯାଇଛି। ଏହାର ଲିଙ୍କ୍ ଯୋଡ଼ା ଖଣି ମଣ୍ଡଳସ୍ଥିତ ଜଗତ ଜନନୀ ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ୍‌ର ଜଳହରି ଖଣିରେ ଜଣାପଡ଼ିବା ପରେ ଖଣି ବିଭାଗ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ପବିତ୍ର ସାହୁଙ୍କ ନେତୃତ୍ୱରେ ଷ୍ଟେଟ୍ ଲେଭେଲ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍, ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟର ଖଣି ସ୍କ୍ୱାଡ୍ ଯାଇ ଜଳହରି ଲୌହ ଖଣିରେ ପରିବହନ ହେଉଥିବା ଷ୍ଟକ୍ ଯାଞ୍ଚ କରୁଛନ୍ତି।

ପ୍ରକାଶ ଥାଉ କି, ୨୦୨୦ ମସିହାରେ ଏହି ଖଣିକୁ ସର୍ବୋଚ୍ଚ ୧୨୬.୨୩ ପ୍ରତିଶତ ପ୍ରିମିୟମ ନିଲାମ ଡାକି ଖଣି ପାଇଥିଲା। ଲୋ' ଗ୍ରେଡ୍‌ର ଅନୁମୋଦନରେ କିପରି ହାଇଗ୍ରଡ୍ ଲୁହାପଥର ପରିବହନ କରାଗଲା, ଏହାର ତଦନ୍ତ ଖଣି ବିଭାଗ କରୁଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ହେଁ ଜଗତଜନନୀ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କୌଣସି ମତାମତ ମିଳିପାରିନାହିଁ।

## ଦିବ୍ୟାଙ୍ଗ, କିନ୍ନର ଓ ବରିଷ୍ଠ ନାଗରିକଙ୍କୁ ଗୋଟେ ଛାତ ତଳେ ମିଳିବ ସମସ୍ତ ସୁବିଧା

# ଅସହାୟଙ୍କ ସାହାରା ପାଲଟିବ ଆଇଆଇସି

**ଭୁବନେଶ୍ୱର, ୧୮ ।୧୨(ସମିସ):** ବୟୋଜ୍ୟେଷ୍ଠ ନାଗରିକ, ଅସହାୟ ବ୍ୟକ୍ତି, କିନ୍ନର ଓ ଦିବ୍ୟାଙ୍ଗମାନଙ୍କୁ ଗୋଟିଏ ଛାତ ତଳେ ମିଳିବ ସବୁପ୍ରକାର ସୁବିଧା। ସେମାନଙ୍କ ଚିକିତ୍ସା, ଥଇଥାନ ସହ ଜୀବନଜୀବିକା ତଥା ପୁନର୍ବାସ ନିମନ୍ତେ ମିଳିବ ସୁଯୋଗ। ଏହି ଲକ୍ଷ୍ୟରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର (ଆଇଆଇସି) ପ୍ରତିଷ୍ଠା ପାଇଁ ପ୍ରକଳ୍ପ ହାତକୁ ନିଆଯାଇଛି। ତେବେ ଏହି ଆଇଆଇସିଗୁଡ଼ିକୁ ଅଧିକ ସୁବିଧା ସୁଯୋଗ ଯୋଗାଇଦେଇ ଏହାକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। ପ୍ରଥମ ପର୍ଯ୍ୟାୟରେ ୯ ଜିଲ୍ଲାରେ ଆଇଆଇସି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୧୨ଜିଲ୍ଲାରେ କାମ ଆରମ୍ଭ ହେବ। ଇତିମଧ୍ୟରେ ୫ଆଇଆଇସି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠି ଏବଂ ଜିଲ୍ଲା ଖଣିଜ ପାଣ୍ଠି ବିନିଯୋଗ କରାଯାଇଛି। ଏଠାରେ ବରିଷ୍ଠ ନାଗରିକ, ଅସହାୟ, ନିରାଶ୍ରୟ ବାସସ୍ଥାନ ସମେତ ଫିଜିଓଥେରାପି ସେଣ୍ଟର୍, ମେଡିକାଲ ୟୁନିଟ୍, ପୁନର୍ବସନ କେନ୍ଦ୍ର, ଦୃଷ୍ଟିବାଧିତ/ ଶ୍ରବଣ ବାଧିତ ପିଲାଙ୍କ ସମେତ ଇଣ୍ଟେଲେକଚୁଆଲ ଡିଜାବିଲିଟି ଗ୍ରସ୍ତ ପିଲାଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ରହିବ।

ସୂଚନାନୁସାରେ, ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ସାପ୍ତାହିକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ଆଇଆଇସି ନିର୍ମାଣ କାର୍ଯ୍ୟ ଆଗକୁ ନେବେ। ସମ୍ପୃକ୍ତ ଜିଲ୍ଲାପାଳଙ୍କ ଅନୁମତିକ୍ରମେ ନିର୍ମିତ ହୋଇଥିବା ଆଇଆଇସିରେ ସବୁ ପ୍ରକାର ସେବା ଓ ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି କୁହାଯାଇଛି। ଏଥିସହ ଅନ୍ତେବାସୀଙ୍କ ଆବଶ୍ୟକତା ଅନୁଯାୟୀ ସାମଗ୍ରୀ କ୍ରୟ, ମେସିନ୍ ଆଦି କ୍ରୟ କରାଯାଉଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବା ଲାଗି ଅଧିକ ମାନବସମ୍ବଳ ନିୟୋଜନ ପାଇଁ ନିର୍ଦ୍ଦେଶ ରହିଛି। ବିଭାଗର ବରିଷ୍ଠ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବେ ଏବଂ ମାଷ୍ଟର ପ୍ଲାନ୍ ଅନୁସାରେ ଆଇଆଇସି ନିର୍ମାଣ କାର୍ଯ୍ୟ ହେଉଛି କି ନାହିଁ, ତାହା ସମ୍ପୃକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଶ୍ଚିତ କରିବେ।

ସେହିପରି ବିଭାଗୀୟ ମୁଖ୍ୟାଳୟ ତରଫରୁ ସାପ୍ତାହିକ ସମୀକ୍ଷା କରାଯାଉଛି। ଆଇଆଇସି ପରିଚାଳନା ପାଇଁ ଶ୍ରଦ୍ଧାଳୟା ମାର୍ଗଦର୍ଶିକା ଅନୁଯାୟୀ ମାନବସମ୍ବଳ ନିଯୁକ୍ତ କରାଯିବ। ଏଥିପାଇଁ ବେସରକାରୀ ଅନୁଷ୍ଠାନ (ଏନଜିଓ) ନିଯୁକ୍ତ କରାଯିବ। ସରକାରଙ୍କ ନିୟମ ଅନୁସାରେ ଆଇଆଇସିରେ ହିତାଧିକାରୀଙ୍କୁ ରଖିବା ପାଇଁ ହିତାଧିକାରୀଙ୍କ ଚୟନ କରାଯିବ।

- ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ ଆଇଆଇସି
- ଦ୍ୱିତୀୟ ପର୍ଯ୍ୟାୟରେ ୧୨ ଜିଲ୍ଲାରେ ଆରମ୍ଭ ହେବ କାମ

ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, ପୁରୀ, ସମ୍ବଲପୁର, କନ୍ଧମାଳ, ଭଦ୍ରକ, ମାଲକାନଗିରି, ଗଞ୍ଜାମ, ନବରଙ୍ଗପୁର ଓ କଟକରେ ଆଇଆଇସି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରୁ ଖୋର୍ଦ୍ଧା, କଟକ, ସମ୍ବଲପୁର, କନ୍ଧମାଳ, ଗଞ୍ଜାମ, ସୁନ୍ଦରଗଡ଼ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କେବଳ ସମ୍ବଲପୁରକୁ ବାଦ୍ ଦେଇ ଅନ୍ୟ ଜିଲ୍ଲାର ଆଇଆଇସି କାର୍ଯ୍ୟକ୍ଷମ ହୋଇଛି। ମାଲକାନଗିରି ଓ ନବରଙ୍ଗପୁରରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଭଦ୍ରକ ଓ ପୁରୀ ଆଇଆଇସି ପ୍ରସ୍ତୁତ ଅଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଜିଲ୍ଲାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଖୋର୍ଦ୍ଧା ଜିଲ୍ଲାରେ ତିନିଟି ଆଇଆଇସିର କ୍ଷମତା ଯଥାକ୍ରମେ ୧୨୦, ୩୫ ଓ ୨୪ ରହିଛି। ସେହିପରି ପୁରୀରେ ୩୫, କନ୍ଧମାଳରେ (୩ରୁ ଗୋଟିଏରେ) ୫୦, ସୁନ୍ଦରଗଡ଼ରେ ୧୭୯, କଟକରେ ଦୁଇ ଆଇଆଇସିରେ ଯଥାକ୍ରମେ ୩୦ ଜଣ ଓ ୨୯ ଜଣ ହିତାଧିକାରୀ ଅଛନ୍ତି।



▶ କ୍ରୀଡ଼ା ପୃଷ୍ଠାରେ...

• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-174 •BHUBANESWAR •TUESDAY •19 DECEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୭୪ •ଭୁବନେଶ୍ୱର •ମଙ୍ଗଳବାର •୧୯ ଡିସେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦







## ବିକାଶ ବିରୋଧୀଙ୍କୁ ପାଣ୍ଡିଆନଙ୍କ ପୁଣି ତେରଛା ତୀର

# ଆଖି ଥାଇ ଅନ୍ଧ

## ଚେଇଁ ଶୋଇଥିବ ଯିଏ, ତାକୁ ଉଠାଇବ କିଏ

- ଚେଇଁଥିବା ସତ୍ତ୍ୱେ କିଛି ବିରୋଧୀ କରୁଛନ୍ତି 'ନିଦ ନାଟକ'
- ଯିଏ ବିକାଶକୁ ଆଖି ବୁଜି ଦେଇଛି, ତାକୁ ଶୋଇବାକୁ ଦିଆଯାଉ
- ଆମେ ଜାରି ରଖିବା ଓଡ଼ିଶାର ସାମଗ୍ରିକ ରୂପାନ୍ତରଣ ଯାତ୍ରା
- ବିଶ୍ୱ ଓଡ଼ିଶା ବିକାଶର ସାକ୍ଷୀ, ଦେଖିପାରୁ ନାହାନ୍ତି ବିରୋଧୀ
- ମୁଖ୍ୟମନ୍ତ୍ରୀଙ୍କ ଜନମଙ୍ଗଳ କାମକୁ ସମର୍ଥନ ଲାଗି ଆହ୍ୱାନ



■ କେନ୍ଦ୍ରାପଡ଼ା,୧୮ ।୧୨(ସମିସ): ଗୋଟିଏ ଦିନର ବ୍ୟବଧାନରେ ରାଜ୍ୟ ବିକାଶର ବିରୋଧୀଙ୍କୁ ପୁଣି କଡ଼ା ସମାଲୋଚନା କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଗତକାଲି ଗଞ୍ଜାମ ଗସ୍ତରେ ଶ୍ରୀ ପାଣ୍ଡିଆନ୍ ବିରୋଧୀଙ୍କୁ ଆଖି ▶ପୃଷ୍ଠା-୯

# କଡ଼ ଲେଉଟାଉଛି କରୋନା!

**କେରଳ, ଉତ୍ତରପ୍ରଦେଶରେ ୫ ଜଣଙ୍କ ମୃତ୍ୟୁ ପରେ ବଢ଼ିଲା ଆଶଙ୍କା**

**ସବୁ ରାଜ୍ୟକୁ ସତର୍କ କଲା କେନ୍ଦ୍ର**

■ ନୂଆଦିଲ୍ଲୀ,୧୮ ।୧୨(ଏଜେନ୍ସି): ଦେଶରେ ପୁଣି ଥରେ ମହାମାରୀ କରୋନା ଭୟ ମୁଣ୍ଡ ଟେକିଛି। କରୋନାର ଉପପ୍ରଜାତି ଜେଏନ ୧ ଭାରତରେ ଠାବ ହେବା ପରଠାରୁ ବିଭିନ୍ନ ମହଲରେ ଚିନ୍ତା ବଢ଼ିଛି। ଇତିମଧ୍ୟରେ କେରଳରେ କରୋନାରେ ସଂକ୍ରମିତ ହୋଇଥିବା ନୂଆ ▶ପୃଷ୍ଠା-୯

## ସଂସଦ ସୁରକ୍ଷା ତ୍ରୁଟି ପ୍ରସଙ୍ଗରେ ବିରୋଧୀଙ୍କ ଜୋରଦାର ହଙ୍ଗାମା

# ୭୮ ସାଂସଦ ନିଲମ୍ବିତ

**ଶୀତ ଅଧିବେଶନରେ ନିଲମ୍ବିତ ହେଲେଣି ୯୨ ସାଂସଦ**



■ ନୂଆଦିଲ୍ଲୀ,୧୮ ।୧୨(ଏଜେନ୍ସି): ସଂସଦ ସୁରକ୍ଷା ତ୍ରୁଟି ପ୍ରସଙ୍ଗରେ ସୋମବାର ସଂସଦର ଉଭୟ ଗୃହ ଦୁଲୁକିଛି। ସରକାର ଏହି ପ୍ରସଙ୍ଗରେ ଗୃହରେ ଟିପ୍ପଣୀ ରଖିବା ଦାବିରେ କଂଗ୍ରେସ ସମେତ ବହୁ ବିରୋଧୀ ଦଳ ହଙ୍ଗାମା କରିଛନ୍ତି। ବିରୋଧୀ ସଦସ୍ୟମାନେ ସେମାନଙ୍କ ଦାବିକୁ ନେଇ ଗୃହ ମଧ୍ୟକୁ ଚାଲି ଆସି ହୋହଲ୍ଲା କରିବା ପରେ ଗୃହ କାର୍ଯ୍ୟ ପରିଚାଳନା ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ଉଭୟ ଗୃହର ୭୮ ସାଂସଦଙ୍କୁ ନିଲମ୍ବିତ କରାଯାଇଛି। ସୋମବାର ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଏବଂ ଅନ୍ୟାନ୍ୟ ବହୁ ବିରୋଧୀ ଦଳର ▶ପୃଷ୍ଠା-୯

## ଲୋକକଥା



ବିକାଶ ବିରୋଧୀ ଧରାଶାୟୀ ହେବେ
ଲୋଡ଼ା ହେଲେ ଲୋକମତ,
ସବୁ ସମାଧାନ କରିବେ ଜନତା
ରହିବନି ଉତ୍ପାତ।
ରାଇଜ ପ୍ରଗତି ରଥ
ଗଡ଼ିଲାବେଳକୁ ପଛରୁ ଟାଣିଲ,
ଓଲଟି ଖାଇବ ନାତ !!

## ବୁଖାରୀ ପାଇଁ ବଢ଼ିଲା ସୁରକ୍ଷା ବଳୟ

# ପାଞ୍ଚଦିନ ରିମାଣ୍ଡ, ପତ୍ନୀଙ୍କ ଚାକିରି ଗଲା

■ ଧର୍ମଶାଳା/କୋରେଇ, ୧୮ ।୧୨ (ସମିସ): ଧର୍ମଶାଳା ଥାନା ନେଉଳପୁର ଅଞ୍ଚଳରୁ ଧରାପଡିଥିବା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କ ଗୁମର ଧୀରେ ଧୀରେ ଖୋଲୁଛି କ୍ରାଇମ୍ ବ୍ରାଞ୍ଚର ଏସଟିଏଫ୍। ଚଣ୍ଡିଖୋଲ ଜେ ଏ ମ ଏ ଫ୍ ସି କୋର୍ଟରେ ଏସଟିଏଫ ପକ୍ଷରୁ ଆଜି ୭ ଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲା। ତେବେ ୫ ଦିନ ପାଇଁ ରିମାଣ୍ଡ ମିଳିଥିବା ସରକାରୀ ଓକିଲ ପ୍ରକାଶ ଦାସ ସୂଚନା ଦେଇଛନ୍ତି। ସେହିପରି ନେଉଳପୁରରେ ଏକ ଘରୋଇ ସ୍କୁଲରେ ଚାକିରି କରିଥିବା ବୁଖାରୀର ପତ୍ନୀ ସେହେନାଜ ପରବିନଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଆଜି ଚାକିରିରୁ ବିଦା କରିଦେଇଥିବା ଜଣାପଡିଛି।





ସୂଚନା ମୁତାବକ, ନେଉଳପୁର ଅଞ୍ଚଳର କବିର ଉଦ୍ଦିନଙ୍କ ଝିଅ ସେହେନାଜ ପରବିନ (୩୦)ଙ୍କୁ ପ୍ରେମ ଜାଲରେ ଫସାଇଥିଲା ବୁଖାରୀ। ୨୦୧୬ରେ ସେ ନେଉଳପୁର ଆସି ପରବିନଙ୍କୁ ବିବାହ କରିବା ସହ ମିଲନଗରରେ ଏକ ଭଡ଼ାଘରେ ରହି ଆସୁଥିଲେ। ପରଓବିନ ଉଚ୍ଚଶିକ୍ଷିତା ହୋଇଥିଲେ ମଧ୍ୟ କଶ୍ମୀର ଯୁବକଙ୍କ ପ୍ରେମ ଜାଲରେ ପଡ଼ି ନିଜ ପରିବାର ଲୋକଙ୍କ ବିନା ଅନୁମତିରେ ତାକୁ ବିବାହ କରିଥିଲେ। ଏଥିପୂର୍ବରୁ ପରୱିନଙ୍କୁ ପରିବାର ଲୋକେ ଯାଜପୁର ସଦର ଥାନା ବରୁଆଁ ଅଞ୍ଚଳରେ ବିବାହ କରାଇଥିଲେ। ହେଲେ ବିବାହର କିଛି ବର୍ଷ ▶ପୃଷ୍ଠା-୯

## ଖଣି ପ୍ରଭାବିତ ଅଞ୍ଚଳର ବିକାଶରେ ନୂତନ ଅଧ୍ୟାୟ

# ଗୁଣବତ୍ତା ନିୟନ୍ତ୍ରଣ ଲ୍ୟାବ୍, ନମୁନା ପ୍ରକ୍ରିୟାକରଣ ୟୁନିଟ୍ ଉଦ୍‌ଘାଟିତ



- ଓଏମ୍‌ସିର ନୂଆ କର୍ପୋରେଟ୍ ଅଫିସର ଶିଳାନ୍ୟାସ
- ୫ ଓଏଭିର ଶିଳାନ୍ୟାସ, ୬ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ଶୁଭାରମ୍ଭ

■ ଭୁବନେଶ୍ୱର,୧୮ ।୧୨(ସମିସ): ରାଜ୍ୟରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) କେବଳ ଅର୍ଥନୀତିରେ ଯୋଗଦାନ କରୁନାହିଁ; ପରିବେଶ ଉପଯୋଗୀ ଖଣି ଉତ୍ତୋଳନକୁ ମଧ୍ୟ ଗୁରୁତ୍ୱ ଦେଉଛି। ଏହାସହିତ ଓଏମ୍‌ସି ବିଭିନ୍ନ ଲୋକକୈନ୍ଦ୍ରିକ ବିକାଶ କାର୍ଯ୍ୟ ହାତକୁ ନେଇ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରୁଛି। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ଅନେକ ଉନ୍ନତି ପରିଲକ୍ଷିତ ହୋଇପାରୁଛି ବୋଲି ▶ପୃଷ୍ଠା-୯




■ କେଜ୍ରିୱାଲଙ୍କୁ ପୁଣି ଇଡି ସମନ

# ୨୧ରେ ହାଜର ହେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ପୁଣି ସମନ ଜାରି କରାଯାଇଛି। ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ଜଡ଼ିତ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ଡିସେମ୍ବର ୨୧ରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଏହା ପୂର୍ବରୁ ଗତ ନଭେମ୍ବର ୨ ରେ କେଜ୍ରିୱାଲଙ୍କୁ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ନୋଟିସ ପଠାଯାଇଥିଲା। କିନ୍ତୁ ସେ ଏହି ନୋଟିସକୁ ବେଆଇନ ଦର୍ଶାଇ ହାଜାର ହୋଇ ନଥିଲେ। ତେବେ ବର୍ତ୍ତମାନ ଜାରି କରାଯାଇଥିବା ନୋଟିସ୍‌କୁ ନେଇ କେଜ୍ରିୱାଲ କି ପଦକ୍ଷେପ ନେବେ ତାହା ଏବେ ରାଜନୀତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଆପର ରାଜ୍ୟସଭା



ସାଂସଦ ସଞ୍ଜୟ ସିଂହ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଅନ୍ୟ ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ଆଧାରରେ ଇଡି କେଜ୍ରିୱାଲଙ୍କୁ ମଧ ପଚରାଉଚରା କରିବାକୁ ଚାହୁଁଛି।

ଗୋଟିଏ ଅଧିବେଶନରେ ୯୨ ସାଂସଦ ନିଲମ୍ବିତ

# 'ଗଣତନ୍ତ୍ର ଉପରେ ବୁଲ୍‌ଡୋଜର୍ ଚଳାଇଛି କେନ୍ଦ୍ର'

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି)

ସଂସଦର ମୌସୁମୀ ଅଧିବେଶନ ଠାରୁ ଆରମ୍ଭ କରି ଶୀତ ଅଧିବେଶନ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଅଧିକାଂଶ କାଳ ପ୍ରଭାବିତ ହୋଇଛି। ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ବିରୋଧୀ ଦଳ ଘେରିବା ସହିତ ଗୃହରେ ହଙ୍ଗାମା ଚଳାଇ ଆସିଥିବାରୁ ସଂସଦର ଅଧିକାଂଶ କାର୍ଯ୍ୟ ଦିବସ ଧୋଇ ଯାଇଛି। ବର୍ତ୍ତମାନ ଶୀତକାଳୀନ ଅଧିବେଶନରେ ସଂସଦ ସୁରକ୍ଷା ତ୍ରୁଟିକୁନେଇ ବିରୋଧୀ ଦଳ ଗତ ୪ ଦିନ ହେଲା କେନ୍ଦ୍ରକୁ ଘେରିଛନ୍ତି। ବିରୋଧୀଙ୍କ ହଙ୍ଗାମା ଯୋଗୁଁ ପୂର୍ବରୁ ୧୪ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା ବେଳେ ସୋମବାର ରାଜ୍ୟସଭାର ୪୫ ଏବଂ ଲୋକସଭାର ୩୩ ସାଂସଦଙ୍କୁ ମିଶାଇ ମୋଟ ୭୮ ସଦସ୍ୟଙ୍କୁ ନିଲମ୍ବିତ କରାଯାଇଛି। ବିଶୃଙ୍ଖଳିତ ଆଚରଣ ଓ ଗୃହ କାର୍ଯ୍ୟରେ ବାରମ୍ବାର ବାଧା ସୃଷ୍ଟି କରୁଥିବା ସାଂସଦଙ୍କୁ ନିଲମ୍ବିତ କରାଯାଇଛି ବୋଲି ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖର





କହିଛନ୍ତି। କିନ୍ତୁ ଏହି ଘଟଣାକୁ କଂଗ୍ରେସ ସମେତ ବହୁ ବିରୋଧୀ ଦଳ ଅଗଣତାନ୍ତ୍ରିକ ବୋଲି କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ କହିଛନ୍ତି ଯେ, ସଂସଦ ସୁରକ୍ଷା ତ୍ରୁଟି ପ୍ରସଙ୍ଗରେ ଗୃହମନ୍ତ୍ରୀ ଟିପ୍ପଣୀ ରଖନ୍ତୁ ବୋଲି ଆମେ ଦାବି କରିଥିଲୁ। କିନ୍ତୁ ସରକାର ଏଥିନେଇ କିଛି କରିବା ପରିବର୍ତ୍ତେ ସାଂସଦମାନଙ୍କୁ ନିଲମ୍ବିତ କରିଛନ୍ତି। ଯାହାକି କେନ୍ଦ୍ର ସରକାରଙ୍କ ଅହଙ୍କାର ଓ ଅତ୍ୟାଚାରକୁ ପ୍ରମାଣିତ କରିଛି ବୋଲି ଖଡ଼ଗେ କହିଛନ୍ତି। ଗୋଟିଏ ଅଧିବେଶନରେ ୧୦୦ ପାଖାପାଖି ସାଂସଦଙ୍କୁ ନିଲମ୍ବନ କରାଯିବା ଗଣତନ୍ତ୍ର ଏବଂ ସାମ୍ବିଧାନିକ ବ୍ୟବସ୍ଥା ଉପରେ ବୁଲଡୋଜର ଚଳାଇବା ସହ ସମାନ। କେନ୍ଦ୍ର ସରକାର ନିଜ ଅହଂକାରର ସବୁ ସୀମା ଟପି ଏଭଳି କରିଛନ୍ତି ବୋଲି ଖଡ଼ଗେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୋମବାର ରାଜ୍ୟସଭାରୁ ଜୟରାମ ରମେଶ, କେସି ବେଣୁଗୋପାଳ, ପ୍ରମୋଦ ତିୱାରୀ, ରାମନାଥ ଠାକୁର, ମନୋଜ ଝା, ରାମ ଗୋପାଳ ଯାଦବ, ଜାବେଦ ଅଲ୍ଲୀ ଖାନ୍, ମହୁଆ ମାଜି, ରଣଦୀପ ସୂର୍ଯେୱାଲା, ରଜନୀ ପାଟିଲ, ଶାନ୍ତନୁ ସେନ୍, ସମୀରୁଲ ଇସଲାମ, ଫୟାଜ ଅହମ୍ମଦ, ଅଜିତ କୁମାର, ନାରାୟଣଭାଇ ଜେଠୱା, ରଞ୍ଜିତ ରଞ୍ଜନ, ଏମ ସଙ୍ଗମ, ଅମି ଯାଗନିକ, ଫୁଲୋ ଦେବୀ ନେତାମ ଏବଂ ମୌସମ ନୁରଙ୍କ ଭଳି ୪୫ ଜଣ ସାଂସଦଙ୍କୁ ନିଲମ୍ବିତ କରାଯାଇଛି।ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କୁ ଶୀତକାଳୀନ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବିତ କରାଯାଇଥିବା ବେଳେ ୧୧ ଜଣ ସାଂସଦଙ୍କୁ ପ୍ରିଭିଲେଜ୍ (ବିଶେଷାଧିକାର) କମିଟି ରିପୋର୍ଟ ଦାଖଲ ନ କରିବା ପର୍ଯ୍ୟନ୍ତ ନିଲମ୍ବିତ କରାଯାଇଛି। ସେହିପରି ଲୋକସଭାରୁ ମଧ ୩୩ ସାଂସଦଙ୍କୁ ନିଲମ୍ବିତ କରାଯାଇଛି।ନିଲମ୍ବିତ ସାଂସଦଙ୍କ ମଧ୍ୟରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଡିଏମକେ ସାଂସଦ ଟି ଆର ବାଲୁ, ଦୟାନିଧି ମାରନ୍, କେ. ଜୟକୁମାର, ଅପୂର୍ବ ପୋଦ୍ଦାର, ପ୍ରସୁନ ବାନାର୍ଜୀ, ମହମ୍ମଦ ବଶିର, ଜି. ସେଲଭମ୍, ସିଏନ୍ ଆନ୍ନାଦୁରାଇ, ଡକ୍ଟର ଟି ସୁମତି, କେ. ନବସ୍କାନି, କେ ବୀରସ୍ୱାମୀ, ଏନ୍ କେ ପ୍ରେମଚନ୍ଦ୍ରନ ଆଦି ସାଂସଦ ରହିଛନ୍ତି।

■ ପାକିସ୍ତାନ ସେନା ମୁଖ୍ୟଙ୍କୁ ଆମେରିକାର ପରାମର୍ଶ

# ଚୀନଠାରୁ ଦୂରେଇ ଭାରତ ସହ ସମ୍ପର୍କ ଯୋଡ଼

**ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି):** ସଂପ୍ରତି ଆମେରିକା ଗସ୍ତରେ ଥିବା ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କୁ ବାଇଡେନ୍ ପ୍ରଶାସନ ପକ୍ଷରୁ ସତର୍କ କରାଇ ଦିଆଯିବା ସହିତ ଭାରତ ସହ ସମ୍ପର୍କକୁ ନେଇ ପରାମର୍ଶ ଜାରି କରାଯାଇଛି। ସାଂପ୍ରତିକ ପରିପ୍ରେକ୍ଷୀରେ ପାକିସ୍ତାନ ଚୀନ୍ ଠାରୁ ଦୂରେଇ ଭାରତ ସହ ସମ୍ପର୍କ ମଜବୁତ କରୁ ବୋଲି ଆମେରିକା କହିଛି। ଆମେରିକା ସ୍ପଷ୍ଟ କରିଛି ଯେ, ପାକିସ୍ତାନରେ ଚାଲିଥିବା ସିପେକ୍ ଅର୍ଥନୈତିକ କରିଡରରେ ଚୀନ୍‌ର ଭୂମିକା ସୀମିତ ରହିବା ଉଚିତ। ପାକିସ୍ତାନ ଚୀନକୁ ନିଜ ସୁରକ୍ଷା ବ୍ୟବସ୍ଥାରେ ପହଞ୍ଚିବାକୁ ଅନୁମତି ନ ଦେବା ସହିତ ଭାରତ ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଉଚିତ୍ ବୋଲି ଆମେରିକା କହିଛି। ସିପେକ୍ ପ୍ରକଳ୍ପକୁ ନେଇ



ଚୀନ୍ ଏବେ ନାନା ସ୍ତରରେ ବିରୋଧର ସମ୍ମୁଖୀନ ହୋଇଛି। ଗିଲଗିଟ୍ ବଲ୍ଟିସ୍ତାନ ଠାରୁ ଆରମ୍ଭ କରି ବେଲୁଚିସ୍ତାନ ଯାଏଁ ଚାଇନା ଅଧିକାରୀଙ୍କ ଉପରେ ବାରମ୍ବାର ଆକ୍ରମଣ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚୀନ୍ ବେଲୁଚିସ୍ତାନରେ ସାମରିକ ପୋଷ୍ଟ ନିର୍ମାଣ ସହିତ ଏହାର ଯୁଦ୍ଧ ବିମାନ ପାଇଁ ଗ୍ୱାଦର ଅନ୍ତର୍ଜାତୀୟ ବିମାନବନ୍ଦର ବ୍ୟବହାର କରିବାକୁ ଉଦ୍ୟମ କରୁଛି। କିନ୍ତୁ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାରେ ଚୀନ୍ ପ୍ରବେଶ ନ କରୁ ବୋଲି ଆମେରିକା ଚାହଁୁଛି। ଏଥିନେଇ ଆମେରିକା ପାକିସ୍ତାନକୁ ଏଭଳି ପରାମର୍ଶ ଦେଇଥିବା କୁହାଯାଉଛି। କିନ୍ତୁ ପାକିସ୍ତାନର ଏଭଳି ଆଭିମୁଖ୍ୟକୁ ନେଇ ପାକିସ୍ତାନ ଅଡୁଆରେ ପଡିଛି। ଉଲ୍ଲେଖଯୋଗ୍ୟ ଯେ, ଘୋର ଆର୍ଥିକ ଦୁର୍ଦ୍ଦିନରେ ପଡ଼ିଥିବା ପାକିସ୍ତାନର ଋଣବୋଝ ଦିନକୁ ଦିନ ବଢି ଚାଲିଥିଲା ବେଳେ ଆଗାମୀ କିଛି ମାସ ମଧ୍ୟରେ ପାକିସ୍ତାନକୁ ୧୫ ରୁ ୧୬ ବିଲିୟନ ଡଲାର ପରିଶୋଧ କରିବାକୁ ପଡ଼ିବ। କିନ୍ତୁ ପାକିସ୍ତାନର ଆର୍ଥିକ ଏବଂ ରାଜନୈତିକ ସ୍ଥିତିକୁ ନେଇ କେହି ବି ଋଣ ଦେବାକୁ ପ୍ରସ୍ତୁତ ନାହାନ୍ତି। ତେବେ ଆଇଏମଏଫରୁ ଋଣ ମଞ୍ଜୁର ଲାଗି ଆମେରିକା ପ୍ରଭାବ ପାକାଇବା ଉଦ୍ଦେଶ୍ୟରେ ଜେନେରାଲ ମୁନିର ଗତ ୪ ଦିନ ହେଲା ଆମେରିକାରେ ଡେରା ପକାଇଛନ୍ତି।

# 'ମୋଷ୍ଟ ୱାଣ୍ଟେଡ' ଆତଙ୍କବାଦୀ ଦାଉଦ୍‌ର ମୃତ୍ୟୁକୁ ନେଇ ଦିନ ସାରା ଚର୍ଚ୍ଚା

**ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି):** ପାକିସ୍ତାନରେ ଆତ୍ମଗୋପନ କରିଥିବା ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଦାଉଦ ଇବ୍ରାହିମ୍‌ର ମୃତ୍ୟୁକୁ ନେଇ ସୋମବାର ବିଭିନ୍ନ ଗଣମାଧ୍ୟମ ସହ ସୋସିଆଲ ମିଡିଆରେ ଖବର ପ୍ରକାଶ ପାଇଛି। ଦାଉଦ୍ କରାଚୀରେ ରହୁଥିଲା ବେଳେ ତାକୁ ତା'ର କେହି ସମ୍ପର୍କୀୟ ଖାଦ୍ୟ ପାନୀୟରେ ବିଷ ଦେଇଦେଇଥିଲା। ଏହାପରେ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଦାଉଦକୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ରହିଥିବା ବିଭିନ୍ନ ଗଣମାଧ୍ୟମରେ କୁହାଯାଇଥିଲା। ଏପରିକି ଚିକିତ୍ସିତ ଅବସ୍ଥାରେ ତାହାର ମୃତ୍ୟୁ ହୋଇସାରିଥିବା ମଧ କିଛି ଗଣମାଧ୍ୟମ ରିପୋର୍ଟ କରିଛନ୍ତି। କିନ୍ତୁ ପାକିସ୍ତାନ ସରକାର କିମ୍ବା ଗଣମାଧ୍ୟମ ସୂତ୍ରରୁ ଏହି ବିଷୟ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ଦାଉଦ୍ ସମ୍ପର୍କରେ ପାକିସ୍ତାନ ସରକାରଙ୍କ ପକ୍ଷରେ କିଛି ସ୍ପଷ୍ଟ କରିବା ସମ୍ଭବ ନୁହେଁ। କାରଣ ଦାଉଦ ଜାତିସଂଘ ସମେତ ଆମେରିକା ଏବଂ ଭାରତ ଦ୍ୱାରା ଜଘନ୍ୟ ଆତଙ୍କବାଦୀ ଭାବେ ଘୋଷିତ ହୋଇସାରିଛି। ଦାଉଦକୁ ଭାରତ ହାତରେ ସମର୍ପି ଦେବାକୁ ଭାରତ ବହୁବାର



ପାକିସ୍ତାନ ସରକାରଙ୍କୁ କହିଥିଲେ ହେଁ ଦାଉଦ୍ ପାକିସ୍ତାନରେ ନାହିଁ ବୋଲି ପାକିସ୍ତାନ କହିଆସିଛି। ତେଣୁ ବର୍ତ୍ତମାନ ସ୍ଥିତିରେ ତା' ସମ୍ପର୍କରେ କିଛି ସୂଚନା ଦେବା ପାକିସ୍ତାନ ସରକାରଙ୍କ ପକ୍ଷରେ ସମ୍ଭବ ହେବ ନାହିଁ। କିନ୍ତୁ ସେଠାକାର ଗଣମାଧ୍ୟମ ବି ଏନେଇ ଚୁପ୍ ରହିଛନ୍ତି। ତେବେ ପାକିସ୍ତାନର କିଛି ୟୁଟ୍ୟୁବ ଚ୍ୟାନେଲ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ଦାଉଦ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ଦେଇଛନ୍ତି। ଏହି ସୂଚନା ଅନୁସାରେ ଦାଉଦକୁ ବିଷ ଦିଆଯିବା ପରେ ତା' ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାକୁ କରାଚୀସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ତା'ର ମୃତ୍ୟୁ ହୋଇଥିବା କିଛି ପାକିସ୍ତାନ ସୋସିଆଲ ମିଡିଆ ପ୍ଲାଟଫର୍ମରେ କୁହାଯାଇଛି। କିନ୍ତୁ ସୋସିଆଲ ମିଡିଆରେ ଏଭଳି ଖବର ପ୍ରକାଶ ପାଉଥିବାରୁ ପାକିସ୍ତାନ ସରକାରଙ୍କ ପକ୍ଷରୁ ଗତକାଲି ରାତିରୁ ଇଣ୍ଟରନେଟ୍ ଡାଉନ କରିଦିଆଯାଇଛି। ଦାଉଦ ସମ୍ପର୍କରେ ଏଭଳି ଖବରକୁ ନେଇ ଜାତୀୟ ସ୍ତରର ବହୁ ଭାରତୀୟ ଗଣମାଧ୍ୟମ ମଧ ଦିନ ସାରା ରିପୋର୍ଟ କରିଛନ୍ତି। ବିଗତ ଦିନରେ ପାକିସ୍ତାନ ମାଟିରେ ଭାରତ ବିରୋଧୀ ଆତଙ୍କବାଦୀଙ୍କୁ ଗୋଟିଏ ପରେ ଗୋଟିଏ ନିପାତ କରାଯାଇଥିଲା ବେଳେ ଦାଉଦକୁ ମଧ ସେହିକ୍ରମରେ ନିପାତ କରାଯାଇଛି ବୋଲି କୁହାଯାଇଛି।

ଲୋକସଭାରେ ଆଗତହେଲା ଟେଲିଯୋଗାଯୋଗ ବିଲ୍

# ମୋବାଇଲ ନେଟ୍‌ୱର୍କ ନିଜ ନିୟନ୍ତ୍ରଣକୁ ନେଇପାରିବେ ସରକାର

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି)

ସଂସଦର ସୁରକ୍ଷା ତ୍ରୁଟି ପ୍ରସଙ୍ଗରେ ସୋମବାର ସଂସଦର ଉଭୟ ଗୃହରେ ବିରୋଧୀ ସଦସ୍ୟଙ୍କ ହୋହଲ୍ଲା ମଧ୍ୟରେ ଲୋକସଭାରେ ସୂଚନା ଓ ଟେଲି ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟେଲିକମ୍ୟୁନିକେସନ ବିଲ୍- ୨୦୨୩ ଆଗତ କରିଛନ୍ତି। ଏହି ବିଲ୍‌କୁ ମଞ୍ଜୁରୀ ମିଳିଲେ ଟେଲି ଯୋଗାଯୋଗ କ୍ଷେତ୍ରରେ ପ୍ରଣିତ ଅନେକ ନିୟମରେ ପରିବର୍ତ୍ତନ ଅଣାଯାଇପାରିବ ବୋଲି କୁହାଯାଉଛି। ବିଶେଷକରି ଜାତୀୟ ସୁରକ୍ଷାକୁ ଆଧାର କରି କେନ୍ଦ୍ର ସରକାର ଚାହିଁଲେ ଯେ କୌଣସି ଟେଲିକମ୍ୟୁନିକେସନ ନେଟୱର୍କକୁ ଅସ୍ଥାୟୀ ଭାବେ ନିଜ ନିୟନ୍ତ୍ରଣକୁ ନେଇ ପାରିବେ। ଜରୁରୀ ପରିସ୍ଥିତି ସମୟରେ ସରକାର ଏପରି କ୍ଷମତାର ଅଧିକାରୀ ହୋଇପାରିବେ। ଲୋକସଭାରେ ଉପସ୍ଥାପିତ ହୋଇଥିବା ନୂଆ ଟେଲିକମ ବିଲ୍‌ରେ ଏହି ବ୍ୟବସ୍ଥା ରହିଛି। ଏହାବ୍ୟତୀତ ବିପର୍ଯ୍ୟୟ ପରିଚାଳନା କିମ୍ବା ଲୋକଙ୍କ ସୁରକ୍ଷା ପାଇଁ ଜରୁରୀ ପରିସ୍ଥିତି ସମୟରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଅଧିକୃତ କର୍ତ୍ତୃପକ୍ଷ ଯେକୌଣସି ମୋବାଇଲ ସେବା ନେଟୱର୍କକୁ ନିଜ ନିୟନ୍ତ୍ରଣକୁ ନେଇ ପାରିବେ ବୋଲି ଏହି ବିଲ୍‌ରେ ବ୍ୟବସ୍ଥା ଥିବା କୁହାଯାଇଛି। ଜାତୀୟ ସୁରକ୍ଷା ନିୟମକୁ ବାଦ ଦେଇ କୌଣସି ମିଡିଆ ବ୍ୟକ୍ତିବିଶେଷଙ୍କ ବାର୍ତ୍ତାକୁ ଯାଞ୍ଚ କରାଯାଇ



ପାରିବ ନାହିଁ। ଏହି ନିୟମ ପ୍ରାଧିକୃତ ମିଡିଆ ବ୍ୟକ୍ତିବିଶେଷଙ୍କ ପାଇଁ ଲାଗୁ ହେବ। ତେବେ ସର୍ବସାଧାରଣ ସୁରକ୍ଷା ପାଇଁ ସରକାର ଚାହିଁଲେ ସାଧାରଣ ବ୍ୟକ୍ତିବିଶେଷଙ୍କ ମେସେଜ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇ ପାରିବେ। ସରକାର ଚାହିଁଲେ ଟେଲିକମ୍ୟୁନିକେସନ୍ସ ନେଟୱର୍କକୁ ରଦ୍ଦ କରିପାରିବେ। ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା, ପ୍ରତିରକ୍ଷା ଓ ରାଜ୍ୟର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଯେକୌଣସି ମେସେଜକୁ ଯାଞ୍ଚ କରିବାର କ୍ଷମତା ପାଇବେ। ନେଟୱର୍କ ପ୍ରଦାନକାରୀ ସଂସ୍ଥା ମଧ ନିଯୁକ୍ତି ପ୍ରାପ୍ତ ଅଧିକୃତ ଅଧିକାରୀଙ୍କୁ ଏ ଦିଗରେ ସବୁ ପ୍ରକାରର ସହାୟତା କରିବେ। ସେହିପରି ପ୍ରବେଶ ଫି, ଲାଇସେନ୍ସ ଫି' ଓ ଜୋରିମାନା ଇତ୍ୟାଦି ହ୍ରାସ କରିବାର କ୍ଷମତା ସରକାରଙ୍କ ପାଖରେ ରହିବ ବୋଲି କୁହାଯାଇଛି।

# କାର୍ଗିଲରେ ୫.୫ ତୀବ୍ରତାର ଭୂକମ୍ପ

**ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି):** ସୋମବାର ଉଚ୍ଚ ତୀବ୍ରତାର ଭୂକମ୍ପରେ ଲଦାଖର କାର୍ଗିଲ ଭୂକମ୍ପ ଝଟକାରେ ଥରିଛି। ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୫ ରେକର୍ଡ କରାଯାଇଛି। କାର୍ଗିଲ ଅଞ୍ଚଳ ଭୂକମ୍ପର କେନ୍ଦ୍ର ସ୍ଥଳ ରହିଥିବା ବେଳେ ଉତ୍ତର ଭାରତର କିଛି ଅନ୍ୟ ଅଞ୍ଚଳ ସମେତ ପାକିସ୍ତାନରେ ମଧ ଝଟକା ଅନୁଭୂତ ହୋଇଛି।ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଭାରତୀୟ ସମୟ ଅପରାହ୍ନ ୩.୪୮ ମିନିଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା। ଭୂପୃଷ୍ଠରୁ ୧୦ କିମି ଗଭୀରରେ ଏହା ସୃଷ୍ଟି ହୋଇଛି। ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଭୂକମ୍ପ ଝଟକା ଅନୁଭବ କରିଥିଲେ ହେଁ କୌଣସି କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ।

# କୃଷ୍ଣ ଜନ୍ମଭୂମି ମାମଲାରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି):** ମଥୁରାସ୍ଥିତ କୃଷ୍ଣ ଜନ୍ମଭୂମି ମନ୍ଦିରକୁ ଲାଗି ରହିଥିବା ଶାହୀ ଇଦ୍‌ଗାହ ମସ୍‌ଜିଦ୍‌ର ପ୍ରାଥମିକ ସର୍ଭେ କରାଯିବା ପ୍ରସଙ୍ଗରେ ଆଲ୍ଲାହବାଦ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। ମୁସ୍‌ଲିମ ପକ୍ଷ ଯୁକ୍ତି ରଖି କହିଥିଲେ ଯେ, ସର୍ଭେ କାର୍ଯ୍ୟକୁ ନେଇ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯାଇଛି। ତେଣୁ କୋର୍ଟ କମିସନରଙ୍କ ଦ୍ୱାରା ସର୍ଭେ କରିବାକୁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି ତାହାକୁ ବନ୍ଦ ରଖାଯିବା ଉଚିତ। ମୁସଲିମ ପକ୍ଷରୁ ଏଭଳି ଯୁକ୍ତି ଉପସ୍ଥାପନ କରାଯିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି।

## ଅଧ୍ୟାପିକାଙ୍କ ପି.ଏଚ.ଡ଼ି. ଲାଭ



ମେଘାସନ ମହାବିଦ୍ୟାଳୟ, ନୁଦଡ଼ିହା, ମୟୂରଭଞ୍ଜର ରାଜନୀତି ବିଭାଗର ଅଧ୍ୟାପିକା ସାଗରିକା ପଣ୍ଡା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରୁ ସମ୍ମାନଜନକ ଡ଼କ୍ଟରେଟ ଡ଼ିଗ୍ରୀ ଲାଭ କରିଛନ୍ତି ସେ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ମିତ୍ରପୁର ର ପୂର୍ବତନ ଅଧ୍ୟକ୍ଷ ଡ଼ଃ ଗଜେନ୍ଦ୍ର ପ୍ରସାଦ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଗବେଷଣା କରୁଥିଲେ । ତାଙ୍କ ଲିଖିତ ସନ୍ଦର୍ଭ "Dimension of India's Foreign Policy : And the Personality factor" ଟି ପ୍ରଫେସର ପ୍ରଶାନ୍ତ ସାହୁ, School of International Politics, JNU, New Delhi ଏବଂ ପ୍ରଫେସର ଜିତେନ୍ଦ୍ର ସାହୁ head of the Dept. of Political Science, University of Gourbang ,West Bengal ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଡ଼ଃ ସାଗରୀକା ପଣ୍ଡା ତାଙ୍କ ଏହି ସଫଳତା ପାଇଁ ତାଙ୍କ ଗାଇଡ୍ ଙ୍କୁ ଚିରକୃତଜ୍ଞତା ଅର୍ପଣ କରିଛନ୍ତି । ଡ଼ଃ ପଣ୍ଡା ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବ୍ଲକ ସ୍ଥିତ ଗଜଡ଼ିହି ଶାସନ ଗ୍ରାମନିବାସୀ ଶାନ୍ତନୁ ପଣ୍ଡା ଓ କୁଞ୍ଜଲତା ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ରୀ ଏବଂ ସ୍ୱର୍ଗତଃ ଭାଗବତ ପଣ୍ଡା ଓ ଗୁଣକେଶୀ ପଣ୍ଡାଙ୍କ ନାତୁଣୀ ଅଟନ୍ତି । ଏହି ସଫଳତା ପିତାମାତଙ୍କ ଅର୍ଶୀବାଦ, ବଡ଼ସାହି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼ଃ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ସାନଭଉଣୀ ଡ଼ଃ ନିହାରିକା ପଣ୍ଡାଙ୍କ ପ୍ରେରଣା ଏବଂ ମେଘାସନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟପକ, ଅଧ୍ୟାପିକା, ମୁଖ୍ୟତଃ ରାଜନୀତି ବିଭାଗ ର ମୁଖ୍ୟଙ୍କ ସହାୟତା ଓ ସହଯୋଗ, ଶୁଭାକାଂକ୍ଷୀ ଓ ପରିବାର ବର୍ଗଙ୍କ ଦ୍ୱାରା ସମ୍ଭବ ବୋଲି କରିଛନ୍ତି ଏବଂ ସେ ସମସ୍ତଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି ।

■ ତାମିଲନାଡୁ ବର୍ଷା ବିପ୍ରାତ

# ୭ ହଜାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର

**ଚେନ୍ନଇ,୧୮।୧୨(ଏଜେନ୍ସି):** ରବିବାର ପ୍ରବଳ ବର୍ଷା ଯୋଗୁ ତାମିଲନାଡୁର ବିଭିନ୍ନ ଜିଲ୍ଲା ଜଳମଗ୍ନ ହୋଇପଡ଼ିଛି। ତିରୁନେଲଭେଲି ଏବଂ ଥୋଟିକୁଡି ଜିଲ୍ଲା ସମେତ ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାର ଗ୍ରାମାଞ୍ଚଳ ଏବଂ ଜାତୀୟ ରାଜପଥ ଜଳମଗ୍ନ ହୋଇ ନଦୀର ଭ୍ରମ ସୃଷ୍ଟି କରିଛି। ତଳିଆ ଅଞ୍ଚଳ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।ପ୍ରବଳ ବର୍ଷାକୁନ୍ଇେ ତୁତିକୋରିନ ବିମାନବନ୍ଦରରେ ୮ଟି ବିମାନ ଉଡ଼ାଣ ବାତିଲ କରାଯାଇଛି। ସେହିପରି ଥୋଟିକୁଡି ଜିଲ୍ଲାରେ ରେଳ ସେବା ବାଧାପ୍ରାପ୍ତ ହୋଇଥିବାରୁ ରେଳ ଷ୍ଟେସନରେ ୮୦୦ରୁ ଅଧିକ ଯାତ୍ରୀ ଅଟକି ରହିଛନ୍ତି। ତିରୁନେଲଭେଲି, ତୁତିକୋରିନ୍ ଏବଂ କନ୍ୟାକୁମାରୀ ଆଦି ଜିଲ୍ଲାରେ ୭,୪୩୪ ଜଣ ଲୋକଙ୍କୁ ୮୪ ଟି ରିଲିଫ୍ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ବର୍ଷା ପ୍ରଭାବିତ ଲୋକଙ୍କୁ ସହାୟତା କରିବାକୁ ବହୁ ଉଦ୍ଧାରକାରୀ ଦଳର ସଦସ୍ୟ ନିୟୋଜିତ ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, କୟାଲପଟ୍ଟିନମ ଓ ଥୋଟିକୁଡ଼ିରେ ସର୍ବାଧିକ ୯୫ ମିମି ବର୍ଷା ରେକର୍ଡ କରାଯାଇଛି।

ଜ୍ଞାନବ୍ୟାପୀ ମସଜିଦ ମାମଲା

# କୋର୍ଟରେ ସର୍ଭେ ରିପୋର୍ଟ ଦାଖଲକଲା ଏଏସ୍ଆଇ

**ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି):** ଏଏସ୍ଆଇ ଦ୍ୱାରା ବିବାଦୀୟ ଜ୍ଞାନବ୍ୟାପୀ ମସଜିଦ୍ ପରିସରରେ କରାଯାଇଥିବା ସର୍ଭେ ରିପୋର୍ଟ ସୋମବାର ଜିଲ୍ଲା ଅଦାଲତରେ ଦାଖଲ କରାଯାଇଛି। ଏଏସଆଇ କର୍ତ୍ତୃପକ୍ଷ ବନ୍ଦ ଲଫାଫାରେ ୧୫୦୦ ପୃଷ୍ଠା ସମ୍ବଳିତ ସର୍ଭେ ରିପୋର୍ଟ ଅଦାଲତକୁ ଦେଇଛନ୍ତି। ଏହି ରିପୋର୍ଟରେ ସର୍ଭେ ସମୟରେ ମିଳିଥିବା ପ୍ରମାଣ ସାମିଲ କରାଯିବା ସହିତ ସର୍ଭେ ସମୟରେ ପରିସର ମଧ୍ୟରେ କି କି ସଙ୍କେତ ମିଳିଛି ତାହାକୁ ମଧ ବିସ୍ତାର ଭାବେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିବା କୁହାଯାଇଛି। ଏଏସଆଇ ରିପୋର୍ଟକୁ ବନ୍ଦ ଲଫାପାରେ ଉପସ୍ଥାପନ କରାଯାଇଥିବାରୁ ଏହାକୁ ହିନ୍ଦୁ ପକ୍ଷ ବିରୋଧ କରିଛି। ଅନ୍ୟପକ୍ଷରେ ରିପୋର୍ଟ ସାର୍ବଜନୀନ ନ କରିବାକୁ ମୁସଲିମ ପକ୍ଷରୁ ଦାବି କରାଯାଇଛି।

ଆଜି 'ଇଣ୍ଡିଆ' ମେଣ୍ଟ ବୈଠକ

# ଆସନ ବୁଝାମଣା ପାଇଁ ହୋଇପାରେ ଆଲୋଚନା

ନୂଆଦିଲ୍ଲୀ,୧୮।୧୨(ଏଜେନ୍ସି)

ଆସନ୍ତାକାଲି ବିରୋଧୀ 'ଇଣ୍ଡିଆ' ମେଣ୍ଟ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରାୟ ୩ ମାସ ତଳେ ମୁମ୍ବାଇ ଠାରେ ଅନୁଷ୍ଠିତ ବୈଠକ ପରେ ୨୬ ବିରୋଧୀ ଦଳର ନେତାମାନେ ଏହି ବୈଠକରେ ସାମିଲ ହେବାକୁ ଯାଉଛନ୍ତି। ଗୋଟିଏ ପକ୍ଷରେ ନିକଟରେ ଶେଷ ହୋଇଥିବା ତିନି ରାଜ୍ୟର ବିଧାନସଭା ନିର୍ବାଚନରେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ବିଫଳ ହୋଇଥିଲା ବେଳେ ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଛି। ତେଣୁ ବିଜେପି ବିରୋଧରେ ପୁଣି ଅଣ୍ଟା ଭିଡିବାକୁ ମେଣ୍ଟ ପକ୍ଷରୁ ଗୁରୁତ୍ୱ ଦିଆଯାଇ ଏହି ବୈଠକ ଆହୂତ କରାଯାଇଥିବା କୁହାଯାଇଛି।

ଏହି ବୈଠକରେ ୨୦୨୪ ନିର୍ବାଚନ ପାଇଁ ବିଭିନ୍ନ ଦଳ ମଧ୍ୟରେ ଆସନ ବୁଝାମଣାକୁ ନେଇ ଆଲୋଚନା କରାଯିବା ସହିତ ଏଥିନେଇ କିଛି ସ୍ପଷ୍ଟ ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି। କିନ୍ତୁ ବିଗତ ଦିନରେ ଏହି ମେଣ୍ଟରେ ସାମିଲ ରହିଥିବା ପ୍ରମୁଖ ଦଳଗୁଡିକର ଆଚରଣ ଏବଂ ଆଭିମୁଖ୍ୟ ଯେଭଳି ରହିଆସିଛି ତାହାକୁ ନେଇ ଆସନ ବୁଝାମଣା କେତେ



ଦୂର ସମ୍ଭବ ହେବ ତାହା ଏବେ ରାଜନୀତିକ ମହଲରେ ଆଲୋଚ୍ୟର ବିଷୟ ହୋଇଛି। ବିଶେଷକରି କଂଗ୍ରେସ, ଜେଡିୟୁ, ଟିଏମସି, ଆମ୍ ଆଦମୀ ପାର୍ଟି, ଏନସିପି ଏବଂ ସମାଜବାଦୀ ପାର୍ଟି ଭଳି ପ୍ରମୁଖ ଦଳୀୟ ନେତା ବିଜେପି ବିରୋଧରେ ଏକାଠି ଲଢିବାକୁ ପଣ କରିଥିଲେ ହେଁ ଦଳୀୟ ନେତାଙ୍କ ମଧ୍ୟରେ ସେଭଳି ଦାୟିକତା ଦେଖାଯାଉ ନାହିଁ ବୋଲି ରାଜନୀତିକ ବିଶାରଦମାନେ ମତ ଦେଇଛନ୍ତି। ଏହି ବୈଠକକୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଆସିବେ କି ନାହିଁ ତାହା ସ୍ପଷ୍ଟ କରି ନଥିଲା ବେଳେ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ନେଇ ମଧ ସଂଶୟ ଲାଗି ରହିଛି। ସେହିପରି ଜେଡିୟୁ ମୁଖ୍ୟ ନୀତୀଶ କୁମାର ମଧ ନିଜେ ଉପସ୍ଥିତ ନରହି ଲଲନ ସିଂଙ୍କୁ ପଠାଇପାରନ୍ତି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଏହି ବୈଠକରେ ଯୋଗ ଦେବାକୁ ଏନସିପି ନେତା ଶରଦ ପାୱାର ମଧ ସ୍ପଷ୍ଟ କରିନାହାନ୍ତି। ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ବୈଠକରେ ଯୋଗ ଦେବାକୁ ଦିଲ୍ଲୀ ଆସୁଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ ହେଁ ସେ ପରେ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ମେଣ୍ଟରେ ସାମିଲ ରହିଥିବା ୬ ବାମପନ୍ଥୀ ଦଳର ଆଭିମୁଖ୍ୟ ମଧ ବେଳକୁ ବେଳ ଭିନ୍ନ ହେବାରେ ଲାଗିଛି ବୋଲି କୁହାଯାଉଛି। ତେଣୁ ଏଭଳି ସ୍ଥଳେ ଇଣ୍ଡିଆ ମେଣ୍ଟର ଏହି ବୈଠକରେ କି ନିର୍ଯ୍ୟାସ ବାହାରିବ ତାହାକୁ ନେଇ ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। କାରଣ ମୁମ୍ବାଇ ଠାରେ ଅନୁଷ୍ଠିତ ଶେଷ ବୈଠକରେ ଯାହା କିଛି ନିଷ୍ପତ୍ତି ହୋଇଥିଲା ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ବରଂ କିଛି ଦଳ ପରସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ ଆଣିଥିବା ଦେଖାଯାଇଛି। ତେଣୁ ଆଗକୁ ଇଣ୍ଡିଆ ମେଣ୍ଟର ଉଦ୍ଦେଶ୍ୟ ସଫଳ ହେବା ନେଇ ସଦସ୍ୟ ଦଳର ନେତାମାନେ କିଭଳି ଆଭିମୁଖ୍ୟ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି ବୋଲି ରାଜନୀତିକ ମହଲରେ ଆଲୋଚନା ଚାଲିଛି।

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-174 •BHUBANESWAR •TUESDAY •19 DECEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୭୪ •ଭୁବନେଶ୍ୱର •ମଙ୍ଗଳବାର •୧୯ ଡିସେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


## ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ୧୫ରୁ

**୨୨ରେ ଶୁଭସ୍ତମ୍ଭ ସ୍ଥାପନ**

ବରଗଡ଼, ୧୮।୧୨(ସମିସ): ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ୭୬ତମ ସଂସ୍କରଣ ଆସନ୍ତା ଜାନୁଆରୀ ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ଆସନ୍ତା ୨୨ତାରିଖରେ ଏହାର ଶୁଭସ୍ତମ୍ଭ ସ୍ଥାପିତ ହେବ। ସୋମବାର ବରଗଡ଼ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ମନୀଷା ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଗାମୀ ଧନୁଯାତ୍ରାକୁ ବିଶେଷ ଭାବେ ସମ୍ବଲପୁରୀ ଭାଷାରେ ଆୟୋଜନ ନେଇ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ମତ ଗ୍ରହଣ କରାଯାଇଥିଲା। ତେବେ ବରଗଡ଼ ଧନୁଯାତ୍ରାର ସଂଳାପରେ କୌଣସି ଭାଷାର ପ୍ରତିବନ୍ଧକ ନଥିବା ବେଳେ କଳାକାର ବିଭିନ୍ନ ଭାଷା ବ୍ୟବହାର କରିଥାଏ ବୋଲି ସଦସ୍ୟମାନେ କହିଥିଲେ।




## ସ୍ୱଚ୍ଛ କର୍ମଚାରୀଙ୍କ ସୁରକ୍ଷା ପ୍ରତି ନଜର ନାହିଁ

# ଖାଲିହାତରେ ଉଠାଉଛନ୍ତି ଆବର୍ଜନା

**ଚମ୍ପୁଆ,୧୮।୧୨(ସମିସ)**

ସ୍ୱଚ୍ଛ ଭାରତ ଗଠନ ଲକ୍ଷ୍ୟରେ କାମ କରୁଥିବା ସ୍ୱଚ୍ଛ କର୍ମଚାରୀ ନିଜେ ହୋଇଯାଉଛନ୍ତି ଅସ୍ୱଚ୍ଛ। ସେମାନଙ୍କ ସ୍ୱଚ୍ଛତା ପ୍ରତି ବିଭାଗ ନଜର ଦେଉନଥିବାରୁ ସେମାନଙ୍କୁ ସୁରକ୍ଷା ଉପକରଣ ମିଳିପାରୁନି। ଫଳରେ ଖାଲି ହାତରେ ସେମାନଙ୍କୁ ଉଠାଇବାକୁ ପଡୁଛି ଅବର୍ଜନା।

ସ୍ୱତନ୍ତ୍ର ଜାକେଟ ପିନ୍ଧି ଏହି ସଫେଇ କାର୍ଯ୍ୟ କରାଯାଉଥିଲେ ମଧ୍ୟ କାହା ହାତରେ ଗ୍ଲୋଭସ୍ ନ ଥିବା ବେଳେ ଅତି ଅପରିଷ୍କାର ଜିନିଷକୁ ମଧ୍ୟ ହାତରେ ଉଠାଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ଏନ୍‌ଏସିରେ କାର୍ଯ୍ୟ କରୁଥିବା ସ୍ୱଚ୍ଛ କର୍ମଚାରୀଙ୍କ କ୍ଷେତ୍ରରେ। ଏମାନଙ୍କ ସୁରକ୍ଷା ପ୍ରତି ଏନ୍‌ଏସି ଧ୍ୟାନ ଦେଉନଥିବା ବେଳେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ଗ୍ଲୋବସ୍ ଓ ମାସ୍କ ବିନା ସଫେଇ କରୁଥିବା ଦେଖିବାକୁ ମିଳିଛି। ଅନ୍ୟକୁ ତଥା ପରିବେଶକୁ ସୁରକ୍ଷା ଦେବାକୁ ଯାଇ ଅସୁରକ୍ଷିତ ଏବଂ ଅସ୍ୱାସ୍ଥ୍ୟକର ପରିସ୍ଥିତିରେ କାର୍ଯ୍ୟକରୁଛନ୍ତି ସଫେଇ କର୍ମଚାରୀ। ସହରକୁ ସରସ ସୁନ୍ଦର ଓ ସ୍ୱଚ୍ଛ ରଖିବା ପାଇଁ ନିୟମିତ ସକାଳେ ଓ ସନ୍ଧ୍ୟା ବେଳେ ଝାଡୁ ମାରିବା ବ୍ୟବସ୍ଥା ରହିଛି। ଏହି ଝାଡୁ ମାରିବା କର୍ମଚାରୀମାନେ ଅତି ଅପରିଷ୍କାର ଜାଗାରେ ଝାଡୁ ମାରି ସଫେଇ କାର୍ଯ୍ୟ କରୁଛନ୍ତି। କିନ୍ତୁ ସଫେଇ କରିବା ପୂର୍ବରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ। କେବଳ ସ୍ୱତନ୍ତ୍ର ଜାକେଟ ପିନ୍ଧି ଏହି ସଫେଇ କାର୍ଯ୍ୟ କରାଯାଉଥିଲେ ମଧ୍ୟ କାହା ହାତରେ ଗ୍ଲୋଭସ୍ ନାହିଁ। ଅନ୍ୟପକ୍ଷରେ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପ୍ରତ୍ୟେକ ମାସରେ ପରୀକ୍ଷା କରାଯାଉଛି ସତ, ହେଲେ ଅପରିଷ୍କାର ସ୍ଥାନରେ କାର୍ଯ୍ୟକଲା ବେଳେ ଗ୍ଲୋବସ୍ ବ୍ୟବହାର କରୁନଥିବା ଓ ମାସ୍କ ବ୍ୟବହରା କରୁନଥିବାରୁ ଏହି କର୍ମଚାରୀମାନେ କେତେ ସୁରକ୍ଷିତ ତାହା ଏଥିରୁ ଅନୁମେୟ। ଏ ନେଇ ଚମ୍ପୁଆ ଏନ୍‌ଏସିର ସାନିଟାଇଜ ଏକ୍ସପୋର୍ଟ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ ସୁପରଭାଇଜରମାନଙ୍କୁ ନିୟମିତ ବ୍ୟବଧାନରେ ସଫେଇ କର୍ମଚାରୀଙ୍କ ଆବଶ୍ୟକ ସୁରକ୍ଷା ସରଞ୍ଜାମ ଯୋଗାଇ ଦିଆଯାଉଛି। ମାତ୍ର କେଉଁ କାରଣରୁ ଏମାନେ ତାହା ବ୍ୟବହାର କରୁନାହାଁନ୍ତି ତାହା ଜଣାପଡିନାହିଁ। ଏଥିପାଇଁ ସଫେଇ ସୁପରଭାଇଜର ମାନଙ୍କୁ ଡକାଇ ତାଗିଦ କରାଯିବା ସହ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।



ମିଳୁନି ଗ୍ଲୋଭସ୍ କି ଉପକରଣ

## ଚାରିଗଡ଼ରେ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ



**ତେଲକୋଇ,୧୮।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ସ୍ଥିତ ଚାରିଗଡ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ନୂଆ ଓ ଯୁବ ଓଡ଼ିଶା ପକ୍ଷରୁ କ୍ରୀଡ଼ା ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ କେଦାର ଚନ୍ଦ୍ର ପ୍ରଧାନ, ସାଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନ, ଭିମକାଣ୍ଡ ପଞ୍ଚାୟତ ସମିତି ସଭ୍ୟ ତଥା ସାମ୍ବାଦିକ ବିରଞ୍ଚି କୁମାର ବେହେରା, ମହା ବିଦ୍ୟାଳୟର ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ମାହୋତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ଆଜି ପ୍ରଥମ ଦିନରେ ଉଭୟ +୨ ଓ+୩ ଛାତ୍ରଛାତ୍ରୀ ମାନଙ୍କର ୧୦୦ ଏବଂ ୨୦୦ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଗକୁ ଖୋଖୋ, କବାଡି, ଲମ୍ବଡିଆଁ , ଉଚ୍ଚଡ଼ିଆଁ, ସର୍ଟ ପୁଟ ଆଦି ଖେଳ ଅନୁଷ୍ଠିତ ହେବ ବୋଲି ନୋଡାଲ ଅଧିକାରୀ ଅନିଲ କୁମାର ସାହୁ ପ୍ରକାଶ କରିଥଲେ।

## ୨୦ ଘଣ୍ଟା ପରେ ମିଳିଲା ଶବ

**ଚମ୍ପୁଆ,୧୮।୧୨(ସମିସ):** ଭୋଜି କରିବାକୁ ଯାଇ ଗାଧୋଉଥିବା ବେଳେ ଗତକାଲି କେଶରୀକୁଣ୍ଡ ଠାରେ ନିଖୋଜ ଥିବା ଯୁବକର ଶବ ଆଜି ବୈତରଣୀ ନଦୀ ମଧ୍ୟରୁ ଉଦ୍ଧାର କରାଯାଇଛି। ସୂଚନା ଅନୁସାରେ ଗତ ରବିବାର ନିଜ ସାଙ୍ଗ ମାନଙ୍କ ସହ କେଶରୀକୁଣ୍ଡ ଠାରେ ଭୋଜି କରିବାକୁ ଯାଇଥିବା କରଞ୍ଜିଆ ଗ୍ରାମର ସୁରତ ଗିରି ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକ ଗାଧୋଉଥିବା ବେଳେ ନଦୀରେ ବୁଡିଯାଇଥିବା ସନ୍ଦେହ କରି ପୁଲିସ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ଉଦ୍ଧାର ହୋଇପାରି ନଥିଲା। ୨୦ ଘଣ୍ଟା ବିତିବା ପରେ ଆଜି ସକାଳ ୧୦ ଘଟିକା ସମୟରେ ସରେଇ ଗ୍ରାମର ୩ ଜଣ ଲୋକ ନଦୀରେ ବୁଡି ସୁରତକୁ ବହୁ ଖୋଜା ଖୋଜି ପରେ ଶବକୁ ଉଦ୍ଧାର କରିଥିଲେ। ଏ ନେଇ ଚମ୍ପୁଆ ଥାନାରେ ସୁରତର ଭିଣୋଇ ଗୁରୁଚରଣ ଗିରିଙ୍କ ଅଭିଯୋଗ ପରେ ଚମ୍ପୁଆ ପୁଲିସ ଶବ ଜବତ କରିବା ସହିତ ଅପମୃତ୍ୟୁ ମାମଲା ନମ୍ବର ୫୩/୨୩ ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

**ଆନନ୍ଦପୁର,୧୮।୧୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତର ନୟାଗଡ଼ସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ମଲଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ବାଟୋ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଚତୁଃପାର୍ଶ୍ୱକୁ ସଫେଇ କରିଥିଲେ। ପରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ଜୟନ୍ତ କୁମାର ମହାନ୍ତିଙ୍କ ସଞ୍ଚାଳନାରେ ଅଧ୍ୟାପକ ସରୋଜକାନ୍ତ ରାଉତ, ବିନୟ ଭୂଷଣ ମଲିକ, ଅଧ୍ୟାପିକା ତପସ୍ୱିନୀ ପାତ୍ର, ଓରି ଚକ୍ର, ଦେବସ୍ମିତା ଜେନା, ସନ୍ଧ୍ୟାରାଣୀ ରାଉତ, ଅଧ୍ୟାପକ ଶଶୀଭୂଷଣ ପତି, ଖେଳ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ସନାତନ ସାହୁ, ମହେଶ୍ୱର ରାଉତ, ଲକ୍ଷ୍ମୀକାନ୍ତ ରାଉତ ସହଯୋଗ କରିଥିଲେ।

## ୩ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**କେନ୍ଦୁଝର/ବଡ଼ବିଲ,୧୮।୧୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଆଭାସୀ ମାଧ୍ୟମରେ ଜିଲ୍ଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀ, ଯୋଡ଼ା ବ୍ଲକର ବଡ଼ବିଲ ଓ ହରିଚନ୍ଦନପୁର ବ୍ଲକର ଦୈତାରୀ ଠାରେ ଓଡିଶା ଖଣି ନିଗମ ଦ୍ୱାରା ୩ଟି ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ଖଣି ପ୍ରଭାବିତଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷରେ ଶୁଆକାଟୀରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ିର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଫଳରେ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳର ଲୋକେ ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇ ପାରିବେ। ଆଦିବାସୀ ବହୁଳ ବାଂଶପାଳ ବ୍ଲକରେ ଛାତ୍ରଛାତ୍ରୀଙ୍କ ପାଇଁ ସିବିଏସଇ ପାଠ୍ୟକ୍ରମରେ ପଢିବା ଏକ ସ୍ୱପ୍ନ ଥିଲା। କିନ୍ତୁ ଏବେ ସେହି ସ୍ୱପ୍ନ ସାକାର ହେବାକୁ ଯାଉଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଯାହାକୁ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ, ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ବଡବିଲରେ ଆରୋଗ୍ୟ ବାହିନୀ ରୋଗୀ ବାହକ ବାହନର ଲୋକାର୍ପଣ କରାଯାଇଛି। ବଡ଼ବିଲ ନୂତନ ବସ୍‌ଷ୍ଟାଣ୍ଡ ଅପର ପାର୍ଶ୍ୱରେ ହେବାକୁ ଥିବା ଏହି ବିଦ୍ୟାଳୟରେ ଖଣି ଅଞ୍ଚଳର ପ୍ରାୟ ୩୫୦୦ ଛାତ୍ରଛାତ୍ରୀ ଇଂରାଜୀ ମାଧ୍ୟମରେ ଶିକ୍ଷା ପାଇପାରିବେ। ଏହି ଉତ୍ସବରେ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଯୋଡ଼ା ପୌରାଧ୍ୟକ୍ଷ ଗିରୀଶ ଚନ୍ଦ୍ର ସାହୁ, ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଉପଜିଲ୍ଲାପାଳ ସୁକାନ୍ତ ମାଝୀ, ତହସିଲଦାର ପ୍ରିୟଦର୍ଶୀ ଯୋଶୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ବଡ଼ବିଲ ପୌର ଉପାଧ୍ୟକ୍ଷ ସରସ୍ୱତୀ ନାୟକ, ଯୋଡ଼ା ପୌର ଉପାଧ୍ୟକ୍ଷ ସନ୍ଧ୍ୟା ପାତ୍ରଙ୍କ ସହ ସମସ୍ତ କାଉନସିଲର ଓ ପିଆର୍‌ଆଇ ସଦସ୍ୟ ଉପସ୍ଥିତ ରହିଥିଲେ।

## ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ

**ବାଲିବନ୍ଧ, ୧୮।୧୨ (ସମିସ):** ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତ ଡାଲମାପଶି ଗ୍ରାମ ଖେଳପଡିଆରେ ଦୁଇ ଦିନଧରି ଚାଲିଥିବା ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଓ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବିଜେଡି ବ୍ଲକ ସଭାପତି ମହମ୍ମଦ୍ କଫିଲ ଆନସାରୀ, ଝୁମ୍ପୁରା ତହସିଲଦାର ରୋହିତ ବାଗ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନୀତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ବାଲିବନ୍ଧ ସରପଞ୍ଚ ରୀନା ମାଝୀ, ଜିଲ୍ଲା ପରିଷଦ ରାଧାକାନ୍ତ ନାଏକ, ସ୍ଥାନୀୟ ବିଡିଓ ହୃଦାନନ୍ଦ ଅଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୨୨ ପଞ୍ଚାୟତରୁ ୨୨ଟି ଫୁଟବଲ ଟିମ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅର୍ଶଳା ପଞ୍ଚାୟତର ତେଲିଅର୍ଶଳା ଗ୍ରାମର ଫୁଟବଲ ଟିମ୍ ଏବଂ ବସନ୍ତପୁର ପଞ୍ଚାୟତର ବୁଡ଼ି ସାହି ଫୁଟବଲ ଟିମ୍ ସହିତ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ତେଲିଅର୍ଶଳା ଫୁଟବଲ ଦଳ ୩-୦ ଗୋଲରେ ବିଜୟ ହୋଇଥିଲା। ଏହି ଅବସରରେ ବ୍ଲକ ବିଭିନ୍ନ ପଞ୍ଚାୟତରୁ ପାରମ୍ପାରିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡନେଉଳି ପଞ୍ଚାୟତର ପୋଡ଼ାସିମିଳା ଗ୍ରାମର ନୃତ୍ୟ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବସନ୍ତପୁର ପଞ୍ଚାୟତର ବସନ୍ତପୁର ଗ୍ରାମର କରମା ନୃତ୍ୟ ଦଳ ଦ୍ୱିତୀୟ ସ୍ଥାନ ଓ ବସନ୍ତପୁର ଗ୍ରାମର ହୋ-ନୃତ୍ୟ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ।



## ଗୁମୁରାରେ ବିକଶିତ ଭାରତ ସଂକଳ୍ପ ଯାତ୍ରା

**ନାରଦପୁର,୧୮।୧୨(ସମିସ):** ଝୁମ୍ପୁରା ବ୍ଲକ ଅର୍ନ୍ତଗତ ଗୁମୁରା ଗ୍ରାମପଞ୍ଚାୟତ ତରଫରୁ ଗୁମୁରା ଉଚ୍ଚ ବିଦ୍ୟାଳୟରେ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ କରାଯାଇଛି। ସରପଞ୍ଚ ତପନ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭଦର୍ଶୀ କର, ନାଏବ ସରପଞ୍ଚ ନମିତା ମୁଣ୍ଡା, ଗ୍ରାମରୋଜଗାର ସେବକ ବିରେନ୍ଦ୍ର ମୁଣ୍ଡା, ୱାର୍ଡମେମ୍ବର ସାହୁଚରଣ ମୁଣ୍ଡା, ବ୍ଲକ ବିଜେପି ମଣ୍ଡଳ ସଭାପତି ସୁନିଲ କୁମାର ମହାନ୍ତ, ବିଜେପି କର୍ମୀ ଚିତ୍ତ ରଞ୍ଜନ ମହାନ୍ତ, ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିଥିଲେ। ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରଫୁଲ୍ଲ କୁମାର ଓଝା, ସନ୍ତୋଷ କୁମାର ସାମଲ, ଗଗନ କୁମାର ମହାନ୍ତ, ସ୍ନେହଲତା ମହାନ୍ତ, ଦୀପ୍ତିମୟୀ ଖୁଣ୍ଟିଆ, ଗାୟତ୍ରୀ ବେହେରା, ମିତାରାଣୀ ମହାନ୍ତ, ସୁନିତା ରାଣୀ ମହାନ୍ତ, କମଳିନୀ ମହାନ୍ତ ପ୍ରମୁଖଙ୍କ ସମେତ ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଛାତ୍ରଛାତ୍ରୀ ଓ ପଞ୍ଚାୟତବାସୀ ଉପସ୍ଥିତ ରହିଥିଲେ।

## କପିଳେଶ୍ୱର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ହାଟଡ଼ିହି, ୧୮।୧୨(ସମିସ):** ହାଟଡିହି ବ୍ଲକର କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ କଳିଙ୍ଗାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରତ୍ନାକର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ଭାବେ ହେମଲତା ଜେନା, ସମ୍ମାନିତ ଅତିଥି ଆଲୋକ କୁମାର ନାଥ, ନବକୁମାର ଲେଙ୍କା, ଭଗବାନ ମିଶ୍ର, ବିଦ୍ୟାଧର ଜେନା, ବିଶ୍ୱମ୍ବର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ମୃତ୍ୟୁଞ୍ଜୟ ପଲେଇ, ପରେଶ କୁମାର ପରିଡା, ଟୁକୁନା ବେହେରା, ପ୍ରମୋଦ କୁମାର ବେହେରା, ଦେବାଶିଷ ଜେନା, ଦିବ୍ୟପ୍ରକାଶ ରାଉତ, ନିରାକାର ସେଠୀ, ବାସନ୍ତୀ ସାହୁ, ମହିମା ମୟୀ ପଲେଇ, ଅର୍ଜମା ଅର୍ପିତା ପତି, ନିବେଦିତା ଦାସ, ସନ୍ଧ୍ୟାରାଣି ମହାରଣା, ପ୍ରିୟଙ୍କା ସେନାପତି, ରବିନାରାୟଣ ସେଠୀ, ଯତିନ୍ଦ୍ର କୁମାର ଦେଓ, ଅଚ୍ୟୁତାନନ୍ଦ ଦାସ, ଗିରିଧାରୀ ଦାସ ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ।

# ଖୋଲିଲା ମଣ୍ଡି; ପ୍ରଥମ ଦିନରେ ଚାଷୀ ବିକିଲେ ଧାନ



**ହାଟଡ଼ିହି, ୧୮।୧୨(ସମିସ)**

ହାଟଡ଼ିହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନମଣ୍ଡି ଖୋଲିଛି। ମରେଗାଁ ସମବାୟ ସମିତିରେ ସମିତିର ସଂପାଦକ ଶରତ କୁମାର ସେଠୀ, ଆର୍‌ଏମସିର ସମ୍ପାଦକ ଶକ୍ତିଧର କାଣ୍ଡି, ସମିତିର ସଭାପତି ଜଳଧର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଶଶି ଦାସ, ଗୋପାଳ ଘଡ଼େଇ, ଶ୍ରୀଧର ଦାସ, ସନ୍ତୋଷ ବାରିକ, ସମୀର ମାଝୀ, ଆନନ୍ଦ ଭୋଳ, ଭଗବାନ ନାୟକ, ବିଜୁ ଦାସ, ମନ୍ମଥ ପଣ୍ଡା, ରମା ସଙ୍ଖୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମିତିରେ ୧୫୩୩ ଜଣ ଚାଷୀଙ୍କର ନାମ ପଞ୍ଜିକୃତ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୪ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ଅନୁମତି ମିଳିଥିବା ସମ୍ପାଦକ ସୁଚନା ଦେଇଥିଲେ। ସେହିପରି ବାଙ୍ଗୋର ସମବାୟ ସମିତିର ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସମିତିର ସମ୍ପାଦକ ସୁଶାନ୍ତ ମହାରଣା, ସଭାପତି ବିଶ୍ୱରଞ୍ଜନ ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଥିଲା। ୯୮୬ଜଣ ଚାଷୀଙ୍କର ନାମ ପଞ୍ଜିକୃତ ହୋଇଥିବା ବେଳେ ପ୍ରଥମପର୍ଯ୍ୟାୟରେ୧୦ହଜାରକ୍ୱିଣ୍ଟାଲକିଣିବାକୁ ଅନୁମତି ମିଳିଛି।

ସେହିପରି ଡଅଁର ସମବାୟ ସମିତିର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମବାୟ ସମିତିର ସମ୍ପାଦକ ଉମାକାନ୍ତ ନାୟକ, ସଭାପତି ଅକ୍ଷୟ ଧଳ, ପୂର୍ବତନ ସଭାପତି ରଞ୍ଜନ କୁମାର ପହି ପ୍ରମୁଖ ଉପସ୍ଥିତ ରହି ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ସମୟରେ ସତ୍ୟନାରାୟଣ ସେଠୀ, ରବିନ୍ଦ୍ର ନାଥ ନାୟକ, ବାଉଲୁ ଜେନା, ବିଶ୍ୱମ୍ବର ଜେନା, ଗଦାଧର ଦାସ, ସୁଦର୍ଶନ ସେଠୀ ସମେତ ବହୁ ଚାଷୀ ଉପସ୍ଥିତ ରହିଥିଲେ। ଏହି ସମବାୟ ସମିତିରେ ୨୪୬୫ ଜଣ ଚାଷୀଙ୍କର ପଞ୍ଜିକୃତ ହୋଇଥିବା ବେଳେ ୪୪ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ଅନୁମତି ମିଳିଥିବା ସୁଚନା ଦେଇଛନ୍ତି। ସେହିପରି ସଡ଼ା ସମବାୟ ସମିତି ପକ୍ଷରୁ ଧାନ କିଣାର ଶୁଭାରମ୍ଭ ହୋଇଛି। ସଭାପତି ଅଲେଖ ଚନ୍ଦ୍ର ମଲ୍ଲିକ, ରାଜସ୍ୱ ନିରୀକ୍ଷକ ପ୍ରଜ୍ଞାପରମିତା ସା, ସମ୍ପାଦକ ବିଭୁତି ଭୁଷଣ ସେଠୀ, ସଂକର୍ଷଣ ମଲ୍ଲିକ, ସଂର୍କଷଣ ଜେନା, ଗୌତମ ବଳ, ପ୍ରେମା ନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମଣ୍ଡିର ଶୁଭାରମ୍ଭ କରିଥିଲେ। ଏହି ସମୟରେ ନିର୍ଦ୍ଦେଶକ ଓ ବହୁ ଚାଷୀ ଉପସ୍ଥିତ ରହିଥିଲେ।

## ବାଙ୍ଗୋରରେ ଧାନମଣ୍ଡି ଖୋଲିଲା



**ଛେନାପଦି:** ହାଟଡ଼ିହି ବ୍ଲକ୍ ବାଙ୍ଗୋର ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଯାଇଛି। ସମବାୟ ସମିତିର ସମ୍ପାଦକ ସୁଶାନ୍ତ ମହାରଣାଙ୍କ ସଂଯୋଜନାରେ ଧାନମଣ୍ଡି ଉଦ୍‌ଘାଟନ ହୋଇଥିବା ବେଳେ ଏଥିରେ ସଭାପତି ବିଶ୍ୱଜିତ୍ ରାଉତ୍, ଉପସଭାପତି ରଞ୍ଜିତା ଗିରି, କର୍ମଚାରୀ ବିକାଶ ସାହୁ, ଶ୍ରୀକାନ୍ତ କୁମାର ସାହୁଙ୍କ ସମେତ ବ୍ରହ୍ମାନନ୍ଦ ପୃଷ୍ଟି, ଅଦୈତ୍ୟ ଧଳ, ତ୍ରିଲୋଚନ ପଲେଇ, ଗୟାଧର ସାହୁ, ଅର୍ଜୁନ ନାଇକ, ଗାର୍ଦୀ ହୋ, ଉପେନ୍ଦ୍ର ବାରିକ୍, ସନାତନ ପରିଡ଼ା, ରମେଶ ଚନ୍ଦ୍ର ବେହେରା, ରବିନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ପାତ୍ର, ଅନାଦି ଚରଣ ବିନ୍ଧାଣି, ଜୟକୃଷ୍ଣ ସାହୁ, ଶରତ ମଲ୍ଲିକ, ଅମର ପୃଷ୍ଟି ପ୍ରମୁଖ ଚାଷୀଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶୈଳଙ୍ଗରେ ଖୋଲିଲା ଧାନମଣ୍ଡି



**ଆନନ୍ଦପୁର:** ଆନନ୍ଦପୁରର ଶୈଳଙ୍ଗ ସେବା ସମବାୟ ସମିତିରେ ଆଜି ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ସମିତିର ସମ୍ପାଦକ ଅଭିମନ୍ୟୁ ପତିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶିକ୍ଷାବିତ ପିତାମ୍ବର ସା ମୁଖ୍ୟଅତିଥି ଭାବେ ଓ ସମ୍ମାନୀତ ଅତିଥି ଭାବେ ସଭାପତି ରବିନ୍ଦ୍ର କୁମାର ସାହୁ ଯୋଗ ଦେଇ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ସପ୍ତାହର ୪ ଦିନ ଏହି ମଣ୍ଡିରେ ଧାନ କ୍ରୟ କରାଯିବ ବୋଲି ଉପସ୍ଥିତ ଚାଷୀମାନଙ୍କୁ ସହକାରୀ ସମ୍ପାଦକ ବନବିହାରୀ ମହାନ୍ତ ସୂଚନା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମିତିର ନିର୍ଦ୍ଦେଶକ କ୍ଷୀରୋଦ ପ୍ରସାଦ ସାହୁ, ମୁରଲୀ ରାଉତ, ରଞ୍ଜନ ପୁହାଣ, ଚିତ୍ତରଞ୍ଜନ ନାୟକ, ପ୍ରଭାକର ନାୟକ, ଜ୍ୟୋତ୍ସ୍ନାରାଣୀ ଅମାନ୍ତ, ଜୟନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଏହି ଧାନମଣ୍ଡି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଅଗ୍ରଣୀ ଚାଷୀ ରାମଚନ୍ଦ୍ର ପଣ୍ଡା, ନିରଞ୍ଜନ ପଣ୍ଡା, ବାବାଜୀ ପୁହାଣ, ଖଗେଶ୍ୱର ମୁଦୁଲି, ଭିମସେନ ସାହୁ, ଅଜୟ ପୁହାଣ, ପ୍ରତିମା ସା, ମାନସ ମୁଦୁଲି, ବିଜୟ ରାଉତ, ଗୁରୁଦତ ବଳଙ୍କ ସମେତ ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମିତି କର୍ମଚାରୀ ଶାରଦା ତ୍ରିପାଠୀ, ଚିନ୍ତାମଣି ପାତ୍ର, କଳ୍ପନା ବେଜ୍, ଶଶିକାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଭୂଇଁପୁର ଧାନ ମଣ୍ଡି ଖୋଲିଲା

**ତୁରୁମୁଙ୍ଗା/ଚମ୍ପୁଆ:** କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଭୂଇଁପୁର ଲ୍ୟାମ୍ପ ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୂଇଁପୁର ସରପଞ୍ଚ କ୍ଷୀରମଣି ନାଏକ, ସମିତିସଭ୍ୟ ସୁନୀତା ସେଠୀ ଯୋଗ ଦେଇଥିଲେ।ପ୍ରଥମ ଧାନ କମଣ୍ଡ ଗ୍ରାମର ରାଜେଶ ମୁଣ୍ଡାଙ୍କ ଚାଷୀ ୧୩ କ୍ୱିଣ୍ଟାଲ ୬୫ କିଗ୍ରା କିଣା ଯାଇଥିଲା। ଚମ୍ପୁଆ ଆର୍‌ଏମ୍‌ସି ପକ୍ଷରୁ ବିଜୟ କୁମାର ମହାନ୍ତ, ଚମ୍ପୁଆ ଏଆରସିଏସ୍ ମଙ୍ଗଳ ସୋରେନ, ଏସ୍‌ଏଆର୍‌ସିଏସ ସୁଶୀଲ ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ଏହି ମଣ୍ଡିରେ ପ୍ରତି ସପ୍ତାହର ସୋମବାର ଓ ଶୁକ୍ରବାର ଧାନ କିଣାଯିବାକୁ ଧାର୍ଯ୍ୟ କରାଯାଇଥିବା ଭୂଇଁପୁର ଲ୍ୟାମ୍ପ ପରିଚାଳକ ସୂଚନା ଦେଇଛନ୍ତି। ଲ୍ୟାମ୍ପ ପକ୍ଷରୁ ଏମ୍‌ଡି ହିରାମୋହନ ନାୟକ, କର୍ମଚାରୀ ବଳଭଦ୍ର ନାୟକ, ରୋହିତ ମହାନ୍ତ ଉପସ୍ଥିତ ଥିଲେ।



## ଖୋଲିଲା ଧାନମଣ୍ଡି

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଖରିଫ ଋତୁରେ ଧାନ ବିକ୍ରି କରିବା ପାଇଁ ରାଜନଗର ଲ୍ୟାମ୍ପସ ଅଧୀନରେ ଥିବା ୩ ଶାଖା ସମବାୟ ସମିତିରେ ୨୫୩୭ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ସୋମବାର ରାଜନଗର ଲ୍ୟାମ୍ପସ ଚେମେଣା ମଣ୍ଡିକୁ ଆନୁଷ୍ଠାନିକ ଭାବ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ଚେମେଣା ସରପଞ୍ଚ ହେମଲତା ନାଏକ, ରାଜନଗର ସମବାୟ ସମିତି ସଭାପତି ପ୍ରଫୁଲ୍ଲ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, ରାଜନଗର ଲ୍ୟାମ୍ପ୍ ପରିଚାଳକ ଜିତେନ୍ଦ୍ର କୁମାର ସିଂ ପ୍ରମୁଖ ଉପସ୍ଥିତି ରହି ମଣ୍ଡି ଉଦ୍‌ଘାଟନ କରିଥିଲେ।



## ଉଲ୍ ବେପାର ମାନ୍ଦା; କମୁଛି ଚାହିଦା

# ହଜିଗଲାଣି ହାତତିଆରି ଶୀତବସ୍ତ୍ର; ସ୍ଥାନ ନେଇଛି ରେଡିମେଡ୍

ବାରିପଦା, ୧୮ ।୧୨(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ହାଡଭଙ୍ଗା ଶୀତ ଯେମିତି ବଢ଼ିବାରେ ଲାଗିଛି ଶୀତବସ୍ତ୍ରର ଚାହିଦା ମଧ୍ୟ ସେହିଭଳି ବୃଦ୍ଧି ପାଇବାରେ ଲାଗିଛି। ହେଲେ ବଜାରରେ ଭଳିକିଭଳି ଅତ୍ୟାଧୁନିକ ଟ୍ରେଣ୍ଡର ଶୀତବସ୍ତ୍ର ଆଗରେ ଫିକା ପଡିଛି ହାତତିଆରି ଉଲ୍ ଶୀତବସ୍ତ୍ର। ବାରିପଦା ସହରର ବିଜୁ ପଟ୍ଟନାୟକ ଗୋଲାଇ ରାସ୍ତା କଡରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଉଲ ମାର୍କେଟ ବସିଛି। ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆସି ଏଠାରେ ଉଲ ମାର୍କେଟ ବସାଇଥାନ୍ତି। ଆଉ ଏହି ଉଲରୁ ଶୀତବସ୍ତ୍ର ପ୍ରସ୍ତୁତ କରି ଲୋକେ ପିନ୍ଧିଥାନ୍ତି; କିନ୍ତୁ କାଳକ୍ରମେ ଏହି ଉଲରୁ ହାତ ତିଆରି ସ୍ୱେଟରର ଚାହିଦା କମିବାରେ ଲାଗିଛି। ଆଉ ଯାହାର ସ୍ଥାନ ବର୍ତ୍ତମାନ ବଜାରରେ ରେଡିମେଡ ସ୍ୱେଟର ନେଇଛି। ଫଳରେ ପୂର୍ବଭଳି ଉକ୍ତ ବଜାରରେ ବିକ୍ରି ହେଉନାହିଁ। କିଛି ଲୋକ ମଧ୍ୟରେ ଆଜି ବି ଉଲରେ ବୁଣା ଶୀତବସ୍ତ୍ରର ଆଦାର ଥିବାରୁ କାଁ ଭାଁ ଲୋକ ପିନ୍ଧୁଥିବା ଲକ୍ଷ୍ୟ କରାଯାଇଛି। ବିଜୁ ପଟ୍ଟନାୟକ ଗୋଲାଇ ନିକଟକୁ ବାହାର ରାଜ୍ୟ ବିହାର, ପଶ୍ଚିମବଙ୍ଗ, ଝାରଖଣ୍ଡ, ଆସାମ ଆଦି ସ୍ଥାନର ବେପାରୀମାନେ ବିଭିନ୍ନ ରଙ୍ଗ ବେରଙ୍ଗ ଉଲ ନେଇକି ଆସିଥାନ୍ତି। ଆଉ ଏହି ଉଲକୁ କିଣିକି ଆଣି ଘରେ ମହିଳାମାନେ ହାତରେ ବୁଣି ବିଭିନ୍ନ ରଙ୍ଗ ବେରଙ୍ଗର ସ୍ୱେଟର, ମଫଲର, ଟୋପି ଆଦି ପ୍ରସ୍ତୁତ କରନ୍ତି; କିନ୍ତୁ କାଳକ୍ରମେ ଏହାର ଲୋକପ୍ରିୟତା ହ୍ରାସ ପାଇଛି। ଆଜିର ବ୍ୟସ୍ତ ବହୁଳ ଜୀବନରେ ଆଉ ଉଲ ବୁଣି ଶୀତବସ୍ତ୍ର ପ୍ରସ୍ତୁତ କରିବାର ସମୟ କାହା ପାଖରେ ନାହିଁ। ଆଉ ତାହାର ସ୍ଥାନ ନେଇଛି ଆଜିର ବଜାରର ଅତ୍ୟାଧୁନିକ ଡିଜାଇନର ଶୀତବସ୍ତ୍ର। ଉଲରୁ ଶୀତବସ୍ତ୍ର ପ୍ରସ୍ତୁତ କରିବା ପାଇଁ ଦିନ ଦିନ ଧରି ଲାଗିଥାଏ। ଏବେ ଆଉ ଉଲ ବୁଣି ଶୀତବସ୍ତ୍ର ପ୍ରସ୍ତୁତ କରିବା ମଧ୍ୟ ଭୁଲିଗଲେଣି; ଯାହାକୁ ନେଇ ଉଲର ଚାହିଦା କମିଛି। ତେଣୁକରି ଆଗ ଭଳି ଆଉ ଉଲର ବିକ୍ରି ହେଉନି, ପୂର୍ବ ବର୍ଷ ତୁଳନାରେ କମ ସଂଖ୍ୟକ ଉଲ ଆଣୁଛନ୍ତି ବୋଲି ଉଲ ବେପାରୀ ସନ୍ତୋଷ ସିଂ କହିଛନ୍ତି। ଅନ୍ୟପଟେ କୋଭିଡ ସମୟରେ ବହୁ ବେପାରୀ ନିଜର ବେଉସା ମଧ୍ୟ ପରିବର୍ତ୍ତନ କରିଛନ୍ତି। ଆଗରୁ ଯେପରି ବେପାରୀ ଆସୁଥିଲେ ସେମାନଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। କେବଳ ହାତ ଗଣତି ୨/୩ଜଣ ବେପାରୀ ଆସୁଛନ୍ତି। କିନ୍ତୁ ଆଜି ବି ଉଲର ଶୀତବସ୍ତ୍ରର ପ୍ରେମୀ ରହିଛନ୍ତି; ଯାହାକୁ ନେଇ ଚଳିତ ବର୍ଷ ମଧ୍ୟ ଉଲ ବେପାରୀ ପସରା ମେଲିଛନ୍ତି। ତେବେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଚାହିଦା ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାରଙ୍କ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଅଞ୍ଚଳର ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଶୀତବସ୍ତ୍ର ପ୍ରସ୍ତୁତ କରି ବିକ୍ରି କରି ସେମାନେ ସ୍ୱାବଲମ୍ବୀ ହେଉଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିନା ସୁଧରେ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଉଛି।

### ସେମାନେ କ'ଣ କହନ୍ତି



ଶୀତ ଆସିଲେ ପ୍ରଥମେ ଖୋଜାପଡେ ଗରମ ବସ୍ତ୍ର। ତେବେ ଆଜିର ଅତ୍ୟାଧୁନିକ ସମାଜରେ ଶୀତରୁ ବଞ୍ଚିବା ପାଇଁ ଏକ ଷ୍ଟାଇଲିଷ୍ଟ ଲୁକର ଶୀତବସ୍ତ୍ର ପିନ୍ଧିବା ପାଇଁ ସମସ୍ତଙ୍କୁ ମଧ୍ୟରେ ଉତ୍ସାହ ବଢିଯାଇଛି। ଫଳରେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଚାହିଦା କମିବାରେ ଲାଗିଛି; କିନ୍ତୁ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଯେଉଁ ମଜା ଅଛି ତାହା ଏବେର ଯୁବଗୋଷ୍ଠୀଙ୍କୁ ଅଗୋଚର ରହିଛି।

-ଗୀତାଞ୍ଜଳି ଭୂୟାଁ, ଗୃହିଣୀ



ଆଜିର ବ୍ୟସ୍ତ ବହୁଳ ସମାଜରେ ଉଲ ଶୀତବସ୍ତ୍ର ହଜି ଯାଇଛି। ଯାହାର ସ୍ଥାନ ଆଜି ବଜାରରେ ମିଳୁଥିବା ନୂତନ ଟ୍ରେଣ୍ଡ ଓ ଫେସନ୍ ଶୀତବସ୍ତ୍ର ନେଇଛି। ମୋବାଇଲ ଯୋଗେ ଅନଲାଇନ ସପିଂକରି ହାତ ପାହାନ୍ତାରେ କମ ଦରରେ ଭଳି କି ଭଳି ସ୍ୱେଟର, ଜାକେଟ ଆଦି ଶୀତବସ୍ତ୍ର ସହଜରେ ମିଳିଯାଉଛି। ତେଣୁକରି ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଯଦି ଶୋରୁମ ଓ ଅନଲାଇନ ସପିଂରେ ଉପଲବ୍ଧ କରି ପ୍ରଚାର ପ୍ରସାର କରିହେବ, ତେବେ ତାହା ପୁଣି ନିଜର ପୁରୁଣା ପରିଚୟ ଫେରି ପାଇପାରେ।

-ତୃପ୍ତି ପାତ୍ର, କର୍ମଜୀବୀ ମହିଳା



ଗତ ୧୯ ୯୨ ମସିହାରୁ ପ୍ରତି ବର୍ଷ ଶୀତ ପଡିଲେ ଆମେ ବିହାରରୁ ଆସି ବାରିପଦାରେ ଉଲ ଦୋକାନ ଖୋଲିଥାଉ। ପୂର୍ବରୁ ହେଉଥିବା ଉଲର ବେପାର ବର୍ତ୍ତମାନ ଆଉ ନାହିଁ। ରେଡିମେଡ ଶୀତବସ୍ତ୍ର ଚାହିଦା ବୃଦ୍ଧି ଯୋଗୁଁ ଉଲର ଚାହିଦା କମିଛି।

- ବଜେନ୍ଦ୍ର ସିଂ, ବେପାରୀ



ପିଢି ପରେ ପିଢି ଉକ୍ତ ଉଲ ବେପାର କରି ଆସୁଥିବା ବେଳେ ମୁଁ ମଧ୍ୟ ଉଲ ବିକ୍ରି କରିଆସୁଛି। ପ୍ରତି ବର୍ଷ ବାରିପଦାରେ ଆସି ବିକ୍ରି କରିଥାଉ। ଆଜିର ଆଧୁନିକ ଯୁଗରେ ଉଲର ଚାହିଦା ଆଉ ଆଗ ଭଳିଆ ନାହିଁ; କିନ୍ତୁ ଗତ ସପ୍ତାହ ହେବ ବାରିପଦାରେ ଶୀତର ମାତ୍ରା ବୃଦ୍ଧି ପାଇବା ପରେ ବେପାର କିଛି ଟା ବୃଦ୍ଧି ପାଇଛି। ଆଜି କିଛି ଲୋକଙ୍କ ମଧ୍ୟରେ ଉଲରୁ ପ୍ରସ୍ତୁତ ଶୀତବସ୍ତ୍ରର ଆଦର ରହିଛି।

-ଗୌତମ ସିଂ, ବ୍ୟବସାୟୀ

## ଶିମିଳିପାଳ ଖୋଲିବା ପାଇଁ କଂଗ୍ରେସର ଦାବି



**ବାରିପଦା, ୧୮ ।୧୨(ସମିସ):** ଶିମିଳିପାଳ ଅଭୟାରଣ୍ୟରେ ଥିବା ୩ଟି ପଞ୍ଚାୟତର ଜନସାଧାରଣ ୨୫ଦିନରୁ ଅଧିକ ହେଲା ଆନ୍ଦୋଳନ ଚଳାଇଛନ୍ତି। ଫଳରେ ପର୍ଯ୍ୟଟକ ନିରାଶ ହୋଇ ଫେରୁଛନ୍ତି। ତେଣୁ ତୁରନ୍ତ ଅଭୟାରଣ୍ୟକୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ନିମନ୍ତେ ଦାବି ହୋଇଛି। ଜିଲ୍ଲା କଂଗ୍ରେସ ଓ ବାରିପଦା ଟାଉନ କଂଗ୍ରେସ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇଛନ୍ତି। ବନ ବିଭାଗ ନିଷ୍କ୍ରିୟ ହୋଇ ରହିଥିବା ଯୋଗୁଁ ଜିଲ୍ଲାରେ ଘୋର ଅସନ୍ତୋଷ ଦେଖାଦେଇଛି। ର୍ଯ୍ୟଟନ ଦ୍ୱାରା ଆୟ ହେବାକୁ ଥିବା ରାଜସ୍ୱ ଟଙ୍କା ମଧ୍ୟ କ୍ଷତି ହେବା ସହିତ ସ୍ଥାନୀୟ ଛୋଟ ଛୋଟ ବ୍ୟବସାୟୀ, ଛୋଟ ଟୁରିଷ୍ଟ ଗାଡ଼ି ମାଲିକ ମଧ୍ୟ କ୍ଷତି ସହୁଛନ୍ତି। କିନ୍ତୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ପରିସ୍ଥିତିର ସମାଧାନ କରି ସ୍ୱାଭାବିକ କରିବା ପାଇଁ କୌଣସି ତତ୍ପରତା ଦେଖାଉନାହାନ୍ତି ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶଚାନ୍ଦ ଗୋଗିନେନିଙ୍କ ଅନୁପସ୍ଥିତିରେ ଅତିରିକ୍ତ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରଦୀପ କୁମାର ଦେଙ୍କ ସହ କଂଗ୍ରେସ କର୍ତ୍ତୃପକ୍ଷ ଆଲୋଚନା କରିଛନ୍ତି। ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ନଗର ସଭାପତି ଶାନ୍ତନୁ କୁମାର ପାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ନିର୍ମଳ ପ୍ରଧାନ ପ୍ରମୁଖ ଆଲୋଚନା କରିବା ସହିତ ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦଳ ଦାବି କରିଛି। ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## ଏମ୍‌କେସି ପୁରାତନ ଛାତ୍ର ସଂସଦର ସାଧାରଣ ପରିଷଦ ବୈଠକ




**ବାରିପଦା, ୧୮ ।୧୨(ସମିସ):** ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ପ୍ରଥମ ସାଧାରଣ ପରିଷଦର ବୈଠକ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ରଞ୍ଜନ ବାନାର୍ଜୀ ବାର୍ଷିକ ରିପୋର୍ଟ ଓ କୋଷାଧ୍ୟକ୍ଷ ପ୍ରଦୀପ କୁମାର ପାଣିଗ୍ରାହୀ ସଂସଦର ଆୟ ବ୍ୟୟ ସମ୍ପର୍କିତ ଅଡିଟ ରିପୋର୍ଟ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ର ଡ. ସୁଶାନ୍ତ କୁମାର ପାତ୍ର, ପ୍ରଦୀପ କିଶୋର ମହାନ୍ତି, ରବୀନ୍ଦ୍ର ନାଥ ସାହୁ, ମାନସ ରଞ୍ଜନ ଦାଶ, ସତ୍ୟରଞ୍ଜନ ମହାନ୍ତି, ଦେବୀ ଦାସ ମହାନ୍ତି, ମାନସ ରଞ୍ଜନ ଷଡ଼ଙ୍ଗୀ ଓ ଅମିତାଭ ମିଶ୍ର ପ୍ରମୁଖ ବିଦ୍ୟାଳୟର ସାମଗ୍ରିକ ଓ ସମନ୍ୱିତ ବିକାଶ ଏବଂ ବିଭିନ୍ନ କ୍ରୀଡ଼ା ଆୟୋଜନ ଦିଗରେ ଗଠନମୂଳକ ପ୍ରସ୍ତାବ ରଖିବା ସଙ୍ଗେ ସଙ୍ଗେ ବିଶେଷ କରି ଗୌରବମୟ କୀର୍ତ୍ତିରାଜି ଭରା ପୁରାତନ ବିଦ୍ୟାଳୟର ଉଚ୍ଚମାନର ଶୈକ୍ଷିକ ଉନ୍ନତି ଦିଗରେ ଅଭିଜ୍ଞ ଅନୁଭୂତି ସମ୍ପନ୍ନ ପୁରାତନ ଛାତ୍ରମାନେ ବିଦ୍ୟାଳୟ ସହିତ ସମ୍ପର୍କ ରଖି ଆବଶ୍ୟକ ପରାମର୍ଶ ଦେବା ପାଇଁ ସଂସଦରେ ମତବ୍ୟକ୍ତ ରଖିଥିଲେ। ବୈଠକରେ ସର୍ବ ସମ୍ମତି ଭାବେ ପ୍ରସ୍ତାବ ମାନ ଗୃହୀତ ଅନୁଯାୟୀ ବର୍ତ୍ତମାନର ସଂସଦର କାର୍ଯ୍ୟକାଳ ଆଗାମୀ ଦୁଇ ବର୍ଷ ପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ସଂସଦରେ ନୂତନ ଭାବେ ପୁରାତନ ଛାତ୍ର ଓ ସମ୍ପ୍ରତି ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ୭୧ ବ୍ୟାଚର ଛାତ୍ର ଇଂ. ମାନସ ରଞ୍ଜନ ଷଡ଼ଙ୍ଗୀ ଉପଦେଷ୍ଟା ଓ ଅକ୍ଷୟ କୁମାର ଅଗରୱାଲ ଉପସଭାପତି, ଅନ୍ତର୍ଯ୍ୟାମୀ ସାହୁ କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ମନୋନୀତ ହୋଇଥିଲେ। ଶେଷରେ ସହସଂପାଦକ ରବୀନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଲିବଲ୍ ଟୁର୍ଣ୍ଣାମେଣ୍ଟ; ଶ୍ରୀରାମଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟ ଚାମ୍ପିଅନ



**ବାରିପଦା, ୧୮ ।୧୨(ସମିସ):** ବାରିପଦା ତକତପୁର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ବାଳିକା ଭଲିବଲ ଟୁର୍ଣ୍ଣାମେଣ୍ଟରେ ଶ୍ରୀରାମଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟ ଅନ୍ତିମ ମ୍ୟାଚରେ ଝାରପୋଖରୀଆ ସୀମାନ୍ତ ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଏହି କଲେଜ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ଏହି ପ୍ରତିଯୋଗିତାରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ସ୍ନାତକ ମହାବିଦ୍ୟାଳୟର ଭଲିବଲ ଦଳର ନେତୃତ୍ୱ ସଞ୍ଜନା ସାହୁ ନେଇଥିବା ବେଳେ ଇନ୍ଦ୍ରଜିତ ମହାନ୍ତ କୋଚ ଥିଲେ। ସେହିପରି ଏହି ମହାବିଦ୍ୟାଳୟର ପୁରୁଷ ବିଭାଗର ଭଲିବଲ ଦଳ ଅନ୍ତିମ ମ୍ୟାଚ୍‌ରେ ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ କୁଆମରା ଠାରୁ ପରାଜିତ ହୋଇ ରନର୍ସଅପ୍ ହୋଇଛି। କିଷାନ ଶେଖର ବେହେରା ପୁରୁଷ ଭଲିବଲ ଟିମର ଅଧିନାୟକ ଦାୟିତ୍ୱ ତୁଲାଇଥିବା ବେଳେ କ୍ରୀଡାଶିକ୍ଷକ ଧନଞ୍ଜୟ ତ୍ରୀପାଠୀ କୋଚ ଦାୟିତ୍ୱରେ ଥିଲେ। ଅଧ୍ୟକ୍ଷା ଡକ୍ଟର ଅସୀମା ସାହୁ ମହାବିଦ୍ୟାଳୟ ତରଫରୁ ଉଭୟ ଦଳକୁ ଶୁଭେଚ୍ଛାଜାଣାଇଛନ୍ତି।

## ଏମ୍‌ପିସି ସ୍ୱୟଂଶାସିତ କଲେଜରେ କ୍ରୀଡ଼ା ପ୍ରତିଯୋଗିତା



**ବାରିପଦା, ୧୮ ।୧୨(ସମିସ):** 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ବିଭିନ୍ନ ଦଳଗତ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପୁରୁଷ କବାଡି ବିଭାଗରେ ବିଜ୍ଞାନ ତୃତୀୟ ବର୍ଷ ଦଳ ବିଜେତା ହୋଇଥିବା ବେଳେ କଳା ଦ୍ୱିତୀୟ ବର୍ଷ ଦଳ ରନର୍ସ ଅପ୍ ହୋଇଥିଲା। କବାଡି ମହିଳା ବିଭାଗରେ ୟୁଜି ତୃତୀୟ ବର୍ଷ ଛାତ୍ରୀ ଦଳ ବିଜେତା ହୋଇଥିବା ବେଳେ ପ୍ରଥମ ବର୍ଷ ଛାତ୍ରୀମାନେ ରନର୍ସ ଅପ୍ ହୋଇଥିଲେ। ସେହିପରି ଭଲିବଲ୍ ପୁରୁଷ ବିଭାଗରେ ପିଜି ଦଳ ବିଜେତା ହୋଇଥିବା ବେଳେ ୟୁଜି ଦ୍ୱିତୀୟ ବର୍ଷ ଦଳ ରନର୍ସ ଅପ୍ ହୋଇଥିଲା। ଭଲିବଲ୍ ମହିଳା ବିଭାଗରେ ୟୁଜି ଦ୍ୱିତୀୟ ବର୍ଷ ଛାତ୍ରି ବିଜେତା ହୋଇଥିବା ବେଳେ ୟୁଜି ପ୍ରଥମ୍ ବର୍ଷ ଦଳ ରନର୍ସ ଅପ ହୋଇଥିଲା। ସେହିପରି ଫୁଟବଲ ପୁରୁଷ ବିଭାଗରେ ବାଣିଜ୍ୟ ପ୍ରଥମ ବର୍ଷର ଛାତ୍ରମାନେ ବିଜେତା ହୋଇଥିବା ବେଳେ ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର ରନର୍ସ ଅପ ହୋଇଥିଲେ। ଫୁଟବଲ ମହିଳା ବିଭାଗରେ ଲିଟିଲ ଷ୍ଟାର ଏଫସି ବିଜେତା ହୋଇଥିବା ବେଳେ ମୟୂରଭଞ୍ଜ ଏଫସି ରନର୍ସ ଅପ୍ ହୋଇଥିଲା। ସମସ୍ତ ବିଜେତାଙ୍କୁ କଲେଜ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକ ଆହତ

**ଠାକୁରମୁଣ୍ଡା, ୧୮ ।୧୨(ସମିସ):** ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ତରାମରା ନିକଟରେ ସୋମବାର ସନ୍ଧ୍ୟାରେ ଏକ ପିକଅପ୍ ଭ୍ୟାନ ସହିତ ବାଇକ ଧକ୍କା ହେବା ଫଳରେ ବାଇକ ଚାଳକ ଆହତ ହୋଇଛନ୍ତି। ଆହତ ବାଇକ ଚାଳକ ଜଣକ ହେଉଛନ୍ତି ଟମକା ଥାନା ଅନ୍ତର୍ଗତ ଚିତିରି ଗୋବିନ୍ଦପୁର ଅଞ୍ଚଳର ରାମଚନ୍ଦ୍ର ନାୟକ। ସୂଚନା ଅନୁଯାୟୀ ମହୁଲଡ଼ିହା ସାପ୍ତାହିକ ହାଟରୁ ହାଟ ସାରି ଜଣେ ବ୍ୟବସାୟୀ ପିକଅପ୍ ଭ୍ୟାନ ନେଇ ଠାକୁରମୁଣ୍ଡା ଆସୁଥିବା ବେଳେ ବିପରୀତ ଦିଗରୁ ଠାକୁରମୁଣ୍ଡା ଆଡୁ ଆସୁଥିବା ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଇକ ଚାଳକକୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଆଜି ବାରିପଦା ଆସୁଛନ୍ତି '୫-ଟି' ଅଧ୍ୟକ୍ଷ; ଉତ୍ସାହିତ ଛାତ୍ରଛାତ୍ରୀ ଓ ଜନସାଧାରଣ



**ବାରିପଦା, ୧୮ ।୧୨(ସମିସ):** ମଙ୍ଗଳବାର '୫-ଟି' ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପଣ୍ଡିଆନ ଦିନିକିଆ ବାରିପଦା ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାରିପଦାରେ ଦୁଇଟି କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ଗସ୍ତସୂଚୀ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧.୩୫ରେ ବାରିପଦା ପହଞ୍ଚି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ସରକାରଙ୍କ ଯୁବ ଓଡିଶା ନବୀନ ଓଡ଼ିଶାର 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବେ। ପରେ ସେ ଅନ୍ୟ ଏକ କାର୍ଯ୍ୟକ୍ରମ ୧୨.୪୫ରେ ଐତିହାସିକ ଛଉ ପଡ଼ିଆରେ ଜନସାଧାରଣଙ୍କୁ ଉଦବୋଧନ ଦେବେ। ଏହାପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା 'ନୂଆ-ଓ' କାର୍ଯ୍ୟକ୍ରମରେ ଜିଲ୍ଲାରୁ ୧୫ ହଜାର କଲେଜ ଛାତ୍ରଛାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ୪୦ଟି ଷ୍ଟଲ ନିର୍ମାଣ ସମେତ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି। ସଂପୃକ୍ତ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଶ୍ରୀ ପାଣ୍ଡିଆନ ମୟୂରଭଞ୍ଜର ଜିଲ୍ଲାପାଳ ଥିବା ସମୟରେ ଜନହିତକର କାର୍ଯ୍ୟ ପାଇଁ ଜିଲ୍ଲାବାସୀଙ୍କ ପ୍ରିୟ ହୋଇଛନ୍ତି। ଚଳିତ ବର୍ଷ ଏହା ତାଙ୍କର ତୃତୀୟ ଗସ୍ତ। ମାର୍ଚ୍ଚ ଓ ଅଗଷ୍ଟ ମାସରେ ଦୁଇଥର ଗସ୍ତ କରି ଜନଶୁଣାଣି କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ଅନୁଦାନରେ ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଛି ; ଯାହାର କାର୍ଯ୍ୟ ସବୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ପେନ୍‌ସନ୍ ଦିବସ ପାଳିତ

**ବେତନଟୀ, ୧୮ ।୧୨(ସମିସ):** ବେତନଟୀ ବ୍ଲକ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ପେନସନ ଦିବସ ପାଳିତ ହୋଇଛି। ରେଳ ଷ୍ଟେସନ ପରିସରରେ ଅନୁଷ୍ଠିତ ସଭାରେ ସଭାପତି ବରିଷ୍ଠ ଶିକ୍ଷାବିତ୍ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କ ସହ ସାଧାରଣ ସଂପାଦକ ବିଶିଷ୍ଟ ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଅଜୟ କୁମାର କର ପେନସନଭୋଗୀ ଅବସର ପରେ ଚିକିତ୍ସା ଭତ୍ତା, ୧୮% ବକେୟା ମହାଙ୍ଗା ଭତ୍ତା, ବିଭିନ୍ନ ସମୟରେ ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରଦାନରେ ବିଳମ୍ବ ହେଉଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନାରେ ରାମଚନ୍ଦ୍ର ପଣ୍ଡା, ରତିକାନ୍ତ ମହାନ୍ତ, ହରେକୃଷ୍ଣ ବିଶ୍ୱାଳ, ରାଧାକୃଷ୍ଣ ପାତ୍ର, ରବୀନ୍ଦ୍ର ପ୍ରଧାନ ଅଂଶଗ୍ରହଣ କରିଥିଲେ। ଦରଦାମ ବର୍ଷକୁବର୍ଷ ବଢୁଥିବାରୁ ମହାଙ୍ଗା ଭତ୍ତା ସହ ମଧ୍ୟବର୍ତ୍ତୀକାଳୀନ ଭତ୍ତା ମଧ୍ୟ ଦେବାକୁ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ଦେବାକୁ ସ୍ଥିର ହୋଇଥିଲା। ସେହିପରି ବରିଷ୍ଠ ନାଗରିକଙ୍କୁ ବନ୍ଦ ଥିବା ରେଳ ରିହାତି ପୁନଃ ଚାଲୁ କରିବା ଏବଂ ପରିଚୟପତ୍ର ତୁରନ୍ତ ପ୍ରଦାନ କରିବାକୁ ଦାବି କରିଥିଲେ। ଉପ ସଭାପତି ରବୀନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ଫେସନ ସୋ' ଓ ପୋଷାକ ପ୍ରତିଯୋଗିତା



**ବାରିପଦା, ୧୮ ।୧୨(ସମିସ):** ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର 'ନୂଆ-ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ପାରମ୍ପରିକ ଫେସନ ସୋ ଓ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିପୁଳ ଉତ୍ସାହ ଆନନ୍ଦରସହିତ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଏଥିରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିବା ବେଳେ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଚିତ୍ରସେନ ସେଠୀ, ଉମେଶଚନ୍ଦ୍ର ମାଝୀ, ସରୋଜ ଦାସ, କେ. ଲକ୍ଷ୍ମୀ ସେନାପତି, ନବୀନ ନାଏକ, ରାଜକିଶୋର ରାଉଳ, କ୍ଷିରୋଦ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ରେଙ୍ଗଟା ଟୁଡୁ, ପାର୍ବତୀ ମାଝୀ ପ୍ରଥମ, ଜୟକୃଷ୍ଣ ମହାନ୍ତି ଦ୍ୱିତୀୟ ହୋଇଥିବାବେଳେ ହେମାନନ୍ଦ, ଫାତୁ ଓ ଗୋବିନ୍ଦଙ୍କ ସାନ୍ତାଳୀ ଗ୍ରୁପ୍ ତୃତୀୟ ହୋଇଥିଲେ।

## ଆଦିବାସୀ ଛାତ୍ରଛାତ୍ରୀ ଷ୍ଟାଇପେଣ୍ଡ ଆବେଦନରୁ ବଞ୍ଚିତ ଅଭିଯୋଗ

# ୨୯ରେ 'ମାରିସା' ପକ୍ଷରୁ ସବୁ କଲେଜରେ ତାଲାବନ୍ଦ ଚେତାବନୀ

ବାରିପଦା,୧୮ ।୧୨(ସମିସ)

ବାରମ୍ବାର ଦାବି ସତ୍ତ୍ୱେ ମୟୂରଭଞ୍ଜ ଜିଲ୍ଲାର ୬୦ ଭାଗ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଚଳିତ ଶିକ୍ଷାବର୍ଷର ଷ୍ଟାଇପେଣ୍ଡ ଆବେଦନରୁ ବଞ୍ଚିତ କରାଯାଇଛ। ପ୍ରତିବାଦରେ ଆଗାମୀ ୨୯ ତାରିଖରେ ମୟୂରଭଞ୍ଜର ସମସ୍ତ ମହାବିଦ୍ୟାଳୟକୁ ତାଲାବନ୍ଦ କରାଯାଇ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଘୋଷଣା କରିଛନ୍ତି। ଶ୍ରୀ ମୁର୍ମୁ କହିଛନ୍ତି ଯେ, ଆଦିବାସୀ ବହୁଳ ଏହି ଜିଲ୍ଲାର କଲେଜଗୁଡିକରେ ଗ୍ରାମାଞ୍ଚଳର ବହୁ ଗରିବ, ଅସହାୟ ଓ ଆଦିବାସୀ ପରିବାରର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଚଳିତ ଶିକ୍ଷାବର୍ଷ ଷ୍ଟେଟ୍ ସ୍କଲରସିପ୍ ଅନ୍‌ଲାଇନ ଆବେଦନ ସମୟରେ ନଭେମ୍ବର ୧୫ ତାରିଖରୁ କେବଳ ସରକାରୀ ମହାବିଦ୍ୟାଳୟ ଗୁଡ଼ିକୁ ଛାଡି ଦେଲେ ଅନ୍ୟ ବେସରକାରୀ ମହାବିଦ୍ୟାଳୟର ନାମ ଅନଲାଇନ୍‌ରେ ଆସୁ ନ ଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଅନେକଥର ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନର ଛାତ୍ରଛାତ୍ରୀ ଫର୍ମ ଆବେଦନରୁ ବଞ୍ଚିତ ହେଉଛନ୍ତି। ଏଥିସହିତ ସମସ୍ତ ମହାବିଦ୍ୟାଳୟରେ ନାମଲେଖା ଫି, ରି-ଆଡ଼ମିଶନ ଫି ସମେତ ଅନ୍ୟାନ୍ୟ ଫି ଦିନକୁ ଦିନ ବୃଦ୍ଧି ହେଉଥିବାବେଳେ ଛାତ୍ରବୃତ୍ତି ପୂର୍ବରୁ ଯେତିକି ଥିଲା ଏଯାବତ୍ ସେତିକି ହିଁ ରହିଛି। ଏହା ଆଦିବାସୀ ଛାତ୍ରଛାତ୍ରୀଙ୍କ ଫି ଦାଖଲ ସମୟରେ ସମସ୍ୟା ସୃଷ୍ଟି କରୁଛି। କାରଣ ଅନେକ ଆଦିବାସୀ ଛାତ୍ରଛାତ୍ରୀମାନେ ଏହି ଷ୍ଟାଇପେଣ୍ଡ ଉପରେ ନିର୍ଭର କରୁଥିବାବେଳେ ପାଠପଢା ସମୟରେ ଏହି ସମସ୍ୟା ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କର ମାନସିକ ସ୍ଥିତି ଦୋହଲାଇ ଦେଉଛି। ଏ ନେଇ ପୂର୍ବରୁ ବହୁବାର ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ସମାଧାନ ପାଇଁ କୌଣସି ବ୍ୟବସ୍ଥା ନ ହେବା ଦୁର୍ଭାଗ୍ୟଜନକ। ଏହି କାର୍ଯ୍ୟକ୍ରମରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମାର୍ଣ୍ଡି, ଜିଲ୍ଲା ଉପସଭାପତି ରବୀନ୍ଦ୍ର ମାର୍ଣ୍ଡି, ଗାଲୁରାମ ମୁର୍ମୁ, ସର୍ଦାର ସୋରେନ୍, ତାରାଶ୍ ହେମ୍ବ୍ରମ, ଛୋଟରାୟ ମୁର୍ମୁ, ସରକାର ସୋରେନ୍, ମୁନା ସିଂ, ସଞ୍ଜୟ ସିଂ, ପଦ୍ମ ବାସ୍କେ ପ୍ରମୁଖ ସାମିଲ ଥିଲେ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଭୋଗିବାରେ ଆମେ ପ୍ରଥମ ପିଢ଼ି ଏବଂ ଏଥିରୁ ପୃଥିବୀକୁ ରକ୍ଷା କରିବାରେ ଶେଷ ପିଢ଼ି ।
-ବାରାକ୍ ଓବାମା



ସକାଳ
THE SAKALA

## ଗୋଟିଏ ଦିନରେ ୭୮ ବିରୋଧୀ ସାଂସଦଙ୍କୁ ନିଲମ୍ବନ

# ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ

ଗୋଟିଏ ଦିନରେ ସଂସଦରୁ ୭୮ ଜଣ ବିରୋଧୀଦଳ ସଦସ୍ୟ ନିଲମ୍ବିତ ହେବା ଏକ ଅଭୂତପୂର୍ବ ଓ ଦୁର୍ଭାଗ୍ୟଜନକ ଘଟଣା ନିଶ୍ଚୟ। ବିଶ୍ୱର ସର୍ବବୃହତ୍ ଓ ଜୀବନ୍ତ ଗଣତନ୍ତ୍ର କୁହାଯାଉଥିବା ଭାରତରେ ଏଭଳି ଘଟଣାକୁ ବିରୋଧୀ ଲୋକତନ୍ତ୍ରର ଉପହାସ ବୋଲି କହିବା ବୋଧହୁଏ ଭୁଲ୍ ନୁହେଁ। ରାଜନୈତିକ ବିଶେଷଜ୍ଞଙ୍କ ମତରେ ଏହି ନିଲମ୍ବନର କାରଣ ସେତେ ଗର୍ହିତ ନୁହେଁ। ସୋମବାର ସଂସଦର ଉଭୟ ଗୃହର କାର୍ଯ୍ୟକ୍ରମକୁ ହଟ୍ଟଗୋଳ କରି ବ୍ୟାହତ କରିବା ଅଭିଯୋଗରେ ଲୋକସଭାରେ ବିରୋଧୀ କଂଗ୍ରେସ ଦଳର ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ସମେତ ଉଭୟ ଗୃହର ବହୁ ତୁଙ୍ଗ ବିରୋଧୀ ଦଳ ନେତା ସଂସଦର ଚଳିତ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ ହୋଇଛନ୍ତି। ରାଜ୍ୟସଭାରୁ ୩୪ ଓ ଲୋକସଭାର ୩୩ ବିରୋଧୀ ସଦସ୍ୟଙ୍କୁ ଏହି କାରଣରୁ ନିଲମ୍ବନ କରାଯାଇଥିବା ବେଳେ ରାଜ୍ୟସଭାର ଅନ୍ୟ ୧୧ ଜଣଙ୍କୁ ସଦାଚାର କମିଟି ପାଖରେ ମାମଲା ବିଚାରାଧୀନ ଥିବା କାରଣରୁ ମଧ୍ୟ ନିଲମ୍ବନ କରାଯାଇଛି। ଅନ୍ତତଃ ନୂଆ ସଂସଦ ଭବନରେ ରୁଢ଼ିବାଦୀ ମାନସିକତା ଓ କାର୍ଯ୍ୟକଳାପର ବିଲୋପ ଘଟିବାର ଯେଉଁ ଆଶା କରାଯାଉଥିଲା, ଯାହା ଆପାତତଃ ମଉଳି ଯାଇଛି।

ସଂସଦରେ ନିରାପତ୍ତା ବ୍ୟବସ୍ଥାରେ ନିକଟରେ ଘଟିଥିବା ତ୍ରୁଟି ଉପରେ ଉଭୟ ଗୃହର ବିରୋଧୀ ସଦସ୍ୟମାନେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଠାରୁ ବିବୃତି ଦାବି କରିଥିଲେ। ସେମାନଙ୍କ ଦାବିକୁ ରାଜ୍ୟସଭା ଅଧ୍ୟକ୍ଷ ଓ ଲୋକସଭା ବାଚସ୍ପତି ଅଗ୍ରାହ୍ୟ କରିଦେବାରୁ ଅସନ୍ତୁଷ୍ଟ ସଦସ୍ୟମାନେ ଉତ୍ତ୍ୟକ୍ତ ହୋଇ ଉଭୟ ସଦନରେ ହଟ୍ଟଗୋଳ କରିଥିଲେ। ଫଳରେ ଗୃହର କାର୍ଯ୍ୟ ବ୍ୟାହତ ହୋଇଥିଲା। ଆମ ସଂସଦୀୟ ବ୍ୟବସ୍ଥାରେ ବିରୋଧୀ ପକ୍ଷ ହଟ୍ଟଗୋଳ ବା ପାଟିତୁଣ୍ଡ କରିବା ନୂଆ କଥା ନୁହେଁ। ଏପରିକି ଉତ୍ତ୍ୟକ୍ତ ସଦସ୍ୟମାନେ ଗୃହ ମଧ୍ୟରେ ସ୍ଲୋଗାନ ଦେବା, ପ୍ଲାକାର୍ଡ ଦେଖାଇବା ଏବଂ ବାଚସ୍ପତି ବା ଅଧ୍ୟକ୍ଷଙ୍କ ଆସନ ଆଡ଼କୁ ମାଡ଼ିଯାଇ କାଗଜପତ୍ର ଓ ମାଇକ୍ ଭାଙ୍ଗିବା ଘଟଣା ମଧ୍ୟ ପୁରୁଣା। ଆମ ସଂସଦୀୟ ଇତିହାସରେ ପ୍ରାୟ ସବୁ ରାଜନୈତିକ ଦଳର ସଦସ୍ୟମାନେ ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଆସିଛନ୍ତି। ଅତୀତରେ ନିଜ ନିଜ ଦାବି ରଖିବାକୁ ଏବଂ ଯୁକ୍ତିକୁ ଦୃଢ଼ ଭାବେ ଉପସ୍ଥାପନ କରିବାକୁ ରାଜନୈତିକ ଦଳ ଓ ତାହାର ସାଂସଦମାନେ ନିୟନ୍ତ୍ରଣହୀନ ହେଉଥିବା ବା ସଂସଦୀୟ ଶୃଙ୍ଖଳା ଭଙ୍ଗ କରୁଥିବାର ଉଦାହରଣ ଅନେକ। କେବଳ ସମୟଚକ୍ରରେ ଶାସନ କ୍ଷମତାରେ ଥିବା ରାଜନୈତିକ ଦଳ ବିରୋଧୀ ଆସନରେ ବସିଛି ଏବଂ ବିରୋଧୀ ଭୂମିକା ନିର୍ବାହ କରୁଥିବା ଦଳ ଶାସନ କ୍ଷମତାକୁ ଆସିଛି। ତେଣୁ ସୋମବାର ସଂସଦରେ ଯାହା ଘଟିଲା ତାହା ଅଭୂତପୂର୍ବ ନୁହେଁ ନିଶ୍ଚୟ। ଅପରପକ୍ଷରେ ସଂସଦର ଗୃହ ପରିଚାଳନା ନିୟମ ଅନୁସାରେ ଗଣ୍ଡଗୋଳ ଓ ଗୃହକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଅବଶ୍ୟ ଦଣ୍ଡନୀୟ। ଏଥିପାଇଁ ବାଚସ୍ପତି ଓ ଗୃହର ଅଧ୍ୟକ୍ଷଙ୍କ କିଛି ସ୍ୱତନ୍ତ୍ର କ୍ଷମତା ରହିଛି। ଆହୁରି ମଧ୍ୟ ଗଣ୍ଡଗୋଳକାରୀ ସାଂସଦଙ୍କ ଦୋଷତ୍ରୁଟି ନିର୍ଦ୍ଧାରଣ କରି ଦଣ୍ଡବିଧାନ କରିବାକୁ ଏକ ସଦାଚାର କମିଟି ରହିଛି। କିନ୍ତୁ ସଦ୍ୟତମ ନିଲମ୍ବନ ଘଟଣା ଭବିଷ୍ୟତ ପିଢ଼ି ପାଇଁ ଏକ ଦୁଃସ୍ଥ ଦୃଷ୍ଟାନ୍ତ ସୃଷ୍ଟିକାରୀ ଅଧ୍ୟାୟ ହୋଇ ରହିଗଲା। ଏହା ଉଭୟ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସଂସଦୀୟ ପରମ୍ପରାର ପରିପନ୍ଥୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ସଂସଦର ଉଭୟ ସଦନରେ ଶାସକ ବିଜେପି ଓ ଏହାର ସହଯୋଗୀ ଦଳମାନଙ୍କର ବିପୁଳ ବହୁମତ ଥିବାରୁ ସଂଖ୍ୟା ଦୃଷ୍ଟିରୁ ଦୁର୍ବଳ ବିରୋଧୀ ଦଳର ସଦସ୍ୟମାନେ ନିଜକୁ ବୋଧହୁଏ ଅବହେଳିତ ଓ ଅପାଂକ୍ତେୟ ମଣୁଥିବା ମନେ ହେଉଛି। ଅନେକ ସମୟରେ ସେମାନଙ୍କ ଉଚିତ ଦାବି ପ୍ରତି ମଧ୍ୟ ସରକାର ବା ଗୃହର ଅଧ୍ୟକ୍ଷ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ବିରୋଧୀ ଦଳର ସଦସ୍ୟଙ୍କ ଦ୍ୱାରା ବାରମ୍ବାର ହୋଇଆସୁଛି। ରାଜନୈତିକ ବିଶାରଦଙ୍କ ମତରେ ଗୃହରେ ସଂଖ୍ୟାନ୍ୟୂନତା ସମ୍ପୃକ୍ତ ବିରୋଧୀ ସଦସ୍ୟମାନଙ୍କ ମଧ୍ୟରେ ଏକ ଅବହେଳିତ ଭାବନା ସୃଷ୍ଟି କରୁଥାଇପାରେ, ଯାହା ସେମାନଙ୍କୁ ଉତ୍କ୍ଷିପ୍ତ ହେବାକୁ ବାଧ କରୁଛି। ସୁଯୋଗ ଲାଭ ନ କରିପାରିବାର ଏହା ଏକ ପ୍ରତିକ୍ରିୟାଶୀଳ ପରିପ୍ରକାଶ ନିଶ୍ଚିତ। ତଥାପି ସଂସଦ ଭବନର ନିରାପତ୍ତାଜନିତ ତ୍ରୁଟି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ତଥା ସଂବେଦନଶୀଳ ପ୍ରସଙ୍ଗରେ ସ୍ୱରାଷ୍ଟ୍ରମନ୍ତ୍ରୀ ସଦନରେ ବିବୃତି ରଖିବାକୁ ବିରୋଧୀ ପକ୍ଷମାନେ ଯେଉଁ ଦାବି ଉପସ୍ଥାପନ କରିଛନ୍ତି, ତାହା ସେଭଳି ଅଯୌକ୍ତିକ ଏବଂ ଅଗ୍ରହଣୀୟ ଥିଲା ବୋଲି ମନେ ହୁଏ ନାହିଁ। ସ୍ୱରାଷ୍ଟ୍ରମନ୍ତ୍ରୀ ବା ସରକାର ଚାହିଁଥିଲେ ଏହା ଉପରେ ବିବୃତି ରଖି ପାରିଥା'ନ୍ତେ ଏବଂ ଏହାଦ୍ୱାରା ଯେ ସରକାରଙ୍କ ସମ୍ମାନ ବା ମର୍ଯ୍ୟାଦା କ୍ଷୁଣ୍ଣ ହୋଇଥା'ନ୍ତା, ସେ ସମ୍ଭାବନା ମଧ୍ୟ ପ୍ରାୟତଃ ନଥିଲା ବୋଲି ମନେ ହୁଏ। ତେବେ ଘଟଣାର ରାଜନୈତିକ ସ୍ପର୍ଶକାତରତା ଦୃଷ୍ଟିରୁ ସରକାର ବିରୋଧୀଙ୍କ ଦାବିକୁ ଗ୍ରହଣ କରିବାକୁ ରାଜି ହୋଇ ନ ଥାଇପାରନ୍ତି। ଅପରପକ୍ଷରେ ବିରୋଧୀ ଏହି ପ୍ରସଙ୍ଗକୁ ସରକାରଙ୍କ ବିଫଳତା ଭାବେ ଦର୍ଶାଇବାକୁ ଚେଷ୍ଟା କରୁଥିବାରୁ ଶାସକଦଳ ପକ୍ଷରୁ ଏହାର ମୁକାବିଲା ଚତୁରତାର ସହିତ ହୋଇଥିବା ମନେ ହେଉଛି।

ଗଣତନ୍ତ୍ରରେ ଆଲୋଚନା ଓ ବିଚାର ବିମର୍ଶର ଗୁରୁତ୍ୱ ଅଧିକ। ସେଥିପାଇଁ ସଂସଦର ଉଭୟ ଗୃହ ଗଣତାନ୍ତ୍ରିକ ମଞ୍ଚ ଭାବରେ ଉଭା ହୋଇଛି। ସେଠି କଥାବର୍ତ୍ତା ବା ଆପୋସ ଆଲୋଚନାକୁ ଛାଡ଼ି ରାଜନୀତିକ ଲକ୍ଷ୍ୟକୁ ଅଗ୍ରାଧିକାର ଦେଲେ ଏଭଳି ଅସ୍ୱାଭାବିକ ଘଟଣାମାନ ଘଟିବ। ତେବେ ନିଲମ୍ବିତ ସଦସ୍ୟମାନେ ଗଣମାଧ୍ୟମ ସାମ୍ନାକୁ ଆସି ସରକାରଙ୍କ କାର୍ଯ୍ୟଧାରା ବହୁମତର ବଳ ଓ ଏକଛତ୍ରବାଦୀ ନୀତିର ପରିଚାୟକ ବୋଲି ଅଭିଯୋଗ ଓ ସମାଲୋଚନା କରି ଜନତାଙ୍କ ଅନୁକମ୍ପା ମାଗିବା ମଧ୍ୟ ଅସମ୍ଭବ ନୁହେଁ। ଏଥିରେ ସବୁଠୁ ବଡ଼ କ୍ଷତି ହେବ ଗଣତନ୍ତ୍ରର ଓ ଏହାର ବ୍ୟବସ୍ଥାର। ଏଭଳି ବିଶୃଙ୍ଖଳା ଦ୍ୱାରା ସଂସଦର ମୂଲ୍ୟବାନ ସମୟ ଅପଚୟ ହେବା ସହିତ ଲୋକଙ୍କ ଅର୍ଥ ବରବାଦ ହେଉଛି। ବିଶ୍ୱ ଦରବାରରେ ଭାରତର ସଂସଦୀୟ ଗରିମା କ୍ଷୁଣ୍ଣ ହେଉଛି। ସ୍ୱାଧୀନତାର ଅମୃତକାଳରେ ଆମ ଗଣତନ୍ତ୍ରର ନିର୍ବାଚିତ ପ୍ରତିନିଧିମାନେ ପୁରୁଣା ଧାରାର ଅବସାନ ଘଟାଇ ଆପୋସ ଆଲୋଚନା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ବିବାଦର ସମାଧାନ କ'ଣ କରିପାରିବେ ନାହିଁ? ସୁସ୍ଥ ଗଣତନ୍ତ୍ରର ସୁନ୍ଦର ଭବିଷ୍ୟତ ପାଇଁ ସମ୍ଭ୍ରମ, ସଂଯମ ଓ ଶୃଙ୍ଖଳା ଯେ ଅପରିହାର୍ଯ୍ୟ - ଏହା ଉଭୟ ସରକାର ଓ ବିରୋଧୀ ଦଳର ସଦସ୍ୟଙ୍କୁ ସ୍ମରଣ କରିବାର ଆବଶ୍ୟକତା ବୋଧହୁଏ ନାହିଁ। ●

## ଦୁବାଇ ଜଳବାୟୁ ଶୀର୍ଷ ସମ୍ମିଳନୀ କୋପ୍-୨୮

# ଆଶା-ନିରାଶାର ଆଉ ଏକ ଫର୍ଦ୍ଦ



ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪

ଦୁବାଇରେ ବିଶ୍ୱ ଜଳବାୟୁ କ୍ରିୟାନୁଷ୍ଠାନ ଶିଖର ସମ୍ମିଳନୀର ୨୮ତମ ସଂସ୍କରଣ ବା କୋପ୍-୨୮ ଉଦଯାପିତ ହୋଇଯାଇଛି। ଦୀର୍ଘ ଦଶ ଦିନ ଧରି ସମ୍ମିଳନୀ ଶୀତତାପ ନିୟନ୍ତ୍ରିତ ଆରାମଦାୟକ ସମ୍ମିଳନୀ ପ୍ରକୋଷ୍ଠ ମଧ୍ୟରେ ଚାଲିଲା। ବିଶ୍ୱର ପ୍ରାୟ୨୦୦ଟି ଦେଶର ୭୦ ହଜାର ସରକାରୀ ପ୍ରତିନିଧି ଯୋଗ ଦେଇଥିଲେ। ଏହି ସମ୍ମିଳନୀର ଆୟୋଜନ ପୂର୍ବରୁ ପରିବେଶବିତ୍‌ମାନେ ବହୁ ଉତ୍କଣ୍ଠାର ସହିତ ଏହାର ଫଳାଫଳକୁ ଅପେକ୍ଷା କରିଥିଲେ। ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ଯେପରି ଉଗ୍ରରୂପ ଧାରଣ କରୁଛି, ଜଳବାୟୁର ସୁରକ୍ଷା ଦିଗରେ ଏକ ବୈଶ୍ୱିକ ସହମତି ଓ ସହଯୋଗିତା ଆଶା କରିବା ସ୍ୱାଭାବିକ।

ଚଳିତ ବର୍ଷ ୨୦୨୩ ମାନବ ସଭ୍ୟତାର ସର୍ବାଧିକ ଉଷ୍ମ ବର୍ଷ ଥିଲା। ଚଳିତ ବର୍ଷର ୮୦ ଦିନରୁ ଅଧିକ ଦିବସର ହାରାହାରି ତାପମାତ୍ରା ଶିଳ୍ପ ବିପ୍ଳବ ପୂର୍ବ ଜଳବାୟୁ ତାପମାତ୍ରା ତୁଳନାରେ ୧.୫ ଡିଗ୍ରୀ ସେଲସିୟସରୁ ଅଧିକ ଥିଲା। ତେଣୁ ବାୟୁମଣ୍ଡଳର ତାପମାତ୍ରା କିପରି ବୃଦ୍ଧି ନ ପାଇବ ସେଥିପାଇଁ କୋପ୍-୨୮ ରେ ଗମ୍ଭୀରତା ସହିତ କିଛି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇପାରେ ବୋଲି ସମସ୍ତେ ଆଶାବାଦୀ ଥିଲେ। କୋପ୍-୨୮ ରେ ବିଶ୍ୱକୁ କ'ଣ ହାସଲ ହେଲା ତାହା ଉପରେ ଆଲୋକପାତ କରିଲେ ଆମେ ଜାଣି ପାରିବା ଯେ ଆମର ଭବିଷ୍ୟତ କିପରି ରହିବ।

କୋପ୍-୨୮ ରେ ଯେତେଗୁଡ଼ିଏ ପ୍ରସଙ୍ଗକୁ ଆଲୋଚନା ପାଇଁ ସୂଚୀବଦ୍ଧ କରାଯାଇଥିଲା ସେଥିରେ ସର୍ବପ୍ରଥମେ ଥିଲା ଜୀବାଶ୍ମ ଇନ୍ଧନର ବ୍ୟବହାର ଉପରେ ପ୍ରତିବନ୍ଧକ। କାରଣ ଜୀବାଶ୍ମ ଇନ୍ଧନର ପ୍ରଚୁର ମାତ୍ରାରେ ବ୍ୟବହାର ଦ୍ୱାରା ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଛି ବୋଲି ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି। କିନ୍ତୁ ସମ୍ମିଳନୀରେ ଯେତେବେଳେ ସମସ୍ତ ପ୍ରକାରର ଜୀବାଶ୍ମ ଇନ୍ଧନର ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ଆଲୋଚନା ଆରମ୍ଭ ହେଲା ସେତେବେଳେ ବିଶ୍ୱର ମତ ଭାଗ ଭାଗ ହୋଇଗଲା। ପ୍ରାକୃତିକ ବାଷ୍ପ ଉତ୍ତୋଳନ କରୁଥିବା ଦେଶମାନେ ଗୋଟିଏ ଗୋଷ୍ଠୀ ହେଲା ବେଳେ ଜୀବାଶ୍ମ ତୈଳ ଉତ୍ପାଦନ କରୁଥିବା ଦେଶ ଆଉ ଗୋଟିଏ ଗୋଷ୍ଠୀ ହେଲେ। ଏହି ଦୁଇ ଗୋଷ୍ଠୀ ମିଶି ଭାରତ ପରି ଅଧିକ କୋଇଲା ଉତ୍ପାଦନ କରୁଥିବା ଦେଶ ଉପରେ କେବଳ କୋଇଲା ଉତ୍ପାଦନକୁ ହ୍ରାସ କରିବା ପାଇଁ ଅଯଥା ଚାପ ସୃଷ୍ଟି କରିବାକୁ ସମସ୍ତ ପ୍ରକାରର ଜୀବାଶ୍ମ ଇନ୍ଧନ ପରିବେଶ ପାଇଁ କ୍ଷତିକାରକ। କିନ୍ତୁ ଦେଶମାନେ ନିଜର ସ୍ୱାର୍ଥ ହାସଲ ପାଇଁ କେବଳ କୋଇଲାର ବ୍ୟବହାରକୁ ଦାୟୀ କରିବା ଦ୍ୱାରା ସମ୍ମିଳନୀରେ ପରିବେଶ ପ୍ରତି ସମସ୍ତେ ଯତ୍ନବାନ ନୁହନ୍ତି ବୋଲି ପ୍ରମାଣିତ ହୋଇଗଲା।

ଏହାସହିତ ଅନ୍ୟ ଏକପ୍ରକାର ଶବ୍ଦର ଗୋଲକଧନ୍ଦା ମଧ୍ୟ ଦେଖିବାକୁ ମିଳିଲା। ସମ୍ମିଳନୀ ଆୟୋଜିତ ହେବା ପୂର୍ବରୁ ଜୀବାଶ୍ମ ଇନ୍ଧନର ବ୍ୟବହାରକୁ କେବେଠାରୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ବା ଫେଜ୍ ଆଉଟ୍ କରାଯିବ ତାହା ନିର୍ଦ୍ଧାରଣ କରାଯିବ ବୋଲି ସ୍ଥିର ହୋଇଥିଲା। ଏହାଦ୍ୱାରା ୨୦୫୦ ବେଳକୁ ଶୂନ୍ୟ ଉତ୍ସର୍ଜନ ବା ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ସମ୍ଭବ ହେବ। କିନ୍ତୁ ଏହା ସମ୍ଭବ ହୋଇ ପାରିଲା ନାହିଁ। କିନ୍ତୁ ୟୁରୋପ ସଂଘ ପକ୍ଷରୁ ଓ କିଛି ପରିବେଶ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବ୍ୟାପକ ପ୍ରଚେଷ୍ଟା ବଳରେ ଫେଜ ଡାଉନ୍ ବା ଜୀବାଶ୍ମ ଇନ୍ଧନର ଉତ୍ପାଦନ ହ୍ରାସ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉ ବୋଲି ଚାପ ସୃଷ୍ଟି ହୋଇଥିଲା। କିନ୍ତୁ ଏହା ମଧ୍ୟ ସମ୍ଭବ ହେଲା ନାହିଁ। ସର୍ବଶେଷରେ ଜୀବାଶ୍ମ ଇନ୍ଧନର ପରିବର୍ତ୍ତନ ବା ଟ୍ରାଞ୍ଜିସନ୍ ଫ୍ରମ୍ ଫସିଲ ଫୁଏଲ



ଶବ୍ଦକୁ ଅନ୍ତିମ ଘୋଷଣାନାମାରେ ସ୍ଥାନିତ କରାଗଲା। ଏହା ମଧ୍ୟ ଏକ ଦୁର୍ବଳ ନୀତି। କାରଣ ଏହାକୁ କିପରି ଭାବରେ ଲାଗୁ କରାଯାଇପାରିବ, କେବେ ଠାରୁ ଲାଗୁ ହେବ ଓ କେଉଁ କେଉଁ ଦେଶର ଭୂମିକା କିପରି ରହିବ ତାହା ସ୍ପଷ୍ଟ ଭାବରେ ଚିତ୍ରିତ ହୋଇ ନାହିଁ। ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ଆପାତତଃ ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ କୌଣସି ପ୍ରକାରର ଅନ୍ତର୍ଜାତୀୟ ସହମତି ପ୍ରକାଶ ପାଇ ପାରିଲା ନାହିଁ। ଏହା କୋପ୍-୨୮ ର ଏକ ସର୍ବବୃହତ ବିଫଳତା ରୂପେ ପରିଗଣିତ ହୋଇଛି।

ଦୁବାଇ ଘୋଷଣାନାମାରେ କିନ୍ତୁ ଏହାକୁ ଏକ ଐତିହାସିକ ସଫଳତା ରୂପେ ଅଭିଷିକ୍ତ କରାଯାଇଛି। ଏହାର କାରଣ ହେଉଛି ବିଗତ ୨୭ ଟି ସଭାରେ ଜୀବାଶ୍ମ ଇନ୍ଧନର କୁପ୍ରଭାବ ଉପରେ ଆଲୋଚନା ମଧ୍ୟ ସମ୍ଭବ ହୋଇ ପାରୁ ନ ଥିଲା। ସେହି ଦୃଷ୍ଟିକୋଣରୁ ଦେଖିଲେ କୋପ୍-୨୮ ରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଉପରେ ଗୋଟିଏ ଅତ୍ୟନ୍ତ କ୍ଷୁଦ୍ର ହେଲେ ମଧ୍ୟ ପଦକ୍ଷେପ ଗ୍ରହଣ କରିବା ସମ୍ଭବପର ହୋଇ ପାରିଛି। ଏହା ମଧ୍ୟ କେବଳ ଭାରତର ଉଦ୍ୟମ ଫଳରେ ସମ୍ଭବ ହୋଇପାରିଛି। କାରଣ କୋପ୍ ୨୭ ରେ ସମସ୍ତ ପ୍ରକାରର ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ପ୍ରସ୍ତାବ ଦେଇଥିଲା।

କୋପ୍-୨୮ ରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେଲା। ତାହା ହେଉଛି ବିଶ୍ୱ ଭଣ୍ଡାର ଯାଞ୍ଚ ବା ଗ୍ଲୋବାଲ ଷ୍ଟକ୍ ଟେକ୍ (ଜିଏସ୍‌ଟି)। ଏହା ମାଧ୍ୟମରେ ଆମେ ପରିବେଶର ସୁରକ୍ଷା ପାଇଁ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରୁଛୁ ସେଥିରୁ ଆମକୁ କେତେ ସୁଫଳ ମିଳୁଛି ତାହାର ବିଶ୍ଳେଷଣ କରାଯାଏ। କୋପ୍ ୨୧ ବା ପ୍ୟାରିସ ଘୋଷଣାନାମାରେ ଏହା ସ୍ଥିର ହୋଇଥିଲା ଯେ ୨୦୨୩ ରୁ ଜିଏସଟିକୁ ଲାଗୁ କରାଯିବ। ଏହାଫଳରେ ଜଳବାୟୁ ପରିବର୍ତ୍ତନର ଅସ୍ୱାଭାବିକତାକୁ ନିୟନ୍ତ୍ରଣ କରିବା ଓ ବିଶ୍ୱ ତାପମାନକୁ ହ୍ରାସ କରିବା ଦିଗରେ ପ୍ରତି ପାଞ୍ଚ ବର୍ଷରେ ଥରେ କେଉଁ ଦେଶର ସରକାର କିପରି ପ୍ରଚେଷ୍ଟା କରୁଛନ୍ତି, ସେଥିପାଇଁ କେତେ ଅର୍ଥ ବ୍ୟୟ ଅଟକଳ କରାଯାଇଛି ଓ ସେଥିରୁ କିପରି ଭାବରେ ସୁଫଳ ମିଳୁଛି ତାହାର ଏକ ହିସାବ ପ୍ରଦାନ କରିବେ। ଏହା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ।

କୋପ୍-୨୮ ରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଓ ବହୁଚର୍ଚ୍ଚିତ ପ୍ରସଙ୍ଗରେ ଆଲୋଚନା ହେଲା। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଯେଉଁ ଅନୁନ୍ନତ ଓ ଦରିଦ୍ର ଦେଶମାନେ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ ବା କ୍ଷୟକ୍ଷତି ପାଣ୍ଠିକୁ ସକ୍ରିୟ କରାଗଲା। ସାଧାରଣତଃ ଧନୀ ଦେଶର ନାଗରିକମାନଙ୍କର ଆରାମଦାୟକ ଓ ଅତ୍ୟାଧୁନିକ ଜୀବନ ଶୈଳୀ ହେତୁ ପ୍ରଚୁର ପରିମାଣରେ ଅଙ୍ଗାର ନିର୍ଗମନ ହୁଏ। କିନ୍ତୁ ଏହା ଫଳରେ ସୃଷ୍ଟି ହେଉଥିବା ଘନ ଘନ ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଦରିଦ୍ର ଦେଶର ନାଗରିକମାନେ ଅଯଥା କ୍ଷତିଗ୍ରସ୍ତ ହୁଅନ୍ତି। ତେଣୁ ସେମାନେ ଉଚିତ କ୍ଷତିପୂରଣ ପ୍ରାପ୍ତ କରିବା ଦ୍ୱାରା ପରିବେଶ ନ୍ୟାୟ ପ୍ରଦାନ କରିବା ସମ୍ଭବ ହେବ ବୋଲି ଯୁକ୍ତି ରଖାଯାଏ। ଏହି କ୍ଷତିପୂରଣ ପ୍ରଦାନ କରିବା ପାଇଁ ୮୦ କୋଟି ଡଲାରର ପାଣ୍ଠି ଗଠନ କରାଯାଇଛି। କିନ୍ତୁ ଏହି ପରିମାଣ ସମୁଦ୍ରକୁ ଶଙ୍ଖେ ସଦୃଶ। କାରଣ କୋପ୍ ୨୧ ରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଯେ ପ୍ରତିବର୍ଷ ୧୦ ହଜାର କୋଟି ଡଲାର ସଂଗ୍ରହ କରାଯିବ। ୧୦ ହଜାର କୋଟି ଡଲାର ଦୂରର କଥା ମାତ୍ର ୧୦୦ କୋଟି ଡଲାର ପାଣ୍ଠି ମଧ୍ୟ ସଂଗ୍ରହ ହୋଇ ପାରୁ ନାହିଁ। କେବଳ ଏତିକି କୁହାଯାଇପାରେ ଯେ ଯାହା ହେଉ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଅନ୍ତତଃ ପାଣ୍ଠିକୁ ସଚଳ କରାଯାଇ ପାରିଛି।

ଗତ ସେପ୍ଟେମ୍ବର ମାସରେ ଭାରତର ସଭାପତିତ୍ୱ ଅଧୀନରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଭାରତ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ଏକ ବିଶେଷ ପ୍ରସ୍ତାବ ଆଗତ କରିଥିଲା। ୨୦୩୦ ସୁଦ୍ଧା ନିଜ ନିଜ ଦେଶରେ ଉତ୍ପାଦନ ହେଉଥିବା ଅକ୍ଷୟ ଶକ୍ତିର ପରିମାଣକୁ ତିନିଗୁଣା ବୃଦ୍ଧି କରିବାକୁ ସମସ୍ତ ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଥିଲା। କୋପ୍-୨୮ ରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏହାଫଳରେ ୨୦୩୦ ବେଳକୁ ବିଶ୍ୱର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତାକୁ ତିନି ଗୁଣା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ୭ ଶହ କୋଟି ଟନ ଅଙ୍ଗାରକାମ୍ଳର ନିର୍ଗମନ ହ୍ରାସ ପାଇବ ବୋଲି ଆଶା କରାଯାଇଛି। ଯଦି କୌଣସି ଦେଶ କୌଣସି କାରଣରୁ ଏହି ଲକ୍ଷ୍ୟ ହାସଲ ନ କରିପାରେ ତେବେ ସେପରି ପରିସ୍ଥିତିରେ କ'ଣ ପଦକ୍ଷେପ ଗ୍ରହଣ କରାଯିବ ତାହା କିନ୍ତୁ ସ୍ପଷ୍ଟ ହୋଇ ନାହିଁ।

କୋପ୍-୨୮ ରେ ଉଭୟ ଚୀନ ଓ ଆମେରିକା ନିଜ ପକ୍ଷ ଓ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରିଥିଲେ। ବିଶ୍ୱରେ ମୋଟ ସବୁଜ ଗୃହ ବାଷ୍ପ ନିର୍ଗମନର ୨୫ ଶତାଂଶ କେବଳ ଚୀନ ଦ୍ୱାରା ହୋଇଥାଏ। ବିଶ୍ୱରେ ଯେତିକି ଅଶୋଧିତ ତୈଳ ବ୍ୟବହୃତ ହୁଏ ତାହାର ୧୫ ପ୍ରତିଶତ କେବଳ ଆମେରିକାରେ ବ୍ୟବହାର କରାଯାଏ। ବିଶ୍ୱର ୨୫ ଶତାଂଶ ପ୍ରାକୃତିକ ବାଷ୍ପ ଆମେରିକାରେ ଉତ୍ପାଦନ କରାଯାଏ। କିନ୍ତୁ ବିଶ୍ୱ ତାପମାନ ବୃଦ୍ଧି ପାଇଁ ସେମାନେ ନିଜ ନିଜର ଉତ୍ତରଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ନୁହନ୍ତି। ଭାରତ ସର୍ବଦା ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ନିଜର ଦୈନନ୍ଦିନ ଜୀବନ ଯାପନ ଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରିଆସିଛି। କୋପ୍-୨୮ ରେ ଏହାକୁ ସ୍ୱୀକାର କରାଯାଇଛି ଓ ଗ୍ରହଣ ମଧ୍ୟ କରାଯାଇଛି।

ତେବେ ଏହା ସ୍ପଷ୍ଟ ଯେ କୋପ୍-୨୮ ରୁ ବିଶ୍ୱ ଯାହା ଆଶା ବାନ୍ଧିଥିଲା ତାହା ଅନେକାଂଶରେ ପୂରଣ ହେଲା ନାହିଁ। ତେଣୁ ପରିବେଶର ସୁରକ୍ଷା କାର୍ଯ୍ୟ ଭବିଷ୍ୟତରେ କିପରି ତ୍ୱରାନ୍ୱିତ ହେବ ତାହା ଉପରେ ଏକ ପ୍ରଶ୍ନ ସୃଷ୍ଟି ହୋଇଛି। କୋପ୍-୨୮ ର ଉଦ୍‌ଘାଟନ ଦିନ ସବୁଦେଶର ରାଷ୍ଟ୍ରମୁଖ୍ୟ ଓ ଶାସନମୁଖ୍ୟ ମିଳିତ ଫଟୋ ଉଠାଇଲେ, ଭୋଜନ କଲେ, କିନ୍ତୁ ଆଲୋଚନା ବେଳକୁ ସମସ୍ତେ ପୃଥକ ହୋଇଗଲେ। ସର୍ବଶେଷରେ କୋପ୍-୨୮ ର ସଭାପତି କହିଲେ ମଧ୍ୟପ୍ରାଚ୍ୟରେ ତୈଳ ଖଣିଗୁଡ଼ିକରେ ପୁଞ୍ଜି ବିନିଯୋଗ ବଳବତ୍ତର ରହିବ। ଦୀର୍ଘ ୧୩ ଦିନ ଧରି ସମ୍ମିଳନୀର ନିର୍ଯାସକୁ ଦେଖିବା ପରେ ଏହା ହୃଦୟଙ୍ଗମ ହୁଏ ଯେ ଯେତେଦିନ ପର୍ଯ୍ୟନ୍ତ ବିକଶିତ ରାଷ୍ଟ୍ରମାନେ ନିଜର ସ୍ୱାର୍ଥକୁ ପରିତ୍ୟାଗ ନ କରନ୍ତି, ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା କାମ ଏତେ ସହଜ ହେବ ନାହିଁ। ●

# ଜାତିଭିତ୍ତିକ ଜନଗଣନାର ପ୍ରାସଙ୍ଗିକତା



ସୀତାକାନ୍ତ ତ୍ରିପାଠୀ
ଭଦ୍ରକ, ମୋ: ୯୭୭୮୭୬୪୩୯୪

ସମ୍ପ୍ରତି ଜାତିଭିତ୍ତିକ ଜନଗଣନାକୁ ନେଇ ବିତର୍କ ଓ ବିବାଦ ସୃଷ୍ଟି ହୋଇଛି। ଜାତିଭିତ୍ତିକ ଜନଗଣନା ଦ୍ୱାରା ସମାଜରେ ଜାତିବାଦ ଓ ଭେଦଭାବ ମାନସିକତା ଅଧିକ ବଢ଼ିବ ବୋଲି ଗୋଟିଏ ମହଲ ମତ ଦେଉଥିବା ବେଳେ ଅବହେଳିତ ବର୍ଗ ଓ ଜାତିର ଲୋକଙ୍କୁ ଅଧିକ ନ୍ୟାୟ ଦିଆଯାଇପାରିବ ବୋଲି ଏହାର ସପକ୍ଷବାଦୀମାନେ ଯୁକ୍ତି ଉପସ୍ଥାପନ କରି ଆସୁଛନ୍ତି। ତେବେ ଜାତିଭିତ୍ତିକ ଜନଗଣନାର ଉଭୟ ଭଲ ଓ ମନ୍ଦ ପକ୍ଷ ରହିଛି। ସେ ସମ୍ପର୍କରେ ଅଧିକ ଆଲୋଚନା ଓ ଗଭୀର ବିଚାର ବିମର୍ଶର ଆବଶ୍ୟକତା ରହିଛି। ତେଣୁ ଏହି ଜଟିଳ ପ୍ରସଙ୍ଗର ଔଚିତ୍ୟ, ଆବଶ୍ୟକତା ଓ ବୈଧାନିକତା ଏକ ସ୍ୱତନ୍ତ୍ର ଆଲୋଚନାର ଅପେକ୍ଷା ରଖେ। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗର ନିଷ୍କର୍ଷ ବିଶେଷଜ୍ଞ ଓ ଆଇନ ବିଶାରଦଙ୍କ କ୍ଷେତ୍ର ହୋଇଥିବାରୁ ତା'ମଧ୍ୟରେ ପ୍ରବେଶ ନ କରି କେବଳ ଏହି ପ୍ରସଙ୍ଗର କିଞ୍ଚିତ ସିଂହାବଲୋକନ ଉପରେ ଆଲୋଚନାକୁ ସୀମିତ ରଖିବା।

ଭାରତୀୟ ସମାଜରେ ଜାତିବାଦର ପ୍ରାସଙ୍ଗିକତାକୁ ଉପଲବ୍ଧି କରି ୧୯୦୧ ମସିହାରେ ହର୍ବର୍ଟ୍ ରିସଲେଙ୍କ ନେତୃତ୍ୱରେ ପ୍ରଥମଥର ପାଇଁ ଜନଗଣନା ବେଳେ ଜାତି ଚିହ୍ନଟ ପାଇଁ ଅନୌପଚାରିକ ଉଦ୍ୟମ ଆରମ୍ଭ ହୋଇଥିଲା। ଅବହେଳିତ ବର୍ଗଙ୍କ ବିକାଶ ପାଇଁ ପଦକ୍ଷେପ ନେବା ଏହାର ମୂଳ ଲକ୍ଷ୍ୟ ବୋଲି ସରକାରୀ ଭାବେ ସେତେବେଳେ ସ୍ପଷ୍ଟୀକରଣ ଦିଆଯାଇଥିଲେ ମଧ୍ୟ ଏହାପଛରେ ଯେ ଇଂରେଜମାନଙ୍କର 'ଡିଭାଇଡ୍ ଆଣ୍ଡ ରୁଲ୍'ର ପ୍ରଚ୍ଛନ୍ନ ନୀତି ରହିଥିଲା ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ପରବର୍ତ୍ତୀ ସମୟରେ ବିଭିନ୍ନ ଜାତିମାନଙ୍କର ପ୍ରଥା, ପରମ୍ପରା ଉପରେ ମଧ୍ୟ ଗବେଷଣା କରାଯାଇଥିଲା। ଏହାଫଳରେ ପ୍ରତ୍ୟେକ ଗୋଷ୍ଠୀର ଗୁଣାତ୍ମକ ମାନ ଧାର୍ଯ୍ୟ କରାଗଲା। ଏହା କିନ୍ତୁ କୌଣସି ସମସ୍ୟା ସମାଧାନ କରିବା ପରିବର୍ତ୍ତେ ପୁନର୍ବାର ଉଚ୍ଚନୀଚ ଭାବଧାରା ସୃଷ୍ଟି କରିବାରେ ଲାଗିଲା। ତେଣୁ ଏହାର ନିରାକରଣ ଲାଗି ଭାରତ ସରକାର ଆଇନ୍-୧୯୩୫ରେ କେତେକ ସଂଶୋଧନ କରାଯାଇ ବିଭିନ୍ନ ଆଧାରରେ ସ୍ଥିରୀକୃତ ସମାଜରେ ଅବହେଳିତ ବର୍ଗମାନଙ୍କୁ 'ଅନୁସୂଚିତ




ଜାତି' ଓ 'ଅନୁସୂଚିତ ଜନଜାତି'ର ମାନ୍ୟତା ଦିଆଗଲା। ପ୍ରଥମେ ଆଶଙ୍କା କରାଯାଉଥିଲା ଯେ ଏହି ବର୍ଗୀକରଣ ଦ୍ୱାରା ଜାତି-ଜାତି ମଧ୍ୟରେ କେବଳ ଗୁଣାତ୍ମକ ଦୃଷ୍ଟିରୁ ବିଭେଦ ସୃଷ୍ଟି ହୋଇପାରେ, କିନ୍ତୁ ପରବର୍ତ୍ତୀ ସମୟରେ ଦେଖାଗଲା ଯେ ଉଭୟ ଗୁଣାତ୍ମକ ଓ ସଂଖ୍ୟାତ୍ମକ ଦୃଷ୍ଟିକୋଣରୁ ବିଭିନ୍ନ ଜାତି ମଧ୍ୟରେ ସଂଘର୍ଷର ସୂତ୍ରପାତ ହେଲା। ଜନସଂଖ୍ୟାରେ ଯେଉଁ ଜାତିମାନଙ୍କର ପ୍ରତିନିଧିତ୍ୱ କମ୍ ଥିଲା, ସେମାନେ ନିଜକୁ ଅସୁରକ୍ଷିତ ମନେ କରି ନିଜର ସଂଖ୍ୟା ବୃଦ୍ଧି କରିବେ ବୋଲି ଆଶଙ୍କା ବଳବତ୍ତର ହେବାରେ ଲାଗିଲା। ଏହି ବର୍ଗୀକରଣ ପରେ ସମାଜରେ ନିଜ ନିଜର ଆଧିପତ୍ୟ ବିସ୍ତାର କରିବା ଲାଗି ପ୍ରତ୍ୟେକ ଜାତି ନିଜ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଅଦ୍ୱିତୀୟ ଭାବେ ପ୍ରତିଷ୍ଠା ଆଳରେ ନିଜ ନିଜ ମଧ୍ୟରେ ସଂଘର୍ଷରେ ଲିପ୍ତ ହେଲେ। କ୍ରମଶଃ ଭାରତୀୟ ହିନ୍ଦୁ ସମାଜ ମଧ୍ୟରେ ଥିବା ଜାତିପ୍ରଥା ଓ ଅବହେଳିତ ବର୍ଗଙ୍କୁ ଆଧାର କରି ଦିଆଯାଇଥିବା ସଂରକ୍ଷଣ ବ୍ୟବସ୍ଥା ବିରୁଦ୍ଧରେ ବିଭିନ୍ନ ଧାର୍ମିକ ଗୋଷ୍ଠୀମାନେ ସ୍ୱର ଉତ୍ତୋଳନ କଲେ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଐତିହାସିକ ଭାବେ ଅତ୍ୟାଚାରିତ ହୋଇ ଆସୁଥିବା ଅବହେଳିତ ଜାତିମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଜାତୀୟ ମୁଖ୍ୟ ସ୍ରୋତକୁ ଫେରାଇ ଅଣାଯିବାର ପ୍ରୟାସ ପରବର୍ତ୍ତୀ ସମୟରେ ଭୋଟ ବ୍ୟାଙ୍କ ରାଜନୀତିରେ ପରିଣତ ହେଲା। ସମୟକ୍ରମେ ବିଭିନ୍ନ ଜାତିର ଲୋକମାନେ ନିଜକୁ ଅନଗ୍ରସର, ଅବହେଳିତ ଓ ପଛୁଆବର୍ଗ ବୋଲି ଦାବି କରି ସଂରକ୍ଷଣ ବ୍ୟବସ୍ଥାରେ ଲାଭ ଉଠାଇବାକୁ ଆଶା ବାନ୍ଧି ଆନ୍ଦୋଳନରେ ସାମିଲ ହେଲେ ଏବଂ ସଫଳତା ମଧ୍ୟ ପାଇଲେ। ସଂରକ୍ଷଣ ସୁବିଧା ପାଇବା ପାଇଁ ଜାତିସଂଖ୍ୟାର ଅହେତୁକ ବୃଦ୍ଧି ହେତୁ ଧୀରେ ଧୀରେ ସରକାରୀ ସୁବିଧା ସୁଯୋଗ ହ୍ରାସ ପାଇବାରେ ଲାଗିଲା। ଯାହାଫଳରେ ଅନେକ ସ୍ଥାନରେ ସଂରକ୍ଷିତ ବର୍ଗମାନେ ଆଉ କୌଣସି ଜାତି କିମ୍ବା ଜନଜାତିକୁ ସେମାନଙ୍କ ବର୍ଗରେ ସାମିଲ ନ କରିବା ପାଇଁ ଆନ୍ଦୋଳନ ଆରମ୍ଭ କରୁଥିବା ଦେଖାଯାଉଛି।

ଅନ୍ୟ ଏକ ସମସ୍ୟା ହେଉଛି ଭାରତୀୟ ଜାତି ଓ ବର୍ଗୀକରଣ ବ୍ୟବସ୍ଥାରେ ସାମିଲ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ। ଗୋଟିଏ ଜାତି ଗୋଟିଏ ରାଜ୍ୟରେ ସବର୍ଣ୍ଣ ହୋଇଥିବା ବେଳେ ଅନ୍ୟ ରାଜ୍ୟରେ ସେମାନେ ଅସବର୍ଣ୍ଣ ଭାବେ ବିବେଚିତ ହୋଇଥାଆନ୍ତି କିମ୍ବା କୌଣସି ଅନୁସୂଚିତ ଜାତି ମଧ୍ୟ ଅନୁସୂଚିତ ଜନଜାତି ଭାବେ ପରିଗଣିତ ହୋଇଥାଆନ୍ତି। ଏ ସବୁକୁ ନେଇ ସଂରକ୍ଷିତ ଜାତି ଓ ଜନଜାତିମାନଙ୍କ ମଧ୍ୟରେ ବହୁ ବାଦବିବାଦ ଅଦ୍ୟାବଧି ଲାଗି ରହିଛି।

ବର୍ତ୍ତମାନ ପରିପ୍ରେକ୍ଷୀରେ ଜାତିଭତ୍ତିକ ଜନଗଣନା ଦ୍ୱାରା ବିଭିନ୍ନ ଅନଗ୍ରସର ଏବଂ ପଛୁଆବର୍ଗକୁ ଚିହ୍ନଟ କରି ସେମାନଙ୍କୁ ସଠିକ ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା ଦେବା ପାଇଁ ବିଭିନ୍ନ ରାଜ୍ୟରେ ରାଜନୈତିକ ସ୍ତରରେ ପ୍ରୟାସ ଆରମ୍ଭ ହୋଇଛି। ସର୍ବାଧିକ ଜନସଂଖ୍ୟାର ଶତକଡ଼ା ପଚାଶ ଭାଗ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇ ପାରିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ସଂଶୋଧନ କରି ସଂରକ୍ଷଣ ହାର ବୃଦ୍ଧି କରିବା ପାଇଁ ଦାବି ଉଠିଲାଣି। ପରିସ୍ଥିତି ଏପରି ହେଲାଣି ଯେ ସଂରକ୍ଷିତ ବର୍ଗରେ ଥିବା ଲୋକମାନେ ଧୀରେ ଧୀରେ ଅଣସଂରକ୍ଷିତ ବର୍ଗର ଲୋକଙ୍କଠାରୁ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପ୍ରତିପତ୍ତି ଦୃଷ୍ଟିକୋଣରୁ ଉନ୍ନତ ବୋଲି ପ୍ରମାଣିତ କରିସାରିଲେଣି। ସେମାନେ ସଂରକ୍ଷଣ ପାଇଁ କେତେ ଯୋଗ୍ୟ ଏବଂ ହକ୍‌ଦାର ତାହାକୁ ନେଇ ମଧ୍ୟ ବିବାଦ ଉଠିଛି ଓ ବିତର୍କ ଆରମ୍ଭ ହୋଇଛି। ତେଣୁ ବର୍ତ୍ତମାନର ଆହ୍ୱାନ ହେଉଛି ଏଭଳି ଏକ ସୁଚିନ୍ତିତ ଓ ସୁଦୂରପ୍ରସାରୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହେବା ଦରକାର, ଯାହାଦ୍ୱାରା ସମସ୍ତ ବର୍ଗର ଲୋକ କୌଣସି ମୌଳିକ ସୁବିଧା ସୁଯୋଗରୁ ନ୍ୟାୟପୂର୍ଣ୍ଣ ଭାବେ ବଞ୍ଚିତ ହେବେ ନାହିଁ। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଦାମାସାହିରେ ଜଳିଗଲା ୨ ବଖରା

**କୁଆମରା,୧୮ ।୧୨ (ସମିସ):** ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତ ସ୍ଥିତ ଦାମାସାହି ଗ୍ରାମର ଆଜି ଅପରାହ୍ନରେ ନିରଞ୍ଜନ ସିଂଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ପୋଡିଯାଇଛି। ପରିବାର ଲୋକେ ବିଲକୁ ଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଘରେ ଥିବା ଆସବାସପତ୍ର ଓ ଧାନ ଚାଉଳ ପୋଡି ଯାଇଛି। ଖବର ପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର ସଠିକ କାରଣ ଜଣାପଡିନାହିଁ।

## ବହଳଦା-ଚାପଡା ରାସ୍ତା ବିପର୍ଯ୍ୟସ୍ତ

**ରାଇରଙ୍ଗପୁର/ଦୁଦୁ,୧୮ ।୧୨(ସମିସ):** ବହଳଦାଠାରୁ ଚାପଡା ଦେଇ ଝାଡଖଣ୍ଡ ରାଜ୍ୟକୁ ସଂଯୋଗ କରୁଥିବା ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡିଛି। ଦୁଦୁ ଗାଁ ପ୍ରବେଶ କରୁଥିବା ସ୍ଥାନ ସହିତ ସମ୍ପୂର୍ଣ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି; ଯାହାକି ଅନେକ ସମୟରେ ଦୁର୍ଘଟଣାର ଘଟୁଥିବା ନଜିର ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଲୋକେ ଅତି ବିପଜ୍ଜନକ ଅବସ୍ଥାରେ ଯାତାୟାତ କରୁଛନ୍ତି। ତେଣୁ ତୁରନ୍ତ ପୂର୍ତ୍ତ ବିଭାଗ ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ରଶ୍ମିତା ଦେଓ ବିଦ୍ୟାର୍ଥୀ ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ଶୁଳିଆପଦା, ୧୮ ।୧୨(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ନଗରରେ ୬୯ତମ ରାଷ୍ଟ୍ରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ଓଡ଼ିଶାରେ ଗୋଟିଏ ଦିନ ପାଇଁ ୪୮ତମ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଧିବେଶନରେ ମୟୁରଭଞ୍ଜ ଜିଲ୍ଲା ବାରିପଦା ମାଟିର ଲଢୁଆ ଛାତ୍ରୀ ଶୁଳିଆପଦା ପଞ୍ଚାୟତ ସମିତି ମହାବିଦ୍ୟାଳୟର ରଶ୍ମିତା ଦେଓଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ପରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**କରଞ୍ଜିଆ,୧୮ ।୧୨(ସମିସ):** ଆଜି କରଞ୍ଜିଆରେ ମୟୂରଭଞ୍ଜ ଜିଲ୍ଲାପାଳ ଭିନୀତ ଭରଦ୍ୱାଜ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରୁଥିବା ବେଳେ ଠାକୁରମୁଣ୍ଡା ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁର ହୋଇଥିବ ମୋ ବସଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ ହୋଇଥିବା ସତ୍ତ୍ୱେ ବିଳମ୍ବ ହେଉଥିବାରୁ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ ଅଞ୍ଚଳବାସୀ। ଦାବିପତ୍ର ଦେବା ସମୟରେ ତରୁଣ କୁମାର ସାହୁ, ସାମ୍ବାଦିକ ମଧୁସୂଦନ ନନ୍ଦ, ତୋରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ସଚ୍ଚିଦାନନ୍ଦ ପଲେଇ, ହରିଷ ଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା



**ରାଇରଙ୍ଗପୁର,୧୮ ।୧୨(ସମିସ):** ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ବିଡିଓ ନାରାୟଣୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଦକ୍ଷତା କୌଶଳ ଓ ନିଯୋଜନ ଅଧିକାରୀ ଆଶିଷ କୁମାର ବସନତିଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଜ୍ଞାନରଂଜନ ହେମ୍ବ୍ରମ, ସିଡିପିଓ କୁଳମଣି ଟୁଡୁ, ମିଶନଶକ୍ତି ବିପିସି ସ୍ୱର୍ଣ୍ଣପ୍ରିୟା ସାହୁ, ମିଶନ ଶକ୍ତି ବିପିଏମ୍ ଶାନ୍ତନୁ କୁମାର ସାହୁ ଓ ସିନିୟର କ୍ଲର୍କ୍ ଅବନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରେନିଂ ସରିଲା ପରେ ସରକାରଙ୍କ ତରଫରୁ ପ୍ରମାଣପତ୍ର ଦିଆଯିବ। ତାପରେ ନିଯୁକ୍ତିର ସୁଯୋଗ ପାଇପାରିବେ। ମେଳାରେ ଏସଆଇଏସ ସିକ୍ୟୁରିଟି, ଆଇଟିଆଇ ତକଟପୁର, ସିପେଟ୍ ବାଲେଶ୍ୱର, ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟ, ଏଲଏଣ୍ଡଟି ପାହାଡପୁର, ବାରିପଦା ଜନଶିକ୍ଷଣ ସଂସ୍ଥା, ପେରିସିଆ ହେଲଥ କେୟାର, ଟେକଟ୍ରିକ ହେଲଥ କେୟାର, ଓବି ୱେଷ୍ଟ ସର୍ଭିସ୍ ସାମିଲ ହୋଇଥିଲେ। ମେଳାରେ ରାଇରଙ୍ଗପୁର ବ୍ଲକର ପାଖାପାଖି ୧୦୦ ଜଣ ନାମ ପଞ୍ଜୀକରଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ଶିବିର; ୪୮୫ ଚିହ୍ନଟ



**କରଞ୍ଜିଆ,୧୮ ।୧୨(ସମିସ):** କରଞ୍ଜିଆ ପଞ୍ଚାୟତ ସମିତି ତରଫରୁ ଆଜି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଦିନିକିଆ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଓ ଏନ.ଏ.ସି.ରୁ ମୋଟ ୪୮୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। ବିଡିଓ ସୁଶାନ୍ତ କୁମାର ସୁତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି ଓ ଉପାଧ୍ୟକ୍ଷ ସତୀଶ ମହାନ୍ତ ଯୋଗଦେଇଥିଲେ। ନାରାୟଣ ବେହେରାଙ୍କ ନେତୃତ୍ୱରେ ଗୋପୀନାଥ ସୟ, ଉତ୍ତମ ଚେତାର, ତପନ କୁମାର ମୁନି, ବନମାଳୀ ନାୟକ, ରୋହିତ କୁମାର, ଶ୍ୱେତବାହିନୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ବାରିପଦା ଓ କରଞ୍ଜିଆ ଡାକ୍ତରଖାନାର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ। ଶିବିରରେ ଆଜି ୨୧୩ ଭିନ୍ନକ୍ଷମ, ୩୧ ପକ୍ଷାଘାତ, ଦୃଷ୍ଟି ବାଧିତରେ ୮୦, ମାନସିକ ଅନଗ୍ରସରରେ ୬୨ଜଣ, ଓ ଅନ୍ୟାନ୍ୟ ୩୨ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏହାବ୍ୟତୀତ ପଦ୍ମଲୋଚନ ନାୟକଙ୍କ ସ୍ତ୍ରୀ ବିନୋଦିନୀ, ଦୀପକ ବେହେରାଙ୍କ ସ୍ତ୍ରୀ ସୁକୁମାରୀଙ୍କୁ ୨.୫ଲକ୍ଷ ଟଙ୍କା ଆକାରରେ ମୋଟ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ବଣ୍ଟନ କରାଯାଇଥିଲା।

## ସଂକୁଳସ୍ତରୀୟ କ୍ରୀଡ଼ା; ସମ୍ଭାଗସ୍ତରକୁ ୫ ମନୋନୀତ

**ମହୁଲଡିହା,୧୮ ।୧୨( ସମିସ):** କେନ୍ଦୁଜିଆଣି ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୨ତମ ସଙ୍କୁଳ ସ୍ତରୀୟ କ୍ରୀଡ଼ା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାବା ଅଟଳେଶ୍ୱର ମହାଦେବଙ୍କଠାରୁ ମଶାଲ ଅଣାଯାଇ ଖେଳ ଆରମ୍ଭ ହୋଇଥିଲା। ମୁଖ୍ୟବକ୍ତା ଭାବେ ପୂର୍ବତନ ଛାତ୍ର ଅଂଶୁମାନ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କିଶୋର ବିଭାଗର ୩ ହଜାର ମିଟର ଦୌଡକୁ ଉଦ୍‌ଘାଟନ କରିଥିଲେ। ନିଷ୍ଠା ଓ ସାଧନା ଦ୍ୱାରା କ୍ରୀଡ଼ାର ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ସହ ସମ୍ପାଦକ ସଞ୍ଜୟ କୁମାର ସାହୁ ଯୋଗଦେଇ ଶିକ୍ଷା ସହିତ ଶାରୀରିକ ଯୋଗ ମାଧ୍ୟମରେ ଏକାଗ୍ରତା ବୃଦ୍ଧିକୁ ଗୁରୁତ୍ୱ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ସଙ୍କୁଳ ସଂଯୋଜକ ମଦନ ମୋହନ ଦାଶ ଓ ସଙ୍କୁଳ ପ୍ରମୁଖ ପାର୍ଥସାରଥି ପାତ୍ର ମାର୍ଗଦର୍ଶନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଯୋଗଦେଇ ବାଲ୍ ବିଭାଗର ବାଧା ଦୌଡ଼ ଖେଳକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ରୂପେ ସମାଜସେବୀ ଉପେନ୍ଦ୍ର କୁମାର ମହାନ୍ତ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ସମ୍ଭାଗ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। କିଶୋର, ବାଲ ଓ ଶିଶୁ ବିଭାଗର ଯାଜ୍ଞେଶ୍ୱର୍ ମାଝୀ, ସଂଜୀବ ତିୟୁ, ସତ୍ୟଜିତ୍ ପୂର୍ତ୍ତି, କୁମାରୀ ରଶ୍ମୀ ରେଖା କାଣ୍ଡିୟାଙ୍ଗ, ଅବିନାଶ ତିରିଆ, ପୂରବୀ ପ୍ରତୀକ୍ଷା ସାହୁ ମନୋନୀତ ହୋଇଛନ୍ତି। ସଙ୍କୁଳ ସଂଯୋଜକ ମଦନ ମୋହନ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଦ୍ୱାରଶୁଣୀ ଘାଟିରେ କଣ୍ଟେନରକୁ ଧକ୍କା ଦେଲା ପୁଲିସ ଭ୍ୟାନ୍

# ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଆହତ; ଜଣେ ଗୁରୁତର





**ବାଙ୍ଗିରିପୋଷି,୧୮ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟି ରାସ୍ତାରେ ଏକ ପୁଲିସ ଭ୍ୟାନ କଣ୍ଟେନରକୁ ଧକ୍କା ଦେବା ଫଳରେ ୧୦ରୁ ଅଧିକ ପୁଲିସ କର୍ମଚାରୀ ଆହତ ହେବା ସହିତ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, କରଞ୍ଜିଆରୁ ବାରିପଦା ୨୦ଜଣ ପୁଲିସ କର୍ମଚାରୀଙ୍କୁ ନେଇ ଆସୁଥିବା ଏକ ରିଜର୍ଭର ଭ୍ୟାନର ଘାଟିରେ ବ୍ରେକଫେଲ ହେବାରୁ ଦୁଇଟି ଗାଡିକୁ ଧକ୍କା ଦେଇ ଘାଟି ଉପରକୁ ଉଠୁଥିବା ଏକ କଣ୍ଟେନର ସହିତ ଧକ୍କା ହୋଇଥିଲା। ଫଳରେ ପୁଲିସ ଭ୍ୟାନଟି କ୍ଷତିଗ୍ରସ୍ତ ହୋଇଛି। ଭ୍ୟାନରେ ଥିବା ୧୦ରୁ ଅଧିକ କର୍ମଚାରୀ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଦମକଳବାହୀନୀ ସହ ଦୁଇଟି ଆମ୍ବୁଲାନ୍ସ ପହଞ୍ଚି ଆହତ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଚାଳକ ମନମଥ ସେଠୀ ଗୁରୁତର ଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି। ମନୋଜ ମହାନ୍ତ, ସସ୍ମିତା ପଲେଇ, ସରୋଜ କର, ଗେହ୍ଲିରାଣୀ ମହାନ୍ତ, ଶରତ ଜେନା, କାହ୍ନି ମହାନ୍ତ, ରାମଚନ୍ଦ୍ର ମହାନ୍ତ ସହ ଅନ୍ୟ ପୁଲିସ କର୍ମଚାରୀଙ୍କୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ତେବେ କଣ୍ଟେନର ଚାଳକର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି। ବାଙ୍ଗିରିପୋଷି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ କମଳାକାନ୍ତ ଦାସ ସୂଚନା ଦେଇଛନ୍ତି।

## ଲୁଟ୍ ବିଫଳ; ଗୃହକର୍ତ୍ତାଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ



**ଖୁଣ୍ଟା,୧୮ ।୧୨(ସମିସ):** ଆସିଥିଲେ ଲୁଟ କରିବାକୁ। ଧରାପଡ଼ିଯିବା ଭୟରେ ଗୃହକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଗଲେ ୫ ଲୁଟେରା। ଏଭଳି ଏକ ଘଟଣା ଘଟିଛି ଖୁଣ୍ଟା ଥାନା ବାରଡାଙ୍ଗୁଆ ଗ୍ରାମରେ। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ବାରଡ଼ାଗୁଆ ଗ୍ରାମର ଭବେଶ୍ୱର ମହଲା ବାହାରକୁ ପରିସ୍ରା କରିବା ପାଇଁ ବାହାରିଥିଲେ ଏବଂ ଘର ବାହାରେ ଲାଇଟ ବନ୍ଦ ଥିବା ଦେଖିଥିଲେ। ଏହି ସମୟରେ ଅନ୍ଧାରର ସୁଯୋଗ ନେଇ ଘର ସମ୍ମୁଖ ବାରଣ୍ଡାରେ ପୂର୍ବରୁ ଜଗି ରହିଥିବା ଜଣେ ଦୁର୍ବୃତ୍ତ ତୁରନ୍ତ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର କପାଳ ଫାଟିଯିବା ସହ ରକ୍ତସ୍ରାବ ହୋଇଥିଲା। ପରେ ଭବେଶ୍ୱର ସାହାସ କରି ଆକ୍ରମଣକାରୀର ତଣ୍ଟିକୁ ଧରି କାବୁ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଅନ୍ଧାରରେ ଲୁଚିରହିଥିବା ଅନ୍ୟ ୩ରୁ ୪ ସଶସ୍ତ୍ର ଲୁଟେରା ତାଙ୍କୁ ପୁଣି ଆକ୍ରମଣ କରିବା ସହିତ ତାଙ୍କୁ ନିକଟରେ ଥିବା ଏକ ପୋଖରୀକୁ ଠେଲିଦେଇଥିଲେ। ଫଳରେ ସେ ପାଣି ଭିତରକୁ ଖସିଯାଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଇଟାପଥର ମାଡ କରିଥିଲେ। ପଥର ମାଡରେ ତାଙ୍କର ଛାତି ଏବଂ ମୁଣ୍ଡରେ ଗଭୀର ଆଘାତ ହୋଇଛି।

ପରେ ଭବେଶ୍ୱର ପୋଖରୀର ଅନ୍ୟ ପାଶ୍ୱର୍ରୁ ଉପରକୁ ଉଠିଆସି ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ପାଖପଡୋଶୀ ଆସିବା ଜାଣିପାରି ଲୁଟେରାମାନେ ଏକ ମୋବାଇଲ ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ଶ୍ରୀ ମହଲା ଦୁର୍ବୃତ୍ତମାନେ ତାଙ୍କ ଘର ପଛ ପଟ ବାଡ଼ ଭାଙ୍ଗି ପ୍ରବେଶ କରିବା ସହ କୋଠରୀର ଝରକା ଭାଙ୍ଗି ଦେଇଥିଲେ। ଏ ନେଇ ଶ୍ରୀ ମହଲା ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଆଇଆଇସି ସୁଜାତା ଖମାରୀ ତଦନ୍ତ କରି ଫେରିଛନ୍ତି।

## ‘ପୁସ୍ତକ ମୋ ଦେଶର ବାଟେ ଘାଟେ’ ଲୋକାର୍ପିତ



**ବାରିପଦା, ୧୮ ।୧୨(ସମିସ):** ଦଶମ ମୟୂରଭଞ୍ଜ ପୁସ୍ତକ ମେଳାର ଚତୁର୍ଥ ଦିବସରେ ବାସନ୍ତୀଲତା ମହାପାତ୍ରଙ୍କ ପୁସ୍ତକ ‘ମୋ ଦେଶର ବାଟେ ଘାଟେ ଲୋକାର୍ପିତ’ ହୋଇଛି। ଆୟୋଜିତ ସଭାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ବନଜା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଅରୁଣୋଦୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର କାର୍ତ୍ତିକଚନ୍ଦ୍ର ଦାସ ଯୋଗଦାନ କରିଥିଲେ। ବରିଷ୍ଠ କବୟିତ୍ରୀ କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାର ପ୍ରାରମ୍ଭରେ କବୟିତ୍ରୀ ପାର୍ବତୀ ବାରିକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସଭା ଶେଷରେ କବୟିତ୍ରୀ ଭାସ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ପୁସ୍ତକର ସମୀକ୍ଷା କରିଥିଲେ। ସଭାକାର୍ଯ୍ୟ ପରେ ଓନଲି ୱାନ ଡ୍ୟାନସ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅପରାହ୍ଣରେ ଫ୍ୟାନସି ଡ୍ରେସ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆରିକା ମହାପାତ୍ର ପ୍ରଥମ, ଶାଶ୍ୱତୀ ବଳବନ୍ତରାୟ ଏବଂ ସାଇଶ୍ରୀ ଶ୍ରୀତିଜା ଶତରୂପା ବେହେରା ଦ୍ୱିତୀୟ ତଥା ଯତିକା ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ।ପ୍ରତିଯୋଗିତାରେ ଅଜିତ ପାଣିଗ୍ରାହୀ, ଜୟନ୍ତ ଦ୍ୱାରୀ ଏବଂ ମନୋଜ ଦଳବେହେରା ବିଚାରକ ଭାବରେ ଯୋଗ ଦେଇଥିଲେ।

## କଫ୍‌ସିରପ୍ ଜବତ; ଜଣେ ଗିରଫ

**କୁଳିଅଣା,୧୮ ।୧୨(ସମିସ):** କୁଳିଅଣା ଅବକାରୀ ବିଭାଗ ପକ୍ଷରୁ ପାରିଆକୁଲି ଗ୍ରାମର ପ୍ରଦୀପ ସାହୁଙ୍କଠାରୁ ୬.୬ ଲିଟର କଫସିରିପ ଜବତ କରାଯିବା ସହିତ ତାଙ୍କୁ ଗିରଫ କରାଯାଇଛି। ଗ୍ରାମର ତପନ ସାହୁ ଏବଂ ତାଙ୍କ ୨ ପୁଅ ବଡରାମ ସାହୁ, କୁଟୁ ସାହୁ ଏବଂ ତାଙ୍କ ପରିବାର ବର୍ଗଙ୍କ ନାମରେ ଅବକାରୀ ଥାନାର ଅଧିକାରୀଣୀ ଜ୍ଞାନେଶ୍ୱରୀ ବିଶ୍ୱାଳ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ଏବଂ ତାଙ୍କ କର୍ମଚାରୀମାନେ ଧମକ ଦେବା, ଜୀବନରେ ମାରିଦେବା, ସରକାରୀ କାର୍ଯ୍ୟରେ ବାଧା ପହଞ୍ଚାଇବାର ଅଭିଯୋଗ କରିଛନ୍ତି। ଚଢଉରେ ତପସ୍ୱିନୀ ବୈଠା, ଦିବ୍ୟାଂଶୁ ପଣ୍ଡା, ମାନସ ରଂଜନ ବେହେରା, ଲକ୍ଷ୍ମଣ କୁମାର ନାଥ, ବିକାଶ କୁମାର ମହାନ୍ତ ସାମିଲ ଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି; ୮୪ଟି ଅଭିଯୋଗ ଆଗତ



**କରଞ୍ଜିଆ,୧୮ ।୧୨(ସମିସ):** କରଞ୍ଜିଆ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଭିନିତ ଭରଦ୍ୱାଜ ଉପଖଣ୍ଡସ୍ତରୀୟ ଜନଅଭିଯୋଗ ଶୁଣାଣି କରିଥିଲେ। ଜିଲ୍ଲାପାଳ ଶିବିରରେ ୮୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୭୦ ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୧୪ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଏଥିରୁ ୫ଟି ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ଶିବିରରେ ତିନି ଜଣଙ୍କୁ ୧୦ ହଜାର ଲେଖାଏଁ ଆର୍ଥିକ ସହଯୋଗ ଦିଆଯାଇଥିଲା। ଆର୍ଥିକ ସହାୟତା ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କରଞ୍ଜିଆ ବ୍ଲକ କେରକେରା ଜହର ଲାଲ ନାଏକ, ରରୁଆ ବ୍ଲକ ବୁଡ଼ାମରା ଗ୍ରାମର ସାରଥୀମଣି ଗିରି ଓ ଠାକୁରମୁଣ୍ଡା ବ୍ଲକର ସୁଲୋଚନା ନାଏକ। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କ ସହିତ ପାଞ୍ଚପିଢ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, କରଞ୍ଜିଆ ଡ଼ିଏଫଓ ଶ୍ରୀକାନ୍ତ ନାୟକ, ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, କରଞ୍ଜିଆ ବିଡ଼ିଓ ସୁଶାନ୍ତ ସୂତାର, ତହସିଲଦାର ଦିବାକର ମାଝୀ, ଡେପୁଟି କଲେକଟର ଅଭିସ୍ମିତା ତିୱାରୀ, ସହକାରୀ ଜିଲ୍ଲାପାଳ ରଶ୍ମିତା ଜେନା, ନିହାର ରଞ୍ଜନ ସେଠୀଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ଏସଡ଼ିଏମ ଡାକ୍ତର ଅନିତା ସିଂ ଏବଂ ଲାଇନ ବିଭାଗର କର୍ମଚାରି ମାନେ ଉପସ୍ଥିତ ଥିଲେ। ଉପ ବିଭାଜନ ଅଧିକାରୀ ଦିନେଶ କୁମାର ସାହୁ, ଅସିତ କୁମାର ମହାକୁଡ଼ ଓ ବରିଷ୍ଠ ରାଜସ୍ୱ ସହାୟକ ଦିଲ୍ଲୀପ କୁମାର ପଲେଇ, ଜବାମଣି ହେମ୍ବ୍ରମ, କନକଲତା ପୂର୍ତ୍ତି, ଲିପ୍ସା ସେଠୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ




**ରରୁଆଁ,୧୮ ।୧୨(ସମିସ):** ରରୁଆଁ ବ୍ଲକ୍ ଅଙ୍ଗାରପଦା ପଞ୍ଚାୟତ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ରରୁଆଁ ବ୍ଲକ୍ ଚେୟାରମ୍ୟାନ ଅଜିତ କୁମାର ତିରିଆ, ମୁଖ୍ୟ ବକ୍ତା ଭାବେ ବିଡ଼ିଓ ପ୍ରେମାନନ୍ଦ ବେହେରା, ସମ୍ମାନିତ ଅତିଥି ରୂପେ ତହସିଲଦାର କୁନ୍ତିରାଣୀ ନାଏକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ପରିସରରେ ।ୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଗିରିଙ୍କ ସଭାପତିତ୍ୱ ଓ ପ୍ରାଧ୍ୟାପକ ମନ୍ମଥ ମହାନ୍ତଙ୍କ ସଂଚାଳନାରେ ସମସ୍ତ ଛାତ୍ର ଯଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଏଥିରେ ଛାତ୍ରୀମାନେ ସୁଆଗ ସଂଗୀତ ପରିବେଷଣ କରିବା ସହିତ ସମସ୍ତ ଅତିଥିବୃନ୍ଦ, ମୁଖ୍ୟବକ୍ତା, ଓଡ଼ିଶା ସରକାରଙ୍କ ଯୁବ ପ୍ରତିଭା ବିକାଶକୁ ପ୍ରଶଂସା କରିଥିଲେ।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ; କଣ୍ଟିସାହି ଚାମ୍ପିଅନ



**ଶୁଳିଆପଦା, ୧୮ ।୧୨(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ ଫାନିଆ ଗ୍ରାମପଞ୍ଚାୟତର ଗେଣ୍ଡାଖାଲରେ ୟୁଥ୍ଆନ୍ ୟୁନିଟ୍ ଗାଓଁତା ଓ ଆଦିବାସୀ ମାର୍ଶାଲ କ୍ଲବ ଆନୁକୂଲ୍ୟରେ ଦୁଇ ଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗତ ୧୬ ଓ ୧୭ ତାରିଖରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଫୁଟବଲ୍ ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟ କମିଟି ସଭାପତି ବୁଡାନ୍ ଟୁଡୁ ଓ ସେକ୍ରେଟାରୀ ହରିଶ୍ଚନ୍ଦ୍ର କିସ୍କୁଙ୍କ ତତ୍ତ୍ୱାବଧାନରେ ଅୟୋଜିତ ଟୁର୍ଣ୍ଣାମେଣ୍ଟରେ କଣ୍ଟିସାହି ଚାମ୍ପିଅନ୍ ହୋଇଥିବାବେଳେ ଜମ୍ବିରାପାଳ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜସ୍ୱ ଅଧିକାରୀ ରବୀନ୍ଦ୍ରନାଥ ସିଂହ ଏବଂ ସମ୍ମାନିତ ଅତିଥି ଭାବେ ଅର୍ନ୍ତଜାତୀୟ ଖେଳାଳି ତଥା ଆଇନଜୀବୀ ବନମାଳୀ ବାରିକ, କୃଷ୍ଣଚନ୍ଦ୍ର ଦାଶ ଓ ଆମ୍ ଆଦ୍‌ମୀ ପାର୍ଟିର ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗଦେଇଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଏବଂ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ।

## ଭୂମିଜ ସମ୍ପ୍ରଦାୟର ସାମାଜିକ ବୈଠକ କୁପୁଲ ନେପେଲ୍



**ବଡଡାଳିମା/ତିରିଙ୍ଗ/ରାଇରଙ୍ଗପୁର,୧୮ ।୧୨(ସମିସ):** ରବିବାର ରାଇରଙ୍ଗପୁର ବ୍ଲକର ଶୁଣ୍ଢିଲ ଗ୍ରାମରେ ବୀରସିଂ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଏକ ଭୂମିଜ ସମ୍ପ୍ରଦାୟର ଏକ ସାମାଜିକ ବୈଠକ କୁପୂଲ୍ ନେପେଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ତିରିଙ୍ଗ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ସମ୍ମାନିତ ଅତିଥି ଭାବେ ବିଇଓ ସୁରେଶ ଚନ୍ଦ୍ର ମୁଣ୍ଡା, ପୂର୍ବତନ ସିନିୟର୍ ବ୍ୟାଙ୍କ ମ୍ୟାନେଜର ଗଣେଶ ସର୍ଦ୍ଦାର, ଡକ୍ଟର ବିନିତା ସର୍ଦ୍ଦାର, ସମାଜସେବକ ସମାୟ ସର୍ଦ୍ଦାର, ମଙ୍ଗଲ ସର୍ଦ୍ଦାର, ପ୍ରହ୍ଲାଦ ମୁଣ୍ଡା, ଅଭୀମନ୍ୟୁ ସର୍ଦ୍ଦାର, ମକ୍ର ସିଂ, ବୁଧୁରାୟ ମୁଣ୍ଡା, ରବୀନ୍ଦ୍ର ମୁଣ୍ଡା, ହରିପଦ ମୁଣ୍ଡା, କୁମାର ସାଣ୍ଡିଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଭୂମିଜ ସମ୍ପ୍ରଦାୟର ଲିପି, ଭାଷା, ଧର୍ମ, ସଂସ୍କୃତି ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁଦିଗରୁ ସାହାଯ୍ୟ କରାଯିବା ଶ୍ରୀ ସାମାଡ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ସଭାରେ ବହୁସଂଖ୍ୟାରେ ଭୂମିଜ ଯୋଗଦେଇଥିଲେ। ସଭା ପରେ ଭୂମିଜ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୪ତମ ବାର୍ଷିକ କ୍ରୀଡ଼ା




**ବଡ଼ସାହି,୧୮ ।୧୨(ସମିସ):** କ୍ରୀଡା ପିଲାଙ୍କ ଶାରିରୀକ ବିକାଶର ମୁଖ୍ୟ ଉପାଦାନ ବୋଲି ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୪ତମ ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ରାଜକିଶୋର ଆଚାର୍ଯ୍ୟ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ସୁଇଟି ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଦେବରାଜ ନାୟକ ଓ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପୁହାଣ ଯୋଗଦାନ କରିଥିଲେ। ବାଣୀପୀଠର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲି ସଭାପତି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ରାଉତ ବାର୍ଷିକ ବିବରଣୀ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶୁଭଜିତ୍ ଶୁଭଙ୍କର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, କାର୍ତ୍ତିକ ସେଠୀ, ସସ୍ମିତା ଦାଶ, ମୋନାଲିସା ପଣ୍ଡା, କବିତା ପତି, ଦୀପକ ବୁଗୁଡେଇ, ଭାଗ୍ୟଶ୍ରୀ ବାରିକ, ବିଷ୍ଣୁପ୍ରିୟା ନାଏକ, ସୌଭାଗ୍ୟବତୀ ରାଉତ, ବାସନ୍ତୀ ହେମ୍ବ୍ରମ ଓ ମଧୁସ୍ମିତା ବାରିକ କ୍ରୀଡା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଅଲମ୍ପିକ ମାଶାଲ ଜଳାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପ୍ରିନ୍ସପାଲ ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ

**କରଞ୍ଜିଆ,୧୮ ।୧୨(ସମିସ):** କରଞ୍ଜିଆ ସ୍ଥିତ ପାଞ୍ଚପିଢ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ମୁଖ୍ୟଅତିଥିଭାବେ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର ଯୋଗଦେଇ ଛାତ୍ରୀମାନଙ୍କୁ ଆଶୀର୍ବଚନ ଦେଇଥିଲେ। ମୁଖ୍ୟବକ୍ତା ଭାବେ କାଦଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ଼ ଜ୍ୟୋତିର୍ମୟୀ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନଙ୍କୁ ଆଗକୁ ବଢିବାର ପ୍ରେରଣା ଦେଇଥିଲେ। ଅଧ୍ୟକ୍ଷ ଉମେଶ ଅଗ୍ରୱାଲା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଦିଲ୍ଲୀପ କୁମାର ପୃଷ୍ଟି ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପିକା ପ୍ରିୟଙ୍କା ପାତ୍ର ଧନ୍ୟବାଦ ଦେଇଥିଲେ।



## ବଦଳିବ ବାଘବସା ପୋଲର ରୂପରେଖ

# ନିର୍ମାଣ ହେବ ହାଇଲେବଲ ବ୍ରିଜ୍

ବୈଶିଙ୍ଗା,୧୮ ।୧୨(ସମିସ): ଗତ ଅଗଷ୍ଟମାସ ୧୧ ଏବଂ ୧୨ତାରିଖ ଦୁଇଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ଜନଅଭିଯୋଗ ଶୁଣାଣି ସମୟରେ ତତ୍କାଳୀନ ୫-ଟି ସଚିବ ତଥା ବର୍ତ୍ତମାନର ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ

## ମୃତ୍ତିକା ପରୀକ୍ଷା ଶେଷ

ବେତନଟୀ-ମୋରଡା-ରାସଗୋବିନ୍ଦପୁର ସୀମାନ୍ତ ଅଞ୍ଚଳର ଭୈରଙ୍ଗୀନଦୀ ଉପରେ ଅବସ୍ଥିତ ୩୨ବର୍ଷ ପୁରୁଣା ବାଘବସା ପୋଲ ସ୍ଥାନରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଥିଲା । ଉକ୍ତ ଦାବି ଗୃହୀତ ହେବା ସହିତ ଇତିମଧ୍ୟରେ ହାଇଲେଭଲ ବ୍ରିଜ ନିର୍ମାଣ ପାଇଁ ମୃତ୍ତିକା ନମୁନା ପରୀକ୍ଷଣ କରାଯାଇଛି । ଗତ ୧୯୯୧-୯୨ ମସିହାରେ ହ୍ୟୁମପାଇପ ବିଛାଯାଇ ପୋଲ ନିର୍ମାଣ କରାଯାଇଥିଲା । ଏହି ପୋଲ ଉପରେ ବେତନଟୀ ବ୍ଲକ ସମେତ ସୀମାନ୍ତ ମୋରଡା ଏବଂ ରାସଗୋବିନ୍ଦପୁର ବ୍ଲକର ହଜାର ହଜାର ଜନସାଧାରଣ ଦୈନନ୍ଦିନର ଯାତାୟାତ ନିମନ୍ତେ ବ୍ୟବହାର କରିଥାନ୍ତି । ତେବେ କିଛି ବର୍ଷ ହେବ ବର୍ଷାଦିନ ସମୟରେ ଏହି ହ୍ୟୁମପାଇପ ପୋଲ ଉପରେ ବନ୍ୟାଜଣ ପ୍ରବାହିତ ହେବା ସହିତ ସାମୟିକ ବାବରେ ଯାତାୟାତ ଠପ୍ ହୋଇଯାଇଥାଏ । ଫଳରେ ହଜାର ହଜାର ଲୋକଙ୍କ ଦୈନନ୍ଦିନର ଯାତାୟାତ ବାଧାପ୍ରାପ୍ତ ହେବା ସହିତ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାଇଥାନ୍ତି । ଏଭଳି ସ୍ଥିତିରେ ସେଠାରେ ଏକ ହାଇଲେଭଲ ବ୍ରିଜ ନିର୍ମାଣ



ନିମନ୍ତେ ସମାଜସେବୀ ସୁଜିତ କୁମାର ମହାନ୍ତ, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର କିସ୍କୁ ପ୍ରମୁଖ ଶତାଧିକ ଅଞ୍ଚଳବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜନଅଭିଯୋଗ ଶୁଣାଣି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଗସ୍ତରେ ଆସିଥିବା ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଦାନ କରିଥିଲେ । ତେବେ ବେତନଟୀ, ମୋରଡା ଏବଂ ରାସଗୋବିନ୍ଦପୁର ଆଦି ୩ଟି ବ୍ଲକର ହଜାର ହଜାର ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀଙ୍କ ଏହି ଦାବିକୁ ଏକପ୍ରକାର ସବୁଜ ସଙ୍କେତ ମିଳିସାରିଥିବା ବେଳେ ନିକଟରେ ହାଇଲେଭଲ ବ୍ରିଜ ନିର୍ମାଣ ନିମନ୍ତେ ମୃତ୍ତିକା ନମୂନା ପରୀକ୍ଷା କରାଯାଇଛି । ତେବେ ବାଘବସାଠାରେ ହାଇଲେଭଲ ବ୍ରିଜ ନିର୍ମାଣ ହେଲେ ଆଗାମୀ ଦଶନ୍ଧି ପାଇଁ ବନ୍ୟା ସମୟର ଯୋଗାଯୋଗ ବିଚ୍ଛିନ୍ନ ଭୟ ଦୂର ହେବାସହିତ ଯାତାୟାତ ସୁଗମ ହୋଇପାରିବ ।

## ବିସିସିର ପୁରାତନ ଖେଳାଳିଙ୍କୁ ନେଇ ବନ୍ଧୁମିଳନ

ବେତନଟୀ,୧୮ ।୧୨(ସମିସ): ବେତନଟୀ କ୍ରିକେଟ କ୍ଲବ (ବିସିସି)ର ପୁରାତନ ଖେଳାଳିଙ୍କୁ ନେଇ ଏକ ବନ୍ଧୁମିଳନ ସାଙ୍ଗକୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ରବିବାର ଏମପିସି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଶଶିକାନ୍ତ ମାହାପାତ୍ରଙ୍କ ଅଧକ୍ଷତା ଏବଂ ଉପସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ୧୯୮୨ମସିହାରେ କିଭଳି ବିସିସି ଗଠନ ହେଲା ଏବଂ ୧୯୮୪ ମସିହାରେ କିଭଳି ପଞ୍ଜୀକୃତ ହେଲା ସେ ନେଇ ନିଜର ଅନୁଭୂତି ବଖାଣିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିସିସିକୁ ଭଲ ପାଉଥିବା, ବିସିସିର ସର୍ବାଙ୍ଗୀନ ଉନ୍ନତିରେ ସକ୍ରିୟ ଭାଗିଦାରୀ ରଖୁଥିବା ଦିବଂଗତ ଇଂ. ଜୀବନ ପାଲ, ସ୍ୱର୍ଗତ ବୁଲୁ ଶର୍ମା, ସ୍ୱର୍ଗତ ଆଇନଜୀବୀ ଅରୂପ କୁମାର ଘୋଷ, ସ୍ୱର୍ଗତ ଶାନ୍ତନୁ କୁମାର ସାହୁ, ସ୍ୱର୍ଗତ ହିମାଦ୍ରୀ ଶେଖର ଘୋଷ, ସ୍ୱର୍ଗତ ସାଗର ଭୋଇ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତି, ସ୍ୱର୍ଗତ ମଦନଲାଲ ଗୁପ୍ତାଙ୍କ ଆମରଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରିବା ସହିତ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଜିତ କୁମାର ମିଶ୍ର, ଦୀପଙ୍କର ପଟ୍ଟନାୟକ, ହନୁମାନପ୍ରସାଦ ଶର୍ମା, ପ୍ରକାଶ ବେହେରା, ଜ୍ଞାନରଞ୍ଜନ ରଥ, ଇଂ. ଆଶିଷ ପାଲ, ବିକାଶ ବେହେରା, ଇଂ. ବିବେକାନନ୍ଦ ପଣ୍ଡା, ଜ୍ୟୋତିଷ ସାହୁ, ମନୋଜ ଓଟା, ସତୀଶ କୁମାର ସାହୁ, ସୁନୀଲ ଖଣ୍ଡେଲୱାଲ, ଡ. ମିଳନ ପାଲ, ବିକାଶ ବେହେରା, ଅରୁଣ ମିଶ୍ର, ସୁଧୀର ଖଣ୍ଡେଲୱାଲ, ତାରାକାନ୍ତ ମହାପାତ୍ର ପ୍ରମୁଖ ଖେଳରେ ସାମିଲ ହୋଇଥିଲେ । ଅନୂପ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା




ରାଇରଙ୍ଗପୁର,୧୮ ।୧୨(ସମିସ): ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ "ସେବାସ୍ତମ୍ଭ" ମୟୂରଭଞ୍ଜ ଜିଲ୍ଲା ଶାଖା ରାଇରଙ୍ଗପୁର ପକ୍ଷରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ବରିଷ୍ଠ ଉପସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ସାଧାରଣ ଜ୍ଞାନ ସହିତ ଆମ୍ବେଦକର ସ୍ୱେଶାଲ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଆୟୋଜନରେ ସେବାସ୍ତମ୍ଭ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ କୁମାର ରାମ ଉପସ୍ଥିତ ରହି ଏପରି ଆୟୋଜନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଉପଦେଷ୍ଟା ଏବଂ ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝୀ ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଉପରେ ପ୍ରତିଯୋଗିତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ରବୀନ୍ଦ୍ର ମୁଖି, ଶ୍ୟାମଚରଣ ମାଝି, ଦୁଃଖିଶ୍ୟାମ ମାଝି, ବାଜଲ ମୁର୍ମୁ, ରାଜେଶ କୁମାର ରାମ, ଡାକ୍ତର ସାଗରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ



ବେତନଟୀ, ୧୮ ।୧୨(ସମିସ): ଦେବାନାଂ ପ୍ରିୟଦର୍ଶୀ ରାଜା ସ୍ୱର୍ଗତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜନ୍ମ ଦିବସକୁ ଆଡମ୍ବର ସହକାରେ ବେତନଟୀରେ ପାଳନ କରିଛି ସିଭିଲ ସୋସାଇଟି । ସ୍ୱର୍ଗତ ମହାରାଜାଙ୍କର ଜୀବନ ଦର୍ଶନ, ପ୍ରଜାନୁରାଗୀ କାର୍ଯ୍ୟ ଓ ସେବା ତଥା ସମଗ୍ରରାଜ୍ୟ ପ୍ରତି ସମର୍ପଣ ମନୋଭାବର ସ୍ମୃତିଚାରଣ ସହ ଫଟୋଚିତ୍ରରେ ସମୂହ ମାଲ୍ୟାର୍ପଣ ଓ ଧୂପଦୀପଦାନ କରାଯାଇଥିଲା । ସଭାରେ ସୋସାଇଟି ସଭାପତି ଚୂଡାମଣି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଆଡ୍ଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ସଭାର ଉଦ୍ଦେଶ୍ୟ ଜ୍ଞାପନ, ମହାରାଜାଙ୍କ ସ୍ମୃତି ଗାନ ସହ ସୋସାଇଟିର ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସର୍ବପ୍ରଥମେ ସଭ୍ୟ ଭରତ ସାମଲଙ୍କ ବିୟୋଗ ଯୋଗୁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ରାମଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତଃମହାବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାରିପଦା, ୧୮ ।୧୨(ସମିସ): ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନାସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟଓ ଶୁଳିଆପଦା ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୮୫ ରନ କରିଥିବା ବେଳେ ପି.ଏସ ମହାବିଦ୍ୟାଳୟ ୨୦ ଓଭରରେ ୮ ୱିକେଟ ହରାଇ ୧୪୪ କରିଥିଲା । ପି.ଏସ ମହାବିଦ୍ୟାଳୟର ଶୁଭମ ମହାନ୍ତି ସର୍ବାଧିକ ୩୪ ରନ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ସମ୍ବିତ ସାମଲ ସର୍ବାଧିକ ୫୮ ବଲରେ ୯୫ରନ କରି ୫ ୱିକେଟ ନେଇ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ବିଜୟୀ କରାଇଥିଲେ । ବିଶ୍ୱବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।



## ଜାତୀୟ ଡାକ କର୍ମଚାରୀ ସଂଘର ସମ୍ମିଳନୀ




ବାରିପଦା, ୧୮ ।୧୨(ସମିସ): ଜାତୀୟ ଡାକ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ଏକ ବିଂଶତମ ଦ୍ୱିବାର୍ଷିକ ସମ୍ମିଳନୀ ସହ ଖୋଲା ଅଧିବେଶନ ଗଣେଶ୍ୱର ପାଣ୍ଡେ ଏବଂ ସୂର୍ଯ୍ୟନନ୍ଦ ସୋରେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ଅବସରପ୍ରାପ୍ତ ଡାକ କର୍ମଚାରୀ ବାଗୁନ ସିଂ ବଙ୍କିରା, ରମେଶ ଚନ୍ଦ୍ର ହେମ୍ବ୍ରମ ଏବଂ ସାରଦା ନନ୍ଦ ପ୍ରଧାନ ଯୋଗ ଦେଇଥିଲେ । ସମ୍ପାଦକ ସେକ ଅବଦୁଲ ମୁସ୍ତାକିନ ବାର୍ଷିକ ବିବରଣୀ ଉପସ୍ଥାପନା ସହିତ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥଲେ । ନୂତନ ଭାବେ ଯୋଗ ଦେଇଥିବା କର୍ମଚାରି ଶେଫାଳୀ ମାହା ତୋ, ଅଞ୍ଜଳି କୁମାରୀ, ରାହୁଲ କୁମାର ଏବଂ ଆକାଶ ଦାସଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶେଷ କ୍ଷେତ୍ରରେ ସଫଳତା ହାସଲ କରିଥିବା କର୍ମଚାରୀ ସୌମ୍ୟା ମହାନ୍ତ, ଝାନ୍ସୀରାଣୀ ମୁର୍ମୁ ଏବଂ ଚନ୍ଦ୍ରଶେଖର ମହାନ୍ତିଙ୍କୁ ମଧ ସମ୍ମାନିତ କରାଯାଇଥିଲା । ଶେଷରେ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଦେବାଶିଷ ମହାନ୍ତ ସମ୍ପାଦକ ନିର୍ବାଚିତ ହୋଇଥିବାବେଳେ ମନୋଜ ମହାନ୍ତ ଧନ୍ୟବାଦ୍ ପ୍ରସ୍ତାବ ଦେଇଥିଲେ । ଚନ୍ଦ୍ରଶେଖର ମହାନ୍ତି ସଭା ପରିଚାଳନା କରିଥିଲେ ।

## ଆମ୍ବଗଡ଼ିଆ ୟୁପି ସ୍କୁଲର ବାର୍ଷିକ କ୍ରୀଡ଼ା




ବୈଶିଙ୍ଗା,୧୮ ।୧୨(ସମିସ): ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ସରକାରୀ ୟୁପିସ୍କୁଲରେ ବାର୍ଷିକ କ୍ରୀଡାତ୍ସୋବ ଆୟୋଜିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ପ୍ରଣତୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିଆରସିସି ସତ୍ୟରଞ୍ଜନ ରାଉତ ଯୋଗଦେଇଥିଲେ । ସହକାରୀ ଶିକ୍ଷକ ଶରତ କୁମାର ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବାର୍ଷିକ କ୍ରୀଡାତ୍ସୋବରେ ଲମ୍ବଡିଆଁ, ଉଚ୍ଚଡିଆଁ, ଦୌଡକୁଦ, ଗଣଦୌଡ, ସ୍କିପିଂ, ମ୍ୟୁଜିକଚେୟାର ସମେତ ବିଭିନ୍ନ ବିଭାଗରେ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରିଚାଳନାରେ ଅଭିଭାବକ ଏବଂ ଏସଏମସି କମିଟି କାର୍ଯ୍ୟକର୍ତ୍ତାଙ୍କ ସମେତ ଶିକ୍ଷକ ପ୍ରଶାନ୍ତ ବେହେରା, ମାନସ ପରିଡ଼ା, ଅଭିଳାଷଚନ୍ଦ୍ର ସିଂ, ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରା ପ୍ରମୁଖ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ ।

## ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ

ମାଣତ୍ରୀ,୧୮ ।୧୨(ସମିସ): ବଡସାହି ବ୍ଲକ ମାଣତ୍ରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଙ୍କପୁରା ସଂସ୍କୃତି ଗୃହରେ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ତରଫରୁ ମୁଣ୍ଡାରୀ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଣ୍ଡାରୀ ବାନି ଶିକ୍ଷୟିତ୍ରୀ ଭଗବତୀ ସିଂଙ୍କ ଆବାହକତ୍ୱରେ ମୁଣ୍ଡାରୀ ବର୍ଣ୍ଣବୋଧ ସ୍ୱୀକୃତି ଏବଂ ସାମ୍ବିଧାନିକ ସ୍ୱୀକୃତି ହାସଲ ଏବଂ ସମ୍ମାନର ସୁରକ୍ଷା ହେଉଛି ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ମୁଖ୍ୟ ଲକ୍ଷ୍ୟ । ଏଥିପାଇଁ ୬ରୁ ୧୪ ବର୍ଷ ବୟସର ମୁଣ୍ଡାରୀ ଭାଷାଭାଷୀ ପିଲାଙ୍କୁ ମୁଣ୍ଡାରୀ ଭାଷାର ଲିପି ମୁଣ୍ଡାରୀ ବାନି ଶିକ୍ଷା ଦେବା ନିମନ୍ତେ ଶିକ୍ଷକ ବୁଧିଆ ସିଂଙ୍କ ସଂକଳିତ ମୁଣ୍ଡାରୀ ଏହି ବିଦ୍ୟାଳୟଟି ପରିଚାଳିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଲେ । ମୁଣ୍ଡାରୀ ବାନି ଶିକ୍ଷୟିତ୍ରୀ ଭାବେ ଭଗବତୀ ସିଂଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ମାଣତ୍ରୀ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ମହାଦେବ ସିଂ, ସରପଞ୍ଚ ସାବିତ୍ରୀ ସିଂ, ୱାର୍ଡସଭ୍ୟ ବାସନ୍ତୀ ସିଂ, ସମାଜସେବୀ



ପୁସ୍ତକ ବଣ୍ଟନ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଣ୍ଡାରୀ ଭାଷାର ସାମାଜିକ ବର୍ଣ୍ଣବୋଧ ପୁସ୍ତକଟିକୁ ପିଲାମାନଙ୍କୁ ମାଗଣାରେ ବଣ୍ଟନ କରାଯାଇଛି । ଏଥିସହିତ ଏହି ଗ୍ରାମରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷା ଶିକ୍ଷା ନିମନ୍ତେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ଗ୍ରାମବାସୀଙ୍କ ସହଯୋଗରେ ପଞ୍ଚୁଆ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ ସମିତି ଜିଲ୍ଲା ସମ୍ପାଦକ ବୁଧିଆ ସିଂ, ବଡସାହି ବ୍ଲକ ଆବାହକ ବୈଦ୍ୟନାଥ ସିଂ ପ୍ରମୁଖ ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ପ୍ରେରଣା ଦେଇଥିଲେ ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଚିତ୍ରଡା,୧୮ ।୧୨ (ସମିସ): ମୋରଡାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ପ୍ରଥମ ଦିନ ଉଦ†ାଟନୀ ଦିନରେ ସ୍ଥାନୀୟ ମୋରଡା ବଜାରସ୍ଥିତ ତାରିଣୀ ବଜାର ନିକଟରୁ ଏକ ମଶାଲ ଶୋଭାଯାତ୍ରା ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଉଦ†ାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୋରଡ଼ା ବିଡ଼ିଓ ଜୟକୃଷ୍ଣ ପାତ୍ର, ସମ୍ମାନିତ ଅତିଥିଭାବେ ମୋରଡା ସରପଞ୍ଚ ରବି ସିଂ, ଭିଏମଡିସି ସଦସ୍ୟ ଅଜୟ କୁମାର ପାଳ, ଅବସରପ୍ରାପ୍ତ ଶିକ୍ଷକ କମଳଲୋଚନ ବେହେରା ଯୋଗଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏବିଇଓ ପୀଥନାଥ ବାସ୍କେ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ସୁଶାନ୍ତ କୁମାର ଦାସ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପ୍ରତିଯୋଗିତାରେ ମୋଟ ୨୫ଟି ବିଭାଗରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ବାଳକ ବିଭାଗରେ ଦୀପତେଶ ରାଉତ, ଶଙ୍କର ସିଂ ଯୁଗ୍ମ ଚାମ୍ପିଅନ ହୋଇଥିବା ବେଳେ ବରିଷ୍ଠ ବାଳିକା ବିଭାଗରେ ଜୟଶ୍ରୀ ମହାନ୍ତ ଚାମ୍ପିଅନ ହୋଇଥିଲେ । ସେହିପରି କନିଷ୍ଠ ବିଭାଗରେ ପ୍ରକାଶ ମାର୍ଣ୍ଡି ଓ ନାଗି ଚନ୍ଦମିକା ହାଁସଦା ଚାମ୍ପିଅନ ହୋଇଛନ୍ତି ।

## ପାର୍ସି ଜିତକାର ମାହା ଉତ୍ସବ ପ୍ରସ୍ତୁତି ବୈଠକ

ବିଶୋଇ,୧୮ ।୧୨(ସମିସ) : ପାର୍ସି ଜିତକାର ମାହା ଉତ୍ସବ-୨୦୨୩ (ଅଲଚିକି ଭାଷା ଦିବସ) ପାଳନ ଉତ୍ସବ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ମୟୂରଭଞ୍ଜ ଜେ. ଏମ୍.ଏମ୍ ଜିଲ୍ଲା ସଭାପତି ସୁନୀଲ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସେକାର ବିଜାତଳା ବ୍ଲକ, ମଣଦା ଓ ସାରସକଣା ଶାଖାର କର୍ମକର୍ତ୍ତା ସମେତ ସାରସକଣା ନିର୍ବାଚନ ମଣ୍ଡଳୀର ୪ଟି ବ୍ଲକର ଜେ. ଏମ୍. ଏମ୍ ଦଳୀୟ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ସମେତ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆସନ୍ତା ୨୨ ତାରିଖରେ ଏହି ଉତ୍ସବ ବିଶୋଇ ସ୍ଥିତ ବାଡୁଣିଆ ପଡ଼ିଆରେ ପାଳନ ହେବା ନିମନ୍ତେ ସ୍ଥିରୀକୃତ ହୋଇଛି । ଶେଷରେ ରାମେଶ୍ୱର ସୋରେନ ଧନ୍ୟବାଦ ଦେଇଥିଲେ ।

## 'ନୂଆ-ଓ' ଯୋଜନାରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

ଚିତ୍ରଡା,୧୮ ।୧୨(ସମିସ): ଚିତ୍ରଡା ମହାବିଦ୍ୟାଳୟରେ ନୂଆ-ଓ ଯୋଜନାରେ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବରେନ୍ଦ୍ର କୁମାର



ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ପ୍ରଥମ ଦିବସରେ ବ୍ୟାଡମିଣ୍ଟନ୍ ଏବଂ କ୍ୟାରମ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ନରେନ୍ଦ୍ର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା । ଏଥିରେ ପ୍ରାଧ୍ୟାପକ ବିଶ୍ୱଜିତ ମହାନ୍ତ, ପ୍ରିୟବ୍ରତ ମିଶ୍ର, କାମଦେବ ପାଠୀ, ଅନୁପ ମହାକୁଡ଼, ଅଧ୍ୟାପିକା ଡ.ଅର୍ଚ୍ଚନା ପ୍ରଧାନ, ସୌଦାମିନୀ ସିଂ, ବିଷ୍ଣୁପ୍ରିୟା ସିଂ,ସରିତା ଟୁଡୁ, ଅଧ୍ୟାପକ ତାପସ ବୋଷ ,ତପନ ଜେନା ଏବଂ ଦିଲ୍ଲୀପ ସାହୁ, ସୁବୀର ବୋଷ, ଚନ୍ଦ୍ରମୋହନ ମହାନ୍ତ, ଯଶୋଦା ବେହେରା ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ଯାଏ ଚାଲିବ ।

## ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା

# ତାରରୁ ନିଆଁଝୁଲ ପଡ଼ି ଜଳିଗଲା ସ୍କୁଟି ସମେତ ୨ ବଖରା

କୁଆମରା,୧୮ ।୧୨(ସମିସ): ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଓ ଦାୟିତ୍ୱହୀନତା ଯୋଗୁଁ ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଚିଲିକା ସ୍ଥିତ ପଟୁଆ ଗ୍ରାମରେ ଦୁଇ ବଖରା ଚାଳ ଘର ସମେତ ମିଶନଶକ୍ତିରୁ ଜଣେ ମହିଳାଙ୍କୁ ମିଳିଥିବା ସ୍କୁଟି ଜଳିଯାଇଛି ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ସୋମବାର ସକାଳେ ଏହି ଅଘଟଣ ଘଟିଛି । ଗ୍ରାମର ମିଶନ ଶକ୍ତିର ସିଆରପି ଭାବେ କାର୍ଯ୍ୟ କରୁଥିବା ଭାରତୀ ମାଝୀ ଆଜି ସକାଳେ କୌଣସି କାମରେ ଖୁଣ୍ଟା ଯାଇଥିବା ବେଳେ ତାଙ୍କ ଘରକୁ ଲାଗି ସିନଗ ହେମ୍ବ୍ରମ ମଧ ଗାଁ ଆଡେ ବୁଲିବାକୁ ଯାଇଥିଲେ । ଉଭୟ ଘରେ ନ ଥିବା ବେଳେ ଏହି ସମୟରେ ତାଙ୍କ ଘର ଉପର ଦେଇ ଯାଇଥିବା ବିଦ୍ୟୁତତ ତାରରୁ ନିଆଁ ଝୁଲ ଖସି ପ୍ରଥମେ ବାଉଁଶ ଗଛ ଏବଂ ପରେ ଘରକୁ ବ୍ୟାପୀ ଯାଇଥିଲା ନିଆଁ । ପରେ ନିମିଷକେ ମାତ୍ରେ ଦୁଇ ବଖରା ସମ୍ପୂର୍ଣ୍ଣ ଜଳିଯାଇଥିଲା । ଖବର ପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ଘରେ ଥିବ ଭାରତୀଙ୍କ ସ୍କୁଟି ମଧ ଜଳିଯାଇଥିଲା । ସେହିପରି ଘରେ ଥିବା ଆସବାବପତ୍ର ସହିତ ଧାନ, ଚାଉଳ ଓ କୁକୁଡା ଫାର୍ମ ପୋଡି ପାଉଁଶ ହୋଇଯାଇଛି । ଯାହାର ମୂଲ୍ୟ ପାଖାପାଖି ଦୁଇ ଲକ୍ଷ ଟଙ୍କା ହେବ ବୋଲି ରାଜସ୍ୱ ବିଭାଗ ଆକଳନ କରିଛି । ତେବେ ଭାରତୀଙ୍କ କହିବା ଅନୁଯାୟୀ ୬ ମାସ ତଳେ ଟାଟା ପାୱାର ପକ୍ଷରୁ ତାଙ୍କ ଘର ଉପର ଦେଇ ବିଦ୍ୟୁତ ତାର ଟଣା ଯାଉଥିବାବେଳେ ସେ ପ୍ରତିବାଦ କରିଥିଲେ; ହେଲେ ବିଭାଗୀୟ ଅଧିକାରୀମାନେ ତାଙ୍କ କଥା ଶୁଣି ନ ଥିଲେ । ବରଂ ତାଙ୍କୁ ନାଲି ଆଖି ଦେଖାଇ ଜବରଦସ୍ତ ତାର ଟାଣିଥିଲେ । ତେବେ ଅଗ୍ନିକାଣ୍ଡରେ ହୋଇଥିବା କ୍ଷତି ପାଇଁ ସେ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛନ୍ତି । ଶୀତ କାକରରେ ଦୁଇ ପରିବାରର ୫ ଜଣ ସଦସ୍ୟ ମୁଣ୍ଡ ଗୁଞ୍ଜିବାକୁ ଜାଗା ନ ଥିବାରୁ ତାଙ୍କୁ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ।

## କ୍ଷୀରୋଦ ନାୟକଙ୍କ ପରଲୋକ

ବାରିପଦା, ୧୮ ।୧୨(ସମିସ): ବାରିପଦା ସହର ସ୍ଥିତ ମଧୁବନ ଅଞ୍ଚଳର ଜଣେ ପରୋପକାରୀ ତଥା ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ କ୍ଷିରୋଦ ନାୟକଙ୍କର ଗତକାଲି ୫୩ ବର୍ଷରେ ବ୍ରେନଷ୍ଟ୍ରୋକ ଯୋଗୁଁ ଦେହାନ୍ତ ହୋଇଯାଇଛି । ସେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଆଜି ତାଙ୍କର ପାର୍ଥିବ ଶରୀର ମଧୁବନ ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିଥିଲେ ।

## ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ବିୟୋଗ

ବାରିପଦା,୧୮ ।୧୨(ସମିସ): ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ବିଶ୍ୱବିଦ୍ୟାଳୟ ଶାଖାରୁ ସେବାନିବୃତ୍ତ କର୍ମଚାରୀ ନନ୍ଦକିଶୋର ରାମ (୬୮)ଙ୍କ ବିୟୋଗ ଘଟିଛି । ତାଙ୍କ ବିୟୋଗରେ ଶୁଭେଚ୍ଛୁ ମହଲରେ ଶୋକ ପ୍ରକାଶ ପାଇଛି । ତାଙ୍କ ବିୟୋଗରେ ରାଇରଙ୍ଗପୁର ହାଇସ୍କୁଲର "ପୁରାତନ ଛାତ୍ରସଂଘ ତଥା "ବ୍ୟାଙ୍କ ଅଫ ଇଣ୍ଡିଆ ରିଟାୟରିଜ୍ ଆସୋସିଏସନ' ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି ।

### 'ଗୋନାସିକା-କେନ୍ଦୁଝର' ମହୋତ୍ସବ ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# 'ମହୋତ୍ସବ ଏକତା ଓ ପ୍ରଗତିର ପ୍ରତୀକ'





କେନ୍ଦୁଝର,୧୮ ।୧୨(ସମିସ)

କେନ୍ଦୁଝର ଷ୍ଟାଡିୟମ ଓ କାଳୀପଡ଼ିଆଠାରେ "ଗୋନାସିକା-କେନ୍ଦୁଝର ମହୋତ୍ସବ-୨୦୨୩' ଓ "ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା' ସୋମବାର ସନ୍ଧ୍ୟାରେ ରଙ୍ଗାରଙ୍ଗ କାଯ୍ୟକ୍ରମ ମଧ୍ୟରେ ଉଦ୍ଘାଟିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ମହିଳା, ଶିଶୁବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍ଘାଟନ କରିଛନ୍ତି । ଉତ୍ସବରେ ଜିଲ୍ଲାପାଳ ଆଶିଷ ଠାକ୍ରେ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା

## ମଣ୍ଟୁ ଛୁରିଆ ଓ ଟିମ୍ କଲେ ଦର୍ଶକଙ୍କୁ ମତୁଆଲା

ପାଟଣା ବିଧାୟକ ଜଗନ୍ନାଥ ନାୟକ ଯୋଗ ଦେଇଥିଲେ । ମହୋତ୍ସବ ଏକତା ଓ ପ୍ରଗତିର ପ୍ରତୀକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡା, ଏସ୍ପି ନିତୀନ କୁଶଲକର, ଡିଏଫ୍ଓ ଧନରାଜ ଏଚ୍ଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଏଥିରେ ଯୋଗଦେଇଥିଲେ । କେନ୍ଦୁଝର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଗ୍ରାମୀଣ ଶିଳ୍ପକଳାର ପ୍ରଚାର ଓ ପ୍ରସାର ସହିତ ବିକାଶ, ଶିଳ୍ପୀ ଓ କଳାକାରମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ଏହି ମହୋତ୍ସବର ଆୟୋଜନ କରାଯାଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସଞ୍ଜିବ ବାରିକ ମଞ୍ଚ ପରିଚାଳନା କରିଥିଲେ । ଗୋନାସିକା କେନ୍ଦୁଝର ମହୋତ୍ସବ ଅବସରରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା ଏବଂ ପୁସ୍ତକମେଳାର ଆୟୋଜନ କରାଯାଇଛି । ଓରମାସ ଦ୍ୱାରା ସଂଯୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ରାଜ୍ୟର ୨୫ଟି ଜିଲ୍ଲା ଏବଂ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ପଞ୍ଜାବ, ଜାମ୍ମୁ ଓ କାଶ୍ମୀର, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, ଶିଳ୍ପୀ, କାରିଗର ଅଂଶଗ୍ରହଣ ସହ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ ସହିତ ବିକ୍ରୟ ହେଉଛି । ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର, ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକକଳା ନୃତ୍ୟଦଳ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲ୍ଲାର ସୁନାମଧନ୍ୟ ଲୋକକଳା ଓ ନୃତ୍ୟଦଳ ଓ ବଲିଉଡର ନାମିଦାମୀ କଳାକାର ଅଂଶଗ୍ରହଣ କରି ସେମାନଙ୍କ କଳାଭିନୟ ପ୍ରଦର୍ଶନ କରିବେ । ଏତଦ୍‌ବ୍ୟତୀତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଆସାମ ଆଦି ରାଜ୍ୟର ଲୋକକଳା ଦଳ ଅଂଶଗ୍ରହଣ କରିଛନ୍ତି । ଖାଦ୍ୟମେଳାରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସାଙ୍ଗକୁ ବିଭିନ୍ନ କିସମର ପିଠାପଣା ପ୍ରସ୍ତୁତ ଓ ବିକ୍ରୟ କରାଯାଉଛି । ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ଚାଙ୍ଗୁ, ସାନ୍ତାଳି, ମୁଣ୍ଡା, ଝୁମର, ଛଉ ଓ କଣ୍ଢେଇ ଆଦି ନୃତ୍ୟ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି । ପ୍ରଥମ ଦିବସରେ ଭୁବନେଶ୍ୱରର ତ୍ରିଧାରା ଅନୁଷ୍ଠାନର ଓଡିଶୀ ଓ ମଣ୍ଟୁ ଛୁରିଆଙ୍କ ସଙ୍ଗୀତକୁ ଦର୍ଶକ ଉପଭୋଗ କରିଥିବା ବେଳେ ସୁରନିକେତନର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ସାଂସ୍କୃତିକ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଡେପୁଟି ଜିଲ୍ଲାପାଳ ବସୁନ୍ଧରା ଭିତିରିଆ, ସୁରଞ୍ଜିକା ବେହେରା, ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାୟକ, ସାଂସ୍କୃତିକ କମିଟିର ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, ଦେବାଶିଷ ମିଶ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ଉପସ୍ଥାପନାରେ ସମୟଶ୍ରୀ ଚାଟାର୍ଜୀ ଓ ପ୍ରଶାନ୍ତ କୁମାର ପଲେଇ ରହିଥିଲେ । ସୂଚନା ଯୋଗ୍ୟଯେ ଗତବର୍ଷ ମହୋତ୍ସବ ଅବସରରେ ଆୟୋଜିତ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳାରେ ୧.୪୯ କୋଟିର କାରବାର ହୋଇଥିଲା । ଏବର୍ଷ କାରବାର ୩ କୋଟି ଟପିବ ବୋଲି ଅନୁମାନ କୁହାଯାଇଛି ।

## ୩ ସ୍ଥାନରୁ ଆସିଲା ମଶାଲ

କେନ୍ଦୁଝର/ଚମ୍ପୁଆ/ଆନନ୍ଦପୁର: ଚଳିତ ବର୍ଷ ତିନୋଟି ସ୍ଥାନରୁ ମଶାଲ ଆସି କେନ୍ଦୁଝରରେ ପହଞ୍ଚିଛି । ଭବ୍ୟ ସ୍ୱାଗତ ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ମଶାଲ ତିନୋଟିକୁ ମହୋତ୍ସବ ସ୍ଥଳକୁ ନିଆଯାଇଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୋନାସିକା ବ୍ରହ୍ମେଶ୍ୱର ପୀଠରୁ ଏକ ମଶାଲ ଆସି କେନ୍ଦୁଝରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଦେଇ କେନ୍ଦୁଝରରେ ପହଞ୍ଚିଥିଲା । ଅନ୍ୟ ଏକ ମଶାଲ ଆନନ୍ଦପୁରରୁ ବାହାରି କେନ୍ଦୁଝରର ଆରାଧ୍ୟା ଦେବୀ ମା' ତାରିଣୀ ପୀଠ ଘଟଗାଁ ଦେଇ କେନ୍ଦୁଝରରେ ପହଞ୍ଚିଛି । ଆନନ୍ଦପୁରରେ ରେଭିନ୍ୟୁ ଅଫିସର ବିଜୟ କୁମାର ପୂର୍ତ୍ତି, ଆନନ୍ଦପୁର କ୍ରୀଡ଼ା ସଂସଦର ଉପସଭାପତି ନିରାକାର ଦଳେଇ, ଲୋକ ସମ୍ପର୍କ ବିଭାଗର ଅଧିକାରୀ ଦେବେନ୍ଦ୍ର ରାଉତରାୟ, ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟାପକ ରଘୁଦିପ୍ତ ନାୟକ ମଶାଲ ଶୋଭାଯାତ୍ରାରେ ସହଯୋଗ କରିଥିଲେ । ସେହିପରି ଚମ୍ପୁଆରୁ ଏକ ମଶାଲ ଆସି କେନ୍ଦୁଝର ଠାରେ ପହଞ୍ଚିଥିଲା । ତିନୋଟି ଯାକ ମଶାଲକୁ କଚେରି ପରିସରରେ ଭବ୍ୟ ସ୍ୱାଗତ ପରେ ସେଠାରୁ ସାଂସ୍କୃତିକ ରାଲିର ଆୟୋଜନ ହୋଇଥିଲା । ଏହି ମଶାଲ ରାଲିକୁ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଯଦୁମଣୀ ମହଲା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସଞ୍ଜିବ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ମହିଳା ମହାବିଦ୍ୟାଳୟରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ




**ଯୋଡା,୧୮ ।୧୨(ସମିସ):** ଯୋଡା ମହିଳା ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଡ଼ା ପୌରପରିଷଦର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅବିନାଶ ପଟ୍ଟନାୟକ, ଜିଲ୍ଲା ବିଜେଡି ସମ୍ପାଦକ ବାବୁଲାଲ ସାହୁ, ଯୋଡା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ ଓ ଯୋଡା ପୌରପାଳିକାର ବିଜୁ ଛାତ୍ର ଜନତା ଦଳ ସଭାପତି ଦୀପଙ୍କର ବିଶ୍ୱାସ ଯୋଗ ଦେଇଥିଲେ । ଉଦଯାପନ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ କଲେଜର ଅଧ୍ୟକ୍ଷା ଡ. ମୃଦୁଳା ମହାନ୍ତି ଓ ସଭାକୁ ପରିଚାଳନା କରିଥିଲେ ଅଧ୍ୟାପକ ପବିତ୍ର ମୋହନ କର । ଶେଷରେ +୩ ନୂଆ-ଓ ସଂଯୋଜକ ଅଧ୍ୟାପକ ବିଭୂତି ଭୂଷଣ ମହାନ୍ତି ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ +୨ ନୂଆ-ଓ ସଂଯୋଜକ ଅଧ୍ୟାପକ କିଷାନ ଚନ୍ଦ୍ର ନାଏକ ଓ କ୍ରୀଡା ଶିକ୍ଷୟିତ୍ରୀ ବବିତାରାଣୀ ସିଂ ।

## ସାମାଜିକ ସେବା ଓ ସଚେତନତା କାର୍ଯ୍ୟକ୍ରମ



**ବାଲିବନ୍ଧ, ୧୮ ।୧୨ (ସମିସ):** ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ 'ନୂଆ-ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' ଆନୁକୂଲ୍ୟରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ୩ ବିଭାଗ ପକ୍ଷରୁ ସାମାଜିକ ସେବା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସାମ୍ବାଦିକ ନିର୍ମଳଚନ୍ଦ୍ର ବାରିକ, ଝୁମ୍ପୁରା ଦମକଳକେନ୍ଦ୍ରର ଅଧିକାରୀ ଆଶିଷ କୁମାର ସାହୁ ଓ ସାମ୍ବାଦିକ ଡମ୍ବରୁଧର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ, ଅଧ୍ୟାପକ ପ୍ରଦ୍ୟୁମ୍ନ କିଶୋର ବେଉରା, ଯୁକ୍ତଦୁଇ ବିଭାଗର କ୍ରୀଡ଼ା ଅଧିକାରୀ ଅଧ୍ୟାପକ ନାରାୟଣ ସାହୁ, ଇଂରାଜୀ ଅଧ୍ୟାପକ ଶଶାଙ୍କଶେଖର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଅଧ୍ୟାପକ ବିନାୟ ମହାନ୍ତ ସଭା ସଂଯୋଜନା କରିଥିଲେ । ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ଅର୍ଶଲା ଗ୍ରାମର ସାହିବସ୍ତି ଏବଂ ଲକ୍ଷ୍ମୀପଡ଼ିଆ ପର୍ଯ୍ୟନ୍ତ ପରିକ୍ରମା କରି ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ସଚେତନତା ବାର୍ତ୍ତା ବାଣ୍ଟିଥିଲା ।

## ବର୍ଷିୟାନ କଳାକାରଙ୍କ ପରଲୋକ



**ଘସିପୁରା,୧୮ ।୧୨(ସମିସ):** କେନ୍ଦୁଝର ଜିଲ୍ଲା ଅଳତି ପଞ୍ଚାୟତ ବେଲସୁନ୍ଦରୀ ଗ୍ରାମର ବର୍ଷିଆନ କଳାକାର ଦିବାକର ସାହୁ(୮୧)ଙ୍କ ସୋମବାର ହୃଦ୍ଘାତରେ ପରଲୋକ ଘଟିଛି । ସେ କିଛି ଦିନ ହେଲା ବାର୍ଦ୍ଧକ୍ୟ ଜନିତ ପୀଡ଼ାରେ ଚିକିତ୍ସାଧୀନ ଥିଲେ । ସ୍ୱର୍ଗତ ସାହୁ ଏକାଧାରାରେ ଜଣେ ଯାତ୍ରା କଳାକାର ସହିତ ମୃଣ୍ମୟୀ ମୂର୍ତ୍ତୀ କାରିଗର ଏବଂ କଣ୍ଢେଇ ନାଚର ପ୍ରଚ୍ଛଦ ଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ୮୦ ଦଶକରେ ନିଜେ ଏକ କଳାକୁଞ୍ଜ ପ୍ରତିଷ୍ଠା କରି ବିଭିନ୍ନ ମେଳା ମହୋତ୍ସବରେ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଏକ ମାତ୍ର ପୁଅ ବିରଞ୍ଚିନାରାୟଣ ସାହୁ ମୁଖାଗ୍ନି ଦେଇଥିଲେ ।

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବାଲି ଲିଜଧାରୀ

**ଘସିପୁରା,୧୮ ।୧୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଶାଳଦେଇ ବୈତରଣୀ ନଦୀରୁ ଲିଜଧାରୀ ଗତ ସପ୍ତାହରେ କାଲି ବାଲି ଉତ୍ତୋଳନ କରିବା ବେଳେ ଗାଁ ମୁଣ୍ଡରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗାଁର କିଛି ମହିଳା ପୁରୁଷ ଏହାକୁ ବିରୋଧ କରି ମୁଖ୍ୟ ରାସ୍ତା ଉପରେ ବସି ରହିବା ସହ ଲୋଡିଂ ହୋଇଥିବା ବାଲି ଗାଡ଼ି ଗୁଡ଼ିକୁ ଛାଡି ନଥିଲେ । ଫଳରେ ରାସ୍ତା ଗାଡି ଗୁଡିକ ଅଟକି ରହିଥିଲା । ଲିଜଧାରୀ ଭାଗୀରଥି ବୋଇତେଇ ବାଲି ଉତ୍ତୋଳନ ପ୍ରକ୍ରିୟାକୁ ବନ୍ଦ କରି ଆଜି ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ବାଲି ଉତ୍ତୋଳନ ବନ୍ଦ ଦ୍ୱାରା ସାଧାରଣ ଲୋକ ବାଲି ପାଇପାରୁନଥିବା ସେ କହିଛନ୍ତି । ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରି ଜିଲ୍ଲାପାଳ ବାଲି ଉତ୍ତୋଳନକୁ ବିରୋଧ କରୁଥିବା ଗ୍ରାମବାସୀଙ୍କ ସହ ଅଲୋଚନା କରି ବାଲିଚାଲାନକୁ ସୂଚାରୁ ରୂପେ ଚାଲୁ କରିବାକୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ।

## ହାଡ଼ଭଙ୍ଗା ଶୀତରେ ଥରୁଛି ପାଟଣା ଅଞ୍ଚଳ



**ତୁରୁମୁଙ୍ଗା,୧୮ ।୧୨(ସମିସ):** କେନ୍ଦୁଝର ଜିଲ୍ଲାରେ ୫ ଦିନ ହେବ ଶୀତର ଲହରୀ ଜାରି ରହିଥିବା ବେଳେ ଅସହ୍ୟ ଜାଡ଼ ଲାଗିରହିଛି । ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଞ୍ଚଳରେ କରକାପାତ ହେଉଥିବାରୁ ଦିନତମାମ କୋହଲା ପବନ ଲାଗି ରହିଥିବା ଯୋଗୁ ପାଟଣା, ସାହାରପଡ଼ା ତୁରୁମୁଙ୍ଗା ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି । ସନ୍ଧ୍ୟା ପୂର୍ବରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ଜରୁରୀ କାମ ଯୋଗୁ ଲୋକେ ବାହାରକୁ ବାହାରିବାକୁ ବାଧ୍ୟ ହେଉଥିବା ବେଳେ ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ପୁଇଁ ହେଉଛନ୍ତି । ଅସହ୍ୟ ଥଣ୍ଡା ଯୋଗୁ ବୃଦ୍ଧବୃଦ୍ଧାମାନେ ନାହିଁ ନଥିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ।

### ଜିଲ୍ଲାପାଳଙ୍କ ଜନଶୁଣାଣି ଅଭିଯୋଗ ଶିବିର

## ବୈତରଣୀରେ ପାଦଚଲା ସେତୁ ପାଇଁ ଦାବି

**ଆନନ୍ଦପୁର,୧୮ ।୧୨(ସମିସ):** ଆଜି ଆନନ୍ଦପୁର ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ ମୋଟ ୧୬୧ଟି ଆପତି ଅଭିଯୋଗ ଗ୍ରହଣ କରିଥିଲେ । ବୈତରଣୀ ନଦୀର ଆନନ୍ଦପୁରରେ ପାଦଚଲା ସେତୁ, ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଖାଲି ପଡ଼ିଥିବା ପଦବୀରେ ଡାକ୍ତର ନିଯୁକ୍ତି କରିବାକୁ ଆନନ୍ଦପୁର ପ୍ରେସ୍ ଫୋରମ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ସେହିପରି ୨୦୨୨ ମସିହାରେ ଖଣିଜ ପାଣ୍ଠି ମେଧାବୃତ୍ତି ପାଇବାକୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏଯାଏ ବୃତ୍ତି ମିଳିନଥିବାରୁ ଅଭିଭାବକମାନଙ୍କ ପକ୍ଷରୁ ଶ୍ରୀଧର ସାହୁ, ଜେମାମଣି ସାହୁ, ଦେବେନ୍ଦ୍ର ରାମ, ରାମଚନ୍ଦ୍ର ଧଳ, ନିତ୍ୟାନନ୍ଦ ସାମଲ, ନଗେନ ଦଳେଇ, ଅକ୍ଷୟ ରାମ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ପଦ୍ମପୁର ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ ସଂଯୋଗ, ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ପରିବାରରୁ ଜଣକୁ ନିଯୁକ୍ତି, ଗୋହିରାସ୍ଥିତ କାଶିନାଥ ହେଲ୍ଥକେୟାରରେ ନବଜାତକ ଶିଶୁକୁ ଜନ୍ମ ପ୍ରମାଣପତ୍ର ଦେବାରେ ଅର୍ଥ ଦାବି ଭଳି ଗୁରୁତ୍ୱପୂର୍ଣ୍ଣ ଓ ସଂଗୀନ ଅଭିଯୋଗ ଉପରେ ତଦନ୍ତ କରିବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ବିଡିଓ ଯୋଗରଞ୍ଜନ ନାୟକଙ୍କ ସଂଯୋଜନାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପଦ ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. କିଶୋର କୁମାର ପୃଷ୍ଟି, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ଡିଏଫ୍ଓ ଅଭୟ କୁମାର ଦଳେଇ, ରେଞ୍ଜର ନବ କୁମାର ନାୟକ, ତହସିଲଦାର, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କେଲୁଚରଣ ଦଳେଇ, ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକ ପ୍ରମୁଖ ଯୋଗ ଦେଇ ଅଭିଯୋଗକାରୀଙ୍କ ସହିତ ସମସ୍ୟା ସମାଧାନ ଦିଗରେ ଆଲୋଚନା କରିଥିଲେ ।



## ଆନନ୍ଦପୁରରେ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ




ଆନନ୍ଦପୁର,୧୮ ।୧୨(ସମିସ)

ଆନନ୍ଦପୁର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୪୦ତମ ବାର୍ଷିକ ଶିଶୁ ଉତ୍ସବ ସ୍ଥାନୀୟ ବ୍ରଜବନ୍ଧୁ ସରକାରୀ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର ଓଷ୍ଟାର ସଭାପତି ବିଜୟ କୁମାର ସୁର ଓ ସମ୍ପାଦକ ପ୍ରଦୀପ କୁମାର ହଜାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା କେନ୍ଦୁଝରର ପୂର୍ବତନ ସମ୍ପାଦକ ବରିଷ୍ଠ ଶିକ୍ଷକ ଚିନ୍ତାମଣି ଜେନା ଓ ମୁଖ୍ୟବକ୍ତା ଭାବେ ଆନନ୍ଦପୁର ପୂର୍ବତନ ବିଇଓ ବରିଷ୍ଠ ଶିକ୍ଷାବିତ ଶରତ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ବ୍ରଜବନ୍ଧୁ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋପିନାଥ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଘସିପୁରା ବ୍ଲକ ଓଷ୍ଟାର ପୂର୍ବତନ ସମ୍ପାଦକ ନୀଳମଣି ପଟ୍ଟନାୟକ, ଝାଡେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଘଡେଇ ପ୍ରମୁଖ ଯୋଗ ଦେଇଥିଲେ । ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଓଷ୍ଟାର ପ୍ରାକ୍ତନ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ଶାନ୍ତନୁ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଘସିପୁରା ଓଷ୍ଟାର ସମ୍ପାଦକ ବିଜୟ ସାହୁ, ରାଜ୍ୟ ସହସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ଓଷ୍ଟା ହାଟଡିହି ସମ୍ପାଦକ ଶିଶିର ବିଶ୍ୱାଳ, କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ପଣ୍ଡା, ଓଷ୍ଟା କେନ୍ଦୁଝର କାର୍ଯ୍ୟକାରୀ ସଦସ୍ୟ ନିରାକର ମହାପାତ୍ର ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଉତ୍ସବରେ ଆନନ୍ଦପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ୧୦ଟି ବିଭାଗରେ ଭାଗ ନେଇଥିଲେ । ବିଚାରକ ମଣ୍ଡଳୀ ଭାବେ ସଙ୍ଗୀତ ଗୁରୁ ମନୋରଞ୍ଜନ ମହାପାତ୍ର, ଶମ୍ଭୁନାଥ ରଣା, ମଦନ ପାଣି, ସସ୍ମିତା ସେଠୀ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଗାୟତ୍ରୀ ଚକ୍ର ଓ ଜ୍ୟୋତ୍ସ୍ନାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଶ୍ୱେତଲିନା ମହାପାତ୍ର, ଝରଣା ମଞ୍ଜରୀ ଓଝା, ଅନିତା ସାହୁ, ପଦ୍ମାବତୀ ନାୟକ, ସୁନିତା ଜେନା, ସୁଧାଂଶୁବାଳା, ନରେନ୍ଦ୍ର ସାହୁ ପରିଚାଳନା କରିଥିଲେ ।

### ଋଣମେଳାରେ ଅବ୍ୟବସ୍ଥା

## ଗରମ ଖାଦ୍ୟରେ ପଡ଼ି ଜଣେ ଗୁରୁତର

ଆନନ୍ଦପୁର,୧୮ ।୧୨(ସମିସ)

ଘସିପୁରା ବ୍ଲକରେ ଆୟୋଜିତ ଋଣମେଳା କାର୍ଯ୍ୟକ୍ରମରେ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ହୋଇଥିବା ବେଳେ ରନ୍ଧାଖାଦ୍ୟରେ ପଡ଼ି ରଥିଆ ବାରିକ ନାମକ ଯୁବକ ଗୁରୁତର ଆହତ ହୋଇପଡ଼ିବା ଘଟଣାରେ ଉଦବେଗ ପ୍ରକାଶ ପାଇଛି । ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସା ପରେ ତାଙ୍କ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି । ରାଜ୍ୟ ସରକାର ମହିଳାମାନଙ୍କ ସଶକ୍ତିକରଣ ପାଇଁ ବିବିଧ ଯୋଜନା କରୁଥିବା ବେଳେ ଏହାକୁ ପରିଚାଳନା କରିବା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ହେୟ ମନୋଭାବ ଓ ଲାଭଖୋର ମନୋବୃତ୍ତି ଯୋଗୁ ଅନେକାଂଶରେ ଏହା ଭଣ୍ଡୁର ହୋଇଯାଇଛି । ଯାହାର ବିକଳ ଚିତ୍ର ଦେଖିବାକୁ ମିଳିଛି ଘସିପୁରା ବ୍ଲକ ପରିସରରେ । ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆୟୋଜିତ ଋଣ ମେଳାରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବ୍ୟାଙ୍କରୁ ପଦାଧିକାରୀମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ପ୍ରସ୍ତୁତ ହୋଇଥିବା ଖାଦ୍ୟ ଭାତ, ଡାଲମା ଓ ଖଟା ଅତ୍ୟନ୍ତ ଅରୁଚିକର ହୋଇଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ପାଇଁ ଏହି ରନ୍ଧାଖାଦ୍ୟ ବିତରଣ କରିବାରେ ଅତ୍ୟନ୍ତ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା । ମହିଳାମାନେ ଦୀର୍ଘ ସମୟ ଧରି ଧାଡିରେ ଠିଆ ହୋଇ ରହି ବିରକ୍ତି ଭାବ ପ୍ରକାଶ କରୁଥିବା ଜାଣିପାରି ବିଧାୟକ ଶ୍ରୀ ପାତ୍ର କାର୍ଯ୍ୟକ୍ରମର ପରିଚାଳନାକୁ ନେଇ ଅସନ୍ତୋଷ ଝାଡିଥିଲେ । ମିଶନ ଶକ୍ତି କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆୟୋଜନ ଓ ପରିଚାଳନାଗତ ତ୍ରୁଟି ଏବଂ ଅବ୍ୟବସ୍ଥା ନେଇ ବିଧାୟକ ଶ୍ରୀ ପାତ୍ର ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ । ତେବେ ଘସିପୁରା ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର, ଋଣମେଳା ଭଳି ଆୟୋଜନ କରାଯାଉଥିବା ବିଭିନ୍ନ ସମାବେଶଜନିତ କାର୍ଯ୍ୟକ୍ରମରେ ବାରମ୍ବାର ଏପରି ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ଯୋଗୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଥିବାରୁ ଆଗାମୀ ଦିନରେ ଏହାର ପୁନରାବୃତ୍ତି ନହେବାକୁ ପୂର୍ବତନ ସରପଞ୍ଚ ପ୍ରଶନ କୁମାର ପାତ୍ର ଓ ନିର୍ମଳ ରାଉତ ଦାବି ଜଣାଇଛନ୍ତି ।







# ମାଛର ଉନ୍ନତ ପ୍ରଜାତି

ଅନୁବଂଶୀୟ ଉନ୍ନତ ଭାକୁର (ଜିଆଇ କାଟଲା), ଜୟନ୍ତୀ ରୋହି, ଏମୁର କାର୍ପ, ଜିଆଇ ସ୍କାମ୍ପି (ମଧୁର ଜଳ ଚିଙ୍ଗୁଡ଼ି) ଆଦି ଉନ୍ନତ ପ୍ରଜାତି ମାଛ ଚାଷ କରି ଏବେ ଚାଷୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଅନୁବଂଶୀୟ ଉନ୍ନତ ଭାକୁର, ଜୟନ୍ତୀ ରୋହି, ଜିଆଇ ସ୍କାମ୍ପି ଯାଆଁଳ, ସିଫା, କୌଶଲ୍ୟାଗଙ୍ଗ ଠାରେ ବିକଶିତ କରାଯାଇଥିବାବେଳେ ଏମୁର କାର୍ପ କୃଷି ବିଜ୍ଞାନ ବିଶ୍ୱବିଦ୍ୟାଳୟ, ବେଙ୍ଗାଲୁରୁ ଦ୍ୱାରା ବିକଶିତ କରାଯାଇଛି। ପାରମ୍ପରିକ ଭାକୁର ରୋହି ଓ ଚିଙ୍ଗୁଡି ଠାରୁ ଏହି ଉନ୍ନତ ପ୍ରଜାତି ମାଛର ଶରୀର ବୃଦ୍ଧି ୧୫ରୁ ୨୦ ପ୍ରତିଶତ ବର୍ଷକୁ ଅଧିକ ହୋଇଥାଏ। ଚୟନ ପ୍ରକ୍ରିୟା ମାଧ୍ୟମରେ ପ୍ରଜନନ ପଦ୍ଧତି (ସିଲେକ୍ଟିଭ ବ୍ରିଡିଂ) ଅବଲମ୍ବନ କରାଯାଇ ଜୟନ୍ତୀ ରୋହି ବିକଶିତ କରାଯାଇଛି। ସାଧାରଣ ରୋହିଠାରୁ ଜୟନ୍ତୀ ରୋହି ଶୀଘ୍ର ବଢ଼ିବାର କ୍ଷମତା ରଖିଛି। ଏହି ଉନ୍ନତ ପ୍ରଜାତିର ମାଛକୁ ମତ୍ସ୍ୟଚାଷୀ ପୋଖରୀରେ ବ୍ୟବହାର କଲେ ନିଜସ୍ୱ ମାଛ ଅମଳ ବଢ଼ିବା ସହିତ ରାଜ୍ୟର ମାଛ ଚାହିଦାକୁ ମଧ୍ୟ ପୂରଣ କରାଯାଇପାରିବ। ସାଧାରଣତଃ ଅଧିକାଂଶ ପାରମ୍ପରିକ ଓ ଉନ୍ନତ ପ୍ରଜାତି ମାଛର ବିଭେଦକୁ ଚିହ୍ନି ପାରନ୍ତିନି। ତେଣୁ ନିର୍ଭରଯୋଗ୍ୟ ସରକାରୀ ବା ବେସରକାରୀ ହ୍ୟାଚେରୀରୁ ଏହି ଉନ୍ନତ ପ୍ରଜାତି ଯାଆଁଳ ସଂଗ୍ରହ କରନ୍ତୁ।

# ଲେଣ୍ଡି ଖତ



ଆମ ଦେଶର ଅନେକ ଚାଷୀ ବିଭିନ୍ନ ଫସଲ ଚାଷ ସହିତ ପ୍ରାଣୀ ଓ ମତ୍ସ୍ୟପାଳନ କରି ନିଜର ଜୀବିକା ନିର୍ବାହ କରୁଛନ୍ତି। ଏବେ କିଛି ଚାଷୀ ସ୍ୱାସ୍ଥ୍ୟ ସଚେତନ ହୋଇ ନିଜ କ୍ଷେତରେ ରାସାୟନିକ ଖତ ବଦଳରେ ଜୈବିକ ଖତ ବ୍ୟବହାର କରୁଛନ୍ତି। ଗୋବର ଖତ ବହୁଳ ଭାବେ ବ୍ୟବହାର କରାଯାଉଥିବାବେଳେ ଏବେ ଖତର ବିକଳ୍ପ ସାଜିଛି ଛେଳି ଲେଣ୍ଡି ବା ମଳ। ଛେଳି ପାଳକ ଲେଣ୍ଡିଖତକୁ ଉଦ୍ୟାନ କୃଷି, ପାକଶାଳା ବଗିଚା ଏବଂ କୃଷି କ୍ଷେତରେ ଉତ୍ତମ ଜୈବିକ ଖତ ଭାବେ ପ୍ରୟୋଗ କରି ଲାଭାନ୍ୱିତ ହୋଇପାରିବେ।

ଲେଣ୍ଡି ଖତରେ ପ୍ରଚୁର ପରିମାଣରେ ନାଇଟ୍ରୋଜେନ୍, ଫସ୍‌ଫରସ୍ ଏବଂ ପୋଟାସିୟମ୍ ଥିବାରୁ ଗଛକୁ ପ୍ରଚୁର ପରିମାଣର ପୋଷକତତ୍ତ୍ୱ ମିଳିବା ସହ ଫସଲର ଅଭିବୃଦ୍ଧି ହୁଏ। ମାଟିର ଜଳଧାରଣ କ୍ଷମତା ବୃଦ୍ଧି ପାଇଥାଏ। ଏଥିରେ କମ୍ ଦୁର୍ଗନ୍ଧ ହୋଇଥାଏ। ମାଟିରେ ଭଲ ଭାବରେ ମିଶିଯାଇଥାଏ। ମୃତ୍ତିକାର ଉର୍ବରତା ଦେଖି ଲେଣ୍ଡି ଖତକୁ ସାର ସହିତ ମିଶାଇ ପ୍ରୟୋଗ କରାଯିବା ଉଚିତ।

ଲେଣ୍ଡି ଖତର କମ୍ପୋଷ୍ଟ ପ୍ରସ୍ତୁତ କରିବା ପାଇଁ ଏଥିରେ ଡାଳପତ୍ର, ରୋଷେଇଘରୁ ବାହାରୁଥିବା ବର୍ଜ୍ୟ ସାମଗ୍ରୀକୁ ମିଶାଇ ପାରିବେ। ଫସଲରେ ଲେଣ୍ଡି ଖତ ପ୍ରୟୋଗ କରିବା ପୂର୍ବରୁ ଏହା କମ୍ପୋଷ୍ଟ ହୋଇଥିବା ଦରକାର। ବିହନ ବୁଣିବାର ଯଥେଷ୍ଟ ପୂର୍ବରୁ ଲେଣ୍ଡି ଖତ ପ୍ରୟୋଗ କରି ଜମିକୁ ଭଲ ଭାବରେ ଚାଷ କରିଲେ ଉପଯୁକ୍ତ ଲାଭ ମିଳିଥାଏ।

## ପ୍ରାଣୀ ସମ୍ପଦ ଉପରେ

# ଜଳବାୟୁ ପରିବର୍ତ୍ତନର ପ୍ରଭାବ





**ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ପ୍ରାଣୀଜାତ ଉତ୍ପାଦର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହା ବୈଶ୍ୱିକ ଖାଦ୍ୟ ଆବଶ୍ୟକତାର ଶତକଡ଼ା ୧୭ ଭାଗ ଶ୍ୱେତସାର ଏବଂ ୩୩ ଭାଗ ପୁଷ୍ଟିସାର ଚାହିଦାକୁ ପୂରଣ କରିଥାଏ। ବିଶ୍ୱର ପାଖାପାଖି ୧୦୦ କୋଟି ଲୋକଙ୍କୁ ଜୀବିକା ପ୍ରଦାନ କରିଥାଏ। ବିକାଶଶୀଳ ଦେଶମାନଙ୍କରେ ପ୍ରାଣୀଜାତ ଦ୍ରବ୍ୟର ଚାହିଦା ପୂରଣ କରିବା ପାଇଁ 'ପ୍ରାଣୀ ସମ୍ପଦ ବିପ୍ଳବ' ମାନ ହୋଇଛି। ତନ୍ମଧ୍ୟରୁ ୮୦ ଦଶକରେ ହୋଇଥିବା 'ଦୁଗ୍ଧ ବିପ୍ଳବ' ଧାନ ଏବଂ ଗହମ ଉତ୍ପାଦନ ବୃଦ୍ଧି ପାଇଁ 'ସବୁଜ ବିପ୍ଳବ' ଆଦି ଉଲ୍ଲେଖନୀୟ। କିନ୍ତୁ ସମାନ ସମୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରାଣୀଜାତ ଦ୍ରବ୍ୟ ଉତ୍ପାଦନ ପ୍ରତିକୂଳ ଭାବେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେବେ ଜଳବାୟୁ ପରିବର୍ତ୍ତନର ପ୍ରାଣୀଜାତ ଦ୍ରବ୍ୟ ଉତ୍ପାଦନ ଉପରେ ସମ୍ଭାବ୍ୟ ପ୍ରଭାବ ହେଉଛି ଗୋଖାଦ୍ୟ ଏବଂ ଚାରା ଗୁଣବତ୍ତା ହ୍ରାସ, ପ୍ରାଣୀମାନଙ୍କର ବୃଦ୍ଧି ଓ ପ୍ରଜନନ ଉପରେ ପ୍ରଭାବ, ଦୁଗ୍ଧ ଉତ୍ପାଦନ ଉପରେ ପ୍ରଭାବ, ରୋଗ ଏବଂ ପୋକ ପ୍ରାଦୁର୍ଭାବ ଓ ଜୈବ ବିବିଧତା ହ୍ରାସ।**



ଋତୁପର୍ଣ୍ଣା ପାଇକରାୟ

### ରୋଗ ଏବଂ ପୋକର ପ୍ରାଦୁର୍ଭାବ

ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରା ବୃଦ୍ଧି ଦ୍ୱାରା ପ୍ରାଣୀ ସ୍ୱାସ୍ଥ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବିତ ହୁଏ। ରୋଗ ଏବଂ ମୃତ୍ୟୁର ସମ୍ଭାବନା ବୃଦ୍ଧି ପାଇଥାଏ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଭୟଙ୍କର ରୋଗର ବିସ୍ତାର କିମ୍ବା ନୂତନ ରୋଗ ମଧ୍ୟ ସୃଷ୍ଟି ହୋଇପାରେ। ଏଥିପାଇଁ ରୋଗର ଗତିଶୀଳତା ଏବଂ ପ୍ରାଣୀମାନଙ୍କ ଠାରେ ଏହାର ସଂକ୍ରମଣର ପ୍ରଭାବ ମୂଲ୍ୟାଙ୍କନ, ବିଶ୍ୱ ତାପମାତ୍ରାରେ ବୃଦ୍ଧି ଏବଂ ବୃଷ୍ଟିପାତରେ ଅନିୟମିତତା ଯୋଗୁଁ ମଶା, ମାଛି, ଟିଙ୍କ ଆଦି ରୋଗ ପରିବାହକଙ୍କ ଦ୍ୱାରା ହେଉଥିବା ରୋଗ ସଂକ୍ରମଣ ବୃଦ୍ଧି ଓ ବୃଷ୍ଟିପାତ ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ପରିସ୍ଥିତି ଆମ ଦେଶ ସହିତ ଉଷ୍ମ ଜଳବାୟୁ ଦେଶଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇବାର ସମ୍ଭାବନା ରହିଛି।

### ପ୍ରାଣୀ ବୃଦ୍ଧି ଉପରେ ପ୍ରଭାବ

ପ୍ରାଣୀମାନଙ୍କର ଏକ ତାପୀୟ ସୂଚକାଙ୍କ ରହିଛି। ଯାହାକି ନିର୍ଦ୍ଦିଷ୍ଟ ତାପମାତ୍ରା ମଧ୍ୟରେ ପ୍ରାଣୀମାନଙ୍କର ସର୍ବୋତ୍କୃଷ୍ଟ ବିକାଶ ହୋଇଥାଏ। ଏହାଛଡ଼ା ତାପମାତ୍ରା ବୃଦ୍ଧି ହେଲେ ଉଦ୍ଭିଦର କୋଷପ୍ରାଚୀରର ଉତ୍ପାଦନ ବୃଦ୍ଧି ହୁଏ। ଏହା ପ୍ରାଣୀମାନଙ୍କ ଦ୍ୱାରା ସହଜରେ ହଜମ ହୋଇପାରିନଥାଏ। ଯାହାଦ୍ୱାରା ପୁଷ୍ଟିସାରର ଉପଲବ୍ଧତା ହ୍ରାସ ହୁଏ। ବୃଦ୍ଧିରେ ପ୍ରଭାବ ପଡ଼େ। ଶରୀରର ତାପମାତ୍ରା ଯେତେବେଳେ ଅଧିକ ହୁଏ, ପ୍ରାଣୀମାନେ ଉତ୍ତାପ ଚାପର ଶିକାର ହୁଅନ୍ତି। ଏହି ଉତ୍ତାପ ଚାପ ଶରୀରର ଆର୍ଦ୍ରତା, ପ୍ରଜାତି, ବୟସ ଏବଂ ଶରୀରର ପୁଷ୍ଟିକର ସ୍ଥିତି ଉପରେ ନିର୍ଭରଶୀଳ। ଏହା ଦ୍ୱାରା ଖାଇବା, ଖାଦ୍ୟ ହଜମ ଆଦି ପ୍ରଭାବିତ ହୁଏ।

### ପ୍ରଜନନ ଏବଂ ପ୍ରାଣୀଜାତ ଦ୍ରବ୍ୟ ଉତ୍ପାଦନ ପ୍ରଭାବିତ

ଦୁଗ୍ଧ ଉତ୍ପାଦନ ଗାଈଙ୍କଠାରେ ମେଟାବଲିଜିମ୍ ଚାପ ସୃଷ୍ଟି ହୁଏ। ତେଣୁ ଗାଈମାନେ ଗରମ ଚାପ ପାଇଁ ଅଧିକ ସମ୍ବେଦନଶୀଳ, ଏହାଦ୍ୱାରା ଦୁଗ୍ଧ ଉତ୍ପାଦନରେ ହ୍ରାସ ଘଟିବାର ସମ୍ଭାବନା ରହିଛି। ବିଶ୍ୱ ଉତ୍ତାପ ବୃଦ୍ଧି ଯୋଗୁଁ ଘୁଷୁରି ପାଳନ କ୍ଷେତ୍ରରେ ଶାବକର ଓଜନ, ବୃଦ୍ଧି ଓ ଖାଦ୍ୟ ଗ୍ରହଣ ସମୟରେ ପରିବର୍ତ୍ତନ ହେବା ସହ ଘୁଷୁରି ଶାବକମାନଙ୍କର ବଞ୍ଚିବାର ହାର ହ୍ରାସ ପାଇପାରେ। ଉତ୍ତାପ ବୃଦ୍ଧି ହେତୁ କୁକୁଡ଼ା ଚାଷ କ୍ଷତିଗ୍ରସ୍ତ ହେବା, ପ୍ରଜନନ ଦକ୍ଷତା ପ୍ରଭାବିତ, ଚିଆଁର ଓଜନ, ମାଂସପେଶୀ କ୍ୟାଲୋରୀର ପରିମାଣ ହ୍ରାସ ହେବା ଦ୍ୱାରା ଅଣ୍ଡା ଉତ୍ପାଦନରେ ହ୍ରାସ ପାଇବା ସହ ଗୁଣବତ୍ତା, ଓଜନ ଏବଂ ଅଣ୍ଡାଖୋଳର ଓଜନ ଏବଂ ମୋଟେଇ ମଧ୍ୟ ପ୍ରଭାବିତ ହୁଏ। କେବଳ ସେତିକି ନୁହେଁ, ପ୍ରାଣୀସମ୍ପଦ ପ୍ରଜନନ ଦକ୍ଷତା ପ୍ରଭାବିତ ହୁଏ। ଅଧିକାଂଶ ସମୟରେ ଏହା ଯକୃତ୍‌କୁ ପ୍ରଭାବିତ କରେ।

### ଜୈବ ବିବିଧତା ଉପରେ ପ୍ରଭାବ

ଖାଦ୍ୟ ଏବଂ କୃଷି ସଂସ୍ଥାନର ଏକ ରିପୋର୍ଟ ଅନୁସାରେ, ସମୁଦାୟ ୭୬୧୬ ଗୃହପାଳିତ ପ୍ରଜାତି ମଧ୍ୟରୁ ଚିହ୍ନଟ ୨୦% ପ୍ରଜାତି ବିଲୁପ୍ତପ୍ରାୟ। ଏବଂ ପ୍ରତି ମାସରେ ପାଖାପାଖି ଗୋଟିଏ ପ୍ରଜାତି ବିଲୁପ୍ତ ହୋଇଯାନ୍ତି। ସମସ୍ତ ପ୍ରଜାତି ମଧ୍ୟରୁ ଗାଈଗୋରୁମାନେ ସର୍ବାଧିକ ବିଲୁପ୍ତପ୍ରାୟ। ପ୍ରଜାତିର ବିଲୋପ ହେବାର ଆଶଙ୍କା ସର୍ବାଧିକ କୁକୁଡ଼ା। ଏହାପରେ ଘୁଷୁରି, ଗାଈଗୋରୁଙ୍କ ଉପରେ ରହିଛି। ଅଧିକ ଉତ୍ପାଦନ ଏବଂ ଲାଭ ପାଇଁ ପାରମ୍ପରିକ ପଦ୍ଧତିରେ ଅବହେଳା ମଧ୍ୟ ଜୈବ ବିବିଧତାକୁ କ୍ଷତି ପହଞ୍ଚାଉଛି। ଜୈବ ବିବିଧତା ନଷ୍ଟ ହେତୁ ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ ସହଣୀ ପ୍ରଜାତି ମଧ୍ୟ ନଷ୍ଟ ହୋଇଯିବାର ସମ୍ଭାବନା ରହିଛି।

### ଗ୍ରହଣୀୟ କାର୍ଯ୍ୟପନ୍ଥା

ଫସଲ କିସମ ବିବିଧକରଣ କରିବା ଦ୍ୱାରା ଏହାର ମରୁଡ଼ିସହଣୀ ଏବଂ ଗରମ ଲହରୀର ସହଣୀ ଶକ୍ତିକୁ ବଢ଼ାଯାଇ ପାରିବ। ଯାହା ଦ୍ୱାରା ପ୍ରାଣୀ ସମ୍ପଦର ଖାଦ୍ୟ ସୁରକ୍ଷା କରାଯାଇପାରିବ।

ପ୍ରାଣୀ ସମ୍ପଦ ପ୍ରଜାତିରେ ବିବିଧକରଣ କଲେ ଜଳବାୟୁ ପରିବର୍ତ୍ତନ ଜନିତ ବିଭିନ୍ନ ପ୍ରକାରର ରୋଗ ଏବଂ ପୋକର ପ୍ରାଦୁର୍ଭାବକୁ କମାଯାଇପାରିବ।

ପ୍ରାଣୀ ସମ୍ପଦର ଖାଦ୍ୟ ଶୈଳୀରେ ପରିବର୍ତ୍ତନ କରିବା ଦ୍ୱାରା ସେମାନଙ୍କର ଉତ୍ପାଦନର ଦକ୍ଷତା ବୃଦ୍ଧି ପାଇବ। ଏହା ସହ ଚାଷ ବିବିଧିକରଣରେ କୃଷିବନୀକରଣ ଉପାଦାନକୁ ଯୋଡ଼ିଲେ ମଧ୍ୟ ପ୍ରାଣୀ ସମ୍ପଦର ପୁଷ୍ଟିକର ଆବଶ୍ୟକତା ପୂର୍ଣ୍ଣ ହୋଇ ପାରିବ।

ଏହା ଛଡ଼ା ଉତ୍ତାପ ସହଣୀ କିସମର ବ୍ୟବହାର ଏବଂ ବିକଳ୍ପ ଚାରଣ ଭୂମିର ବ୍ୟବହାର ମଧ୍ୟ ସହାୟକ ହେବ। ■

**ବୈଜ୍ଞାନିକ, କୃଷି ଓ ପାଣିପାଗ ବିଜ୍ଞାନ, କେଭିକେ, ଅନୁଗୁଳ**



ସଫଳ ଚାଷୀ

# ଅଧ୍ୟାପିକାରୁ କୃଷି ଉଦ୍ୟୋଗୀ

## କେଜିକୁ ୩ ଲକ୍ଷ ଟଙ୍କାରେ ବିକ୍ରି କରନ୍ତି ଛତୁ

**ବିଦେଶରେ ଅଧ୍ୟାପିକା ଭାବେ ସେ ଚାକିରି କରୁଥିଲେ। ସେଥିରେ ତାଙ୍କ ମନ ଲାଗି ନ ଥିଲା। କିଛି ନୂଆ କରିବା ଆଶାରେ ସେ ଭାରତ ଫେରିଆସି ଚାଷକାମକୁ ବାଛିନେଲେ। ଏହି ମହିଳା ଜଣକ ହେଉଛନ୍ତି ହରିୟାଣା, କରନାଲର ସୀମା ଗୁଲାଟି। ସେ ଅଷ୍ଟ୍ରେଲିଆରୁ ଚାକିରି ଛାଡ଼ି ନିଜ ରାଜ୍ୟରେ ଆଧୁନିକ ପ୍ରଣାଳୀରେ ଜୈବିକ ଚାଷ କରୁଛନ୍ତି। ପ୍ରଥମେ ଛତୁ ଚାଷ ଆରମ୍ଭ କରିଥିଲେ। ଏହାସହ ସେ ଉନ୍ନତ କିସମର ସବୁଜ ପନିପରିବା, ଫଳ ଉତ୍ପାଦନ କରି ବିଭିନ୍ନ ସ୍ଥାନରୁ ସମ୍ମାନିତ ମଧ୍ୟ ହୋଇଛନ୍ତି। ସେ କେଜି ପିଛା ତିନି ଲକ୍ଷ ଟଙ୍କାରେ ବିକ୍ରି ହେଉଥିବା ଛତୁ ଚାଷ କରି ଚର୍ଚ୍ଚାରେ ରହିଛନ୍ତି। ସେ କେବଳ ଚାଷ କରୁଛନ୍ତି ତାହା ନୁହେଁ, ମହିଳାଙ୍କୁ ଆଧୁନିକ ପଦ୍ଧତିରେ କିପରି ଚାଷ କରିବାକୁ ହେବ ସେନେଇ ତାଲିମ ମଧ୍ୟ ଦେଉଛନ୍ତି।**



ଟଙ୍କା ଲୋଭ ତାଙ୍କୁ ବିଦେଶରେ ବାନ୍ଧି ରଖି ପାରିନଥିଲା। ତେଣୁ ସେ ଆଧୁନିକ ପ୍ରଣାଳୀରେ ଚାଷ କରି କିପରି ଲାଭବାନ ହୋଇପାରିବେ, ସେ ସମ୍ପର୍କରେ ଜ୍ଞାନ ଆହରଣ କରି ଚାଷ କାମ ଆରମ୍ଭ କରିଥିଲେ। ଚାଷ କାର୍ଯ୍ୟ ସହିତ ଉତ୍ପାଦକୁ ବିକ୍ରି କରିବା ଜ୍ଞାନ ମଧ୍ୟ ତାଙ୍କର ରହିଛି। ଜଣେ ସଫଳ ମହିଳା ଚାଷୀ ଭାବେ ଖ୍ୟାତି ଅର୍ଜିଛନ୍ତି ତାହା ନୁହେଁ, ବରଂ ସଫଳ ଉଦ୍ୟୋଗୀ ଭାବେ ତାଙ୍କର ପରିଚୟ ରହିଛି। ହରିୟାଣା କୃଷି ବିଭାଗରେ ସେ ବ୍ରାଣ୍ଡ ଆମ୍ବାସାଡର ମଧ୍ୟ। ପରିବା ଚାଷ ସହିତ ସୀମା ଫାର୍ମ ଫୁଡ୍ ସେନ୍‌ଟରରେ ସ୍ୱତନ୍ତ୍ର ଛତୁ ଚାଷ କରୁଛନ୍ତି। ଏହି ଛତୁ ବୈଶ୍ୱିକ ବଜାରରେ କିଲୋ ପିଛା ୩ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି। ୨୦୦୮ ମସିହାରେ ଅଷ୍ଟ୍ରେଲିଆରୁ ଫେରି ସେ ପ୍ରଥମେ ଫାର୍ମ ହାଉସ୍‌ରେ କିଡ଼ାଜଡ଼ି ଛତୁ ବା କୋର୍ଡି ସେପ୍ସ୍ ଛତୁ ଚାଷ କରିଥିଲେ। ଏହି ନୂତନ କିସମ ଛତୁ ଚାଷ ବିଷୟରେ ସେ ଚାଷୀଙ୍କୁ ପ୍ରଶିକ୍ଷଣ ଦେବା ସହ ମହିଳାଙ୍କୁ ମଧ୍ୟ ସଶକ୍ତ କରାଉଛନ୍ତି।

**ଛତୁ କେଜି ପିଛା ତିନିଲକ୍ଷ:** ନ୍ୟାଶନାଲ ସେଣ୍ଟର ଫର କୋଲ୍ଡ ଚେନ୍ ଡେଭଲପ୍‌ମେଣ୍ଟ ମାଧ୍ୟମରେ ବିଦେଶରୁ ପ୍ରଶିକ୍ଷଣ ନେଇ ଛତୁ ଉତ୍ପାଦନ ଆରମ୍ଭ କରିଥିଲେ। ୨୦ ଫୁଟ ଲମ୍ବା ଏବଂ ୨୨ ଫୁଟ ଚଉଡ଼ା ସ୍ଥାନରେ ମାତ୍ର ମାସକ ମଧ୍ୟରେ ସେ ତିନିରୁ ପାଞ୍ଚ କିଲୋ କୋର୍ଡି ସେପ୍ସ୍ ଛତୁ ଉତ୍ପାଦନ କରିଥାନ୍ତି। ଏହି ସ୍ୱତନ୍ତ୍ର ଛତୁରୁ ପାଉଡର, କ୍ୟାପସୁଲ, ଚା', ଏନର୍ଜି ଡ୍ରିଙ୍କ ପ୍ରସ୍ତୁତ କରନ୍ତି। ଏହି ପ୍ରଜାତି ଛତୁରେ ଔଷଧୀୟ ଗୁଣ ରହିଛି। ଅଧିକାଂଶ ଲୋକ ଛତୁକୁ ଚା' ପରି ପାଣିରେ ଫୁଟାଇ ପିଇଥାନ୍ତି। ଛତୁ ପରି ଜୈବିକ ଚାଷକୁ ମଧ୍ୟ ସୀମା ଗୁରୁତ୍ୱ ଦିଅନ୍ତି। ତେଣୁ ଧୀରେ ଧୀରେ ଲୋକଙ୍କ ଚାହିଦା ଅନୁସାରେ ଛତୁ ଚାଷ କରିବା ସହ ଏଥିରୁ ଉତ୍ପାଦ କରି ବିକ୍ରି କରିବାକୁ ନିଜେ ମାର୍କେଟିଂ କରୁଛନ୍ତି। ସୀମାଙ୍କ ମତରେ ଛତୁର ପ୍ରାୟ ୪୦୦୦ କିସମ ରହିଥିବାବେଳେ ସେଥିରୁ କେବଳ ଦୁଇଟି ପ୍ରଜାତି ମାଇକୋଲୋଜିଷ୍ଟ ଏବଂ କୋର୍ଡି ସେପ୍ସ୍ ଛତୁ ଦକ୍ଷିଣ ଏସିଆର ହିମାଳୟ କ୍ଷେତ୍ରରେ ମିଳିଥାଏ। ଏହାକୁ ଚିନ୍ ହର୍ବାଲିଜିମ୍, ତିବତୀୟ ଚିକିତ୍ସା ସମେତ ଭାରତୀୟ ପ୍ରାଚୀନ ଆୟୁର୍ବେଦ ଚିକିତ୍ସାରେ ବ୍ୟବହାର କରାଯାଇଆସୁଛି। ଏହାକୁ ଦୃଷ୍ଟି ଦେଲେ ଭାରତରେ ଏହି ଛତୁର ଦାମ୍ କିଲୋ ପିଛା ୩ ଲକ୍ଷ ଟଙ୍କା। ଉତ୍ତରାଖଣ୍ଡ ପିଥୋରାଗଡ୍ ଏବଂ ଧାରଚୁଲାର ୩୫୦୦ ମିଟର ଉଚ୍ଚରେ ଏହି ଛତୁ ମିଳିଥାଏ। ଏହା ଏକ ପ୍ରକାର ଜଙ୍ଗଲୀ ଛତୁ। ଏହାର ବୈଜ୍ଞାନିକ ନାଁ ହେଉଛି କୋର୍ଡି ସେପ୍ସ୍ ସାଇନେସିସ୍।

**ଜୈବିକ ଚାଷରେ ଅଭିଜ୍ଞତା:** ଛତୁ ଚାଷ ବ୍ୟତୀତ ସୀମା ସମନ୍ୱିତ ଚାଷ କରନ୍ତି। ଜୈବିକ ଉପାୟରେ ସୋରିଷ ଚାଷ, ବିଭିନ୍ନ ଶସ୍ୟ ସମେତ ପ୍ରାୟ ଆଠ ଏକର ଜମିରେ ସେ ଆଳୁ, ବ୍ରୋକଲି, ରସୁଣ, କୋବି, ବିଦେଶୀ ଫଳ, ବିଭିନ୍ନ ପ୍ରକାର ସାଲାଡ ପତ୍ର ଚାଷ କରିଛନ୍ତି। ଅଧା ଏକରରେ ଗ୍ରୀନ୍ ହାଉସ୍ କରି ଏଥିରେ ଛତୁ ଚାଷ ଏବଂ ପ୍ରୋସେସିଂ କାମ କରନ୍ତି।

**ଚାଷ ସହିତ ପ୍ୟାକେଜିଂ କାମ:** ସୀମା ମଧ୍ୟ ପ୍ୟାକେଜିଂ ଏବଂ ବ୍ରାଣ୍ଡିଂର ବିଶେଷ ରୂପେ ଧ୍ୟାନ ଦିଅନ୍ତି। ସୀମାଙ୍କ ବ୍ରାଣ୍ଡର ନାଁ ହେଉଛି ଏଲେ। ନିଜ ଉତ୍ପାଦକୁ ବିକ୍ରି କରିବାକୁ ସେ ମାର୍କେଟିଂ କରୁଛନ୍ତି।



# ଏ ମାସର ଚାଷ

**ଚାଷକାର୍ଯ୍ୟ ପାଇଁ ଡିସେମ୍ବର ମାସ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଅନେକ ଫସଲ ଅମଳଯୋଗ୍ୟ ହେଉଥିବାବେଳେ କିଛି ଫସଲରେ ଘାସ ନିୟନ୍ତ୍ରଣ କରିବାକୁ ପଡ଼େ। ଡିସେମ୍ବର ମାସରେ ଚଣା, ମଟର, ସୋରିଷ, ପିଆଜ, ରସୁଣ, ମକା, ଆଖୁ, ପନିପରିବା ଯଥା -ଆଳୁ, ଟମାଟୋ, ବାଇଗଣ, ମଟର, କୋବିଜାତୀୟ ଫସଲ, ଗାଜର, କଦଳୀ, ଲେମ୍ବୁ, ପିଆଜ, ଅମୃତଭଣ୍ଡା, ଆଦି ଚାଷ କାର୍ଯ୍ୟ ପାଇଁ ଉପଯୁକ୍ତ ସମୟ। କଖାରୁ, ବେବିକର୍ଣ୍ଣ, ଭେଣ୍ଡି, ଫ୍ରେଞ୍ଚବିନ୍ ଆଦି ଚାଷ କରିବାକୁ ଏବେଠାରୁ ଜମି ପ୍ରସ୍ତୁତ କରିବା ଲାଭଦାୟକ।**



- ଚଣା, ମଟର ଏବଂ ମସୁର ଫସଲରେ ଜଳ ସିଞ୍ଚନ ଉପରେ ଧ୍ୟାନ ଦେବା ଜରୁରି। ଭଲ ଅମଳ ଚାହୁଁଥିଲେ, ଜମିରେ ଜଳ ନିଷ୍କାସନ ବନ୍ଦୋବସ୍ତ କରନ୍ତୁ। ଏହି ଫସଲରେ ସଂକ୍ରାମକ ରୋଗ ଲାଗିବାର ଅଧିକ ଭୟ ଥିବାରୁ ଏହାର ନିୟନ୍ତ୍ରଣ ପାଇଁ ସୁବନ୍ଦୋବସ୍ତ କରନ୍ତୁ। ଚଣା କ୍ଷେତରେ ପ୍ରାରମ୍ଭରୁ ଫଳଛେଦକ ପ୍ରକୋପ ପରିଲକ୍ଷିତ ହେଲେ, ମନୋକ୍ରୋଟୋଫସ୍ ୩୬ ଇ.ସିକୁ ୭୫୦ ମିଲି ଫେନବେଲରେଟ୍ ୨୦ ଇସିକୁ ୫୦୦ ମିଲିକୁ ୫୦୦ରୁ ୬୦୦ ଲିଟର ପାଣିରେ ଘୋଳକରି ପ୍ରତି ହେକ୍ଟର ସିଞ୍ଚନ କରିବା ଜରୁରି। ମଟର ଫସଲରେ ପାଉଡରି ମିଲଡ୍ୟୁ ବା ପତ୍ର ପାଉଁଶିଆ ରୋଗ ଦେଖାଦେଲେ ଏହାର ନିରାକରଣ କରନ୍ତୁ।
- ମସୁର ଫସଲରେ ଜଡ଼ଶଢ଼ା ରୋଗ ଲାଗିବା ଦ୍ୱାରା ଗଛ ଶୁଖିବାକୁ ଲାଗିଥାଏ। ତେଣୁ ମାଟି କୋଡ଼ାଖୋସା କରି ଚେର ଦେଖିବା ଜରୁରି।
- ସୋରିଷ ଫସଲରେ ଜଳ ସିଞ୍ଚନ କରିବା ଫଳପ୍ରଦ। ଅଳସୀ ଫସଲରେ ଫଳମଖୀ କୀଟକୁ ରୋକିବାକୁ ଇମିଡାକ୍ଲୋରୋପ୍ରିଡ୍ ୧୭.କୁ ୫୦୦ ମିଲି ପ୍ରତି ହେକ୍ଟରକୁ ୫୦୦ ଲିଟର ପାଣିରେ ଘୋଳ କରି ଫଳ ଆସିବା ପୂର୍ବରୁ ୧୫ ଦିନ ଅନ୍ତରାଳେ ସିଞ୍ଚନ କରନ୍ତୁ। ସୂର୍ଯ୍ୟମୁଖୀ ଫସଲ ଆରମ୍ଭ କରାଯାଇପାରିବ। ଯେଉଁମାନେ ଡିସେମ୍ବରରେ ସୂର୍ଯ୍ୟମୁଖୀ ମଞ୍ଜି ବୁଣିଛନ୍ତି, ସେମାନେ ଆରମ୍ଭରୁ ନାଇଟ୍ରୋଜେନ୍ ଏବଂ ଶେଷ ସମୟରେ ୟୁରିଆ ପ୍ରୟୋଗ କରିପାରିବେ।
- ଫୁଲକୋବି, ପତ୍ରକୋବି ଏବଂ ଓଲକୋବି ତୋଳି ବଜାରରେ ବିକ୍ରି କରିବାର ବନ୍ଦୋବସ୍ତ କରନ୍ତୁ। କାଟିବା ସମୟରେ ଦୁଇରୁ ତିନିଟି ବାହାର ପତ୍ର ରଖନ୍ତୁ।
- ଭେଣ୍ଡି ମଞ୍ଜି ବୁଣିବା ପାଇଁ ଏହା ଉପଯୁକ୍ତ ସମୟ। ଉନ୍ନତ କିସମ ଯଥା - ପୁସା ଏ ୪, ପୁସା – ଏ ୫, ପୁସା ସାବନୀ, ଅର୍କାଅନାମିକା, ଉପହାର, ବୈଶାଳୀ, ଲାଲ୍ ହାଇବ୍ରିଡ୍, ବିଜୟ, ବିଶାଳ ଆଦି ସର୍ବୋତ୍ତମ।
- ପିଆଜ ଚାଷ ପାଇଁ ଜମିକୁ ୨ରୁ ୩ ଥର ହଳ କରିଦେବା ଉଚିତ। ରସୁଣ ଚାଷରେ ଆବଶ୍ୟକତା ଅନୁଯାୟୀ ସିଞ୍ଚନ ତଥା କୋଡ଼ାଖୋସା କରନ୍ତୁ।
- କଖାରୁ ଜାତୀୟ ପନିପରିବା ଚାଷ ପାଇଁ ଜମି ପ୍ରସ୍ତୁତ କରନ୍ତୁ। ଏହାଛଡ଼ା ଫଳଜାତୀୟ ଫସଲ ଅଙ୍ଗୁର, ଡାଳିମ୍ବ, ଅମୃତଭଣ୍ଡା, କଦଳୀ, ନାସପାତି ଆଦି ଗଛ ଲଗାଇବା ପାଇଁ ଉପଯୁକ୍ତ ସମୟ।

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବର୍ତ୍ତମାନ କମ୍ ତାପମାତ୍ରା ରହୁଥିବାରୁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି।
- ଶୀତଦିନିଆ ପନିପରିବା ଲଗାଇବା କାର୍ଯ୍ୟ ସମାପ୍ତ କରନ୍ତୁ।
- କୋବି ଜାତୀୟ ଫସଲରେ ୭ରୁ ୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।
- ଆଖୁ ଫସଲକୁ ଜମି ପତନଠାରୁ ଏକ ଇଞ୍ଚ ତଳକୁ, ଯେପରିକି ମାଟି ଉପରକୁ ଖୁଣ୍ଟା ଦେଖାଯିବ ନାହିଁ, ସେହିପରି କାଟିଲେ ମୂଳି ଆଖୁ ଭଲ ଗଜା ହୁଏ, ଗଛ ସଂଖ୍ୟା ଠିକ୍ ରହେ ଓ ଅମଳ ଠିକ୍ ମିଳେ।
- ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ଏହି ରୋଗର ନିୟନ୍ତ୍ରଣ ପାଇଁ ଏକର ପ୍ରତି ସଲ୍‌ଫର ୮୦% ଡବ୍ଲ୍ୟୁ ପି @୮୦୦ ଗ୍ରାମ୍ କିମ୍ବା ହେକ୍ସାକୋନାଜଲ ୫% ଇସି @୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଧାନ ଅମଳ ସମୟରେ ମୂଷାଗାତକୁ ଚିହ୍ନଟ କରି ତା' ଉପରେ କାଦୁଅ ଲିପି ବନ୍ଦ କରିଦିଅନ୍ତୁ। ପରଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ୍ ଫସ୍‌ଫାଇଡ୍ ୬% ବଟିକା କନାରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରିଦେବା ଉଚିତ।
- କୁହୁଡ଼ିଆ ପାଗ ରହୁଥିବାରୁ ଟମାଟୋରେ ପତ୍ରପୋଡ଼ା ଲାଗିବାର ସମ୍ଭାବନା ଅଛି। ନିୟନ୍ତ୍ରଣ ପାଇଁ ମିଥାଇଲ୍ +ମାଙ୍କୋଜେବ୍ ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ।

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୧୫୪- କିଙ୍ଗ୍ ହେନେରି ଦ୍ୱିତୀୟ ଇଂଲଣ୍ଡର ସମ୍ରାଟ ହେଲେ।
- ୧୯୨୭- ଉତ୍ତରପ୍ରଦେଶରେ ଅଟୋମୋବାଇଲ ସଂଘର ସ୍ଥାପନା।
- ୧୯୫୦- ଆଧ୍ୟାତ୍ମିକ ଗୁରୁ ଦଲାଇଲାମା ତିବ୍ବତ ଛାଡ଼ିଲେ।
- ୧୯୬୬- ଏସୀୟ ବିକାଶ ବ୍ୟାଙ୍କର ଆରମ୍ଭ ହେଲା।
- ୨୦୦୭- ଟାଇମ୍ ପତ୍ରିକା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କୁ 'ପର୍ସନ୍ ଅଫ୍ ଦ ଇଅର୍' ଘୋଷଣା କଲା।
- ୨୦୧୮- ଜାମ୍ମୁ କାଶ୍ମୀରରେ ରାଷ୍ଟ୍ରପତି ଶାସନ ଲାଗୁ ହେଲା।

## ସ୍ମାର୍ଟ ଟ୍ରଲି

### ବିମାନଯାତ୍ରୀଙ୍କୁ ଦିଏ ସୂଚନା




ଏଣିକି ବିମାନବନ୍ଦରରେ ଯାତ୍ରୀଙ୍କୁ ସେମାନଙ୍କ ବୋର୍ଡିଂ ସମୟ ଜାଣିବାରେ ସାହାଯ୍ୟ କରିବ ଟ୍ରଲି। ଅବଶ୍ୟ ଏହି ଟ୍ରଲି ସାଧାରଣ ଟ୍ରଲିଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାରଣ ଉକ୍ତ ଟ୍ରଲି ଯାତ୍ରୀଙ୍କୁ ବିମାନ ତଥା ବିମାନବନ୍ଦର ବାବଦରେ ସମସ୍ତ ସୂଚନା ପ୍ରଦାନ କରିଥାଏ। ଏହାର ଏଭଳି ବିଶେଷତ୍ୱ ଯୋଗୁଁ ଏହାକୁ 'ସ୍ମାର୍ଟ ଟ୍ରଲି' କୁହାଯାଉଛି। ହାଇଦ୍ରାବାଦ ବିମାନବନ୍ଦରରୁ ଜଣେ ମହିଳା ଯାତ୍ରୀ ଗୋଆ ଯିବା ସମୟରେ ସେଠାରେ ସେ ସ୍ମାର୍ଟ ଟ୍ରଲି ସଂସ୍ପର୍ଶରେ ଆସିଥିଲେ। ସେହିପରି ବିମାନବନ୍ଦରରେ ଏହି ଟ୍ରଲି ବ୍ୟବହାର କରିବା ପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଦେୟ ଦେବାକୁ ପଡ଼ି ନ ଥାଏ। ଏହାକୁ ଜଣେ ଯାତ୍ରୀ ମାଗଣାରେ ବ୍ୟବହାର କରିପାରିବେ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରି ସେ ଏହାର ସ୍ମାର୍ଟ ଫିଚର୍ ତଥା ବ୍ୟବହାର ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ଟ୍ରଲିରେ ଏକ ସ୍କ୍ରିନ୍ ରହିଛି, ଯେଉଁଥିରେ ଲେଖାଯାଇଛି, 'ଏହାକୁ ମାଗଣାରେ ନେଇପାରିବେ।' ଏହାପରେ ଏହାର ସ୍ମାର୍ଟ ବଟନ୍ ଉପରେ କ୍ଲିକ୍ କରିବା ପରେ ବିମାନ ସମ୍ପର୍କିତ ସୂଚନା ଜାଣିବା ପାଇଁ ବୋର୍ଡିଂ ପାସ୍‌ର କ୍ୟୁଆର୍ କୋଡ୍‌କୁ ସ୍କାନ୍ କରିବାକୁ ହୋଇଥାଏ। କେବଳ ସେତିକି ନୁହେଁ, ଯାତ୍ରୀଙ୍କ ବୋର୍ଡିଂ ସମୟ କେତେବେଳେ ଅଛି, ଟ୍ରଲିଟି ସେବାବଦରେ ମଧ୍ୟ ଅବଗତ କରାଏ। ଏହାବାଦ୍ ପ୍ରସ୍ଥାନ ଗେଟ୍ ନମ୍ବର ମଧ୍ୟ ଯାତ୍ରୀ ଟ୍ରଲିରୁ ଜାଣିପାରିବେ। ସେହିପରି ବିମାନବନ୍ଦରରେ ଯାତ୍ରୀ ଶୌଚାଳୟ କେଉଁଠି ଜାଣିବାକୁ ଚାହୁଁଥିଲେ କିମ୍ବା ବିମାନବନ୍ଦରରେ ଖାଇବା ପାଇଁ କେଉଁ ରେଷ୍ଟୋରାଁ ସବୁ ରହିଛି, ସେ ସୂଚନା ମଧ୍ୟ ବିସ୍ତୃତ ଭାବେ ଟ୍ରଲି ପ୍ରଦାନ କରିଥାଏ। ଅନ୍ୟପଟେ ଏହି ବିମାନବନ୍ଦରର ଏଭଳି ସୁବିଧାସୁଯୋଗକୁ ଲୋକମାନେ ବେଶ୍ ପସନ୍ଦ କରିଛନ୍ତି।

## ଆସିଲା 'ଇଣ୍ଡିଆନ୍ ପୋଲିସ୍ ଫୋର୍ସ'ର ଟିଜର୍

ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମଲହୋତ୍ରାଙ୍କ ଆକ୍ସନ୍ ସିରିଜ୍ 'ଇଣ୍ଡିଆନ୍ ପୋଲିସ୍ ଫୋର୍ସ'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି। ରୋହିତ୍ ସେଟ୍ଟୀ ଓ ସୁଶାନ୍ତ ପ୍ରକାଶଙ୍କ ନିର୍ଦ୍ଦେଶିତ ଏହି ୱେବ୍‌ସିରିଜ୍‌ରେ ସିଦ୍ଧାର୍ଥଙ୍କ ସହ ଶିଳ୍ପା ସେଟ୍ଟୀ ଓ ବିବେକ ଓବରୟ ଲିଡ୍ ରୋଲରେ ଦେଖାଯିବେ। ନିକଟରେ ଏହି ୱେବ୍‌ସିରିଜ୍‌ର ଟିଜର୍ ରିଲିଜ୍ ହୋଇଥିଲା। ଯାହାକି ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଟିଜର୍‌ରେ ସିଦ୍ଧାର୍ଥ, ବିବେକ ଓ ଶିଳ୍ପା ପୁଲିସ୍ ବର୍ଦ୍ଦିରେ ନଜର ଆସିଛନ୍ତି। ସହରରେ ହୋଇଥିବା ଏକ ବୋମା ବିସ୍ଫୋରଣରୁ ଟିଜର୍ ଆରମ୍ଭ ହୋଇଛି। ଏଥିରେ ଅନେକ ଲୋକ ମୃତାହତ ହୋଇଛନ୍ତି। ସିଦ୍ଧାର୍ଥ, ବିବେକ ଓ ଶିଳ୍ପା ସହରକୁ ଆତଙ୍କବାଦୀଙ୍କ କବଳରୁ ରକ୍ଷା କରିବା ମିଶନ୍‌ରେ ଅଛନ୍ତି। ସିଦ୍ଧାର୍ଥ ମଧ୍ୟ ସାମାଜିକ ଗଣମାଧ୍ୟମରେ ଏହାର ଟିଜର୍ ସେୟାର୍ କରିଛନ୍ତି। ଟିଜର୍ ଆସିବା ପୂର୍ବରୁ ଏହାର ଏକ ପୋଷ୍ଟର୍ ଜାରି କରାଯାଇ ଏହାର ରିଲିଜ୍ ବିଷୟରେ ସୂଚନା ଦିଆଯାଇଥିଲା। ଏହି ୱେବ୍‌ସିରିଜ୍ ଜାନୁଆରୀ ୧୯, ୨୦୨୪ରେ ଆସିବ। ଆକ୍ସନ୍‌ରେ ଭରପୂର ଏହି ୱେବ୍‌ସିରିଜ୍‌ରେ ସାତୋଟି ଭାଗ ରହିବ।




## ରିକ୍ସାଚାଳକଙ୍କ ନିଆରା ଦାମ୍ପତ୍ୟ ପ୍ରେମ



### ପତ୍ନୀଙ୍କ ନାଁରେ ପୋତୁଛନ୍ତି ଗଛ

ପ୍ରେମ ସତ୍ୟ ଓ ଚିରନ୍ତନ। ପ୍ରେମ ପାଇଁ ଲୋକେ କିଛି ବି ଅସମ୍ଭବ କାମକୁ ସମ୍ଭବ କରିପାରନ୍ତି। ଏମିତି ଅନେକ ପ୍ରେମୀଯୁଗଳଙ୍କ ଉଦାହରଣ ଦେଖିବାକୁ ମିଳିଥିଲେ ହେଁ, ଦିଲ୍ଲୀ, ଗୋପାଳପୁର ବାସିନ୍ଦା ଗେନୁ ଦାସଙ୍କ ପ୍ରେମ କାହାଣୀ ବେଶ୍ ନିଆରା। ସେ ପତ୍ନୀଙ୍କ ନାଁରେ ଗଛ ଲଗାଉଛନ୍ତି। ଗେନୁ ସବୁଜ ପରିବେଶ ସୃଷ୍ଟି କରି ପତ୍ନୀଙ୍କ ପ୍ରତି ଥିବା ତାଙ୍କର ଭଲ ପାଇବାକୁ ଦର୍ଶାଇଥାନ୍ତି। ରିକ୍ସା ଚଳାଇ ପେଟ ପୋଷୁଥିବା ଗେନୁ ଦିଲ୍ଲୀ ସାରା ବୁଲି ବୁଲି ଶତାଧିକ ଗଛ ଲଗାଇଛନ୍ତି। ଗଛ ଲଗାଇ ଏହାକୁ ସୁରକ୍ଷା ଦେବାକୁ ଗଛ ଚାରିପାଖେ ସେ କଣ୍ଟାଗଛର ଡାଳରେ ବାଡ଼ ଦେଇଥାନ୍ତି। ସେ ଏଯାବତ୍ ୩୦୦ରୁ ଅଧିକ ଗଛ ଲଗାଇଛନ୍ତି। ପତ୍ନୀଙ୍କୁ ନିଜ ଜୀବନଠାରୁ ଅଧିକ ଭଲ ପାଉଥିବାରୁ ସେ ପ୍ରତ୍ୟେକଟି ଗଛକୁ ପତ୍ନୀଙ୍କ ନାଁରେ ଲଗାଇଥାନ୍ତି। ଗର୍ଭବତୀ ଥିବା ସମୟରେ ଗେନୁଙ୍କ ପତ୍ନୀ ଦୃଷ୍ଟିଶକ୍ତି ହରାଇଥିଲେ। ବର୍ତ୍ତମାନ ତିନି ସନ୍ତାନଙ୍କ ପିତା ଗେନୁ ନିଜର ଦୃଷ୍ଟିବାଧିତ ପତ୍ନୀଙ୍କ ଦେଖାଶୁଣା କରିବା ସହ ଘରର ସମସ୍ତ ଦାୟିତ୍ୱ ତୁଲାଉଛନ୍ତି। ଗଛ ଲଗାଇଲେ, ପୁଣ୍ୟ ହୋଇଥାଏ ବୋଲି ଲୋକଙ୍କ ଠାରୁ ଜାଣି ପତ୍ନୀଙ୍କ ନାଁରେ ସେ ଗଛ ଲଗାନ୍ତି। ଗଛ ଲଗାଇବା ଦ୍ୱାରା ତାଙ୍କ ପତ୍ନୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ, ଏମିତି ବିଶ୍ୱାସ ନେଇ ସେ ଗଛ ଲଗାଉଛନ୍ତି। ଯେହେତୁ ସେ ଜଣେ ରିକ୍ସା ଚାଳକ ତେଣୁ ରିକ୍ସାରେ ପାଣି ବୋତଲ ନେଇ ସେ ଲଗାଇଥିବା ଗଛରେ ପାଣି ଦିଅନ୍ତି। ଗଛ ଲଗାଇ ଦେଖାଶୁଣା କରିବାରେ ଗେନୁ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଗଛକୁ ପାଣି ନ ଦେଲେ କେହି ଯେମିତି ଶୋଷରେ ରହିଥିବା ପରି ତାଙ୍କୁ ଅନୁଭବ ହୁଏ। ଆଜିକାଲି ପତିପତ୍ନୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ମନୋମାଳିନ୍ୟ ଓ ଛାଡ଼ପତ୍ର ଘଟଣା ଦେଖିବାକୁ ମିଳୁଥିବାବେଳେ ଗେନୁଙ୍କ ପତ୍ନୀ ପ୍ରତି ଭଲପାଇବା ତଥା ପ୍ରେମ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

## ରହସ୍ୟମୟ ମନ୍ଦିର

### ପବନରେ ଝୁଲୁଥାଏ ସ୍ତମ୍ଭ





ଦେଶରେ ଏମିତି ଅନେକ ମନ୍ଦିର ରହିଛି, ଯାହାର କଳା ଭାସ୍କର୍ଯ୍ୟ ଲୋକଙ୍କୁ ବିସ୍ମିତ କରିଥାଏ। ଏପରି ଏକ ନିଆରା ମନ୍ଦିର ହେଉଛି ଆନ୍ଧ୍ରପ୍ରଦେଶ, ଅନନ୍ତପୁର ଜିଲ୍ଲାରେ ଲେପାକ୍ଷୀ ମନ୍ଦିର। ଏହାକୁ ଝୁଲନ୍ତା ସ୍ତମ୍ଭର ମନ୍ଦିର ବୋଲି ମଧ୍ୟ କୁହାଯାଇଥାଏ। ଏହି ମନ୍ଦିର ୭୦ଟି ସ୍ତମ୍ଭ ଉପରେ ଠିଆ ହୋଇ ରହିଛି। ଯାହା ମଧ୍ୟରୁ ଗୋଟିଏ ସ୍ତମ୍ଭ ମାଟିକୁ ନ ଛୁଇଁ, ସର୍ବଦା ଝୁଲନ୍ତା ଅବସ୍ଥାରେ ରହିଥାଏ। ଏହି ବିଶେଷତ୍ୱ ପାଇଁ ଏହାକୁ ଝୁଲନ୍ତା ସ୍ତମ୍ଭର ମନ୍ଦିର କୁହାଯାଉଛି। ଏଠାରେ ସବୁବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥାଏ। ଶ୍ରଦ୍ଧାଳୁମାନଙ୍କ କହିବା ଅନୁଯାୟୀ, ଏହି ସ୍ତମ୍ଭ ତଳେ କପଡ଼ା ବିଛାଇ ପୁଣି କାଢ଼ି ଆଣିବା ଫଳରେ ସୁଖ ସମୃଦ୍ଧି ବଢ଼ିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରହସ୍ୟମୟ ସ୍ତମ୍ଭଟି ଭୂପୃଷ୍ଠରୁ ଅଧ ଇଞ୍ଚ ଉପରକୁ ରହିଛି। ସ୍ତମ୍ଭଟି ଏପରି ଝୁଲି ରହିବାର କାରଣ ବୈଜ୍ଞାନିକମାନେ ମଧ୍ୟ ଖୋଜି ପାଉନାହାଁନ୍ତି। ସେହିପରି ମୁଖ୍ୟ ମନ୍ଦିର ପଛପାର୍ଶ୍ୱରେ ଏକ ବିଶାଳକାୟ ସାପ ତଳେ ଶିବ ଲିଙ୍ଗ ସ୍ଥାପନା କରାଯାଇଛି। ଏଠାକୁ ସାରା ବିଶ୍ୱରୁ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ଏହି ମନ୍ଦିରର ନିର୍ମାଣ ପ୍ରାୟ ୧୫୮୩ ମସିହାରେ କରାଯାଇଥିଲା। ଏହାକୁ ବିରୁପନ୍ନା ଓ ବିରନ୍ନା ନାମକ ଦୁହେଁ ଭାଇ ମିଶି ତିଆରି କରିଥିଲେ। ଏହି ଦୁଇ ଭାଇ ବିଜୟନଗର ରାଜାଙ୍କ ପାଖରେ କାମ କରୁଥିଲେ। ଲୋକକଥା ଅନୁଯାୟୀ, ଯେତେବେଳେ ରାବଣ ସୀତାଙ୍କୁ ହରଣ କରିନେଇଥିଲେ, ଏହି ସମୟରେ ଜଟାୟୁ ତାଙ୍କୁ ବଞ୍ଚାଇବାକୁ ତାଙ୍କ ପଛେ ପଛେ ଯାଇଥିଲେ। ଫଳରେ ରାବଣ ଜଟାୟୁଙ୍କ ପକ୍ଷକୁ କାଟିଦେବାରୁ ସେ ଏଠାରେ କ୍ଷତବିକ୍ଷତ ହୋଇ ପଡ଼ି ରହିଥିଲେ। ଏହି ସ୍ଥାନରେ ରାମ, ସୀତାଙ୍କୁ ଖୋଜୁଥିବା ସମୟରେ ଜଟାୟୁଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ପାଇଥିଲେ ଓ ଜଟାୟୁଙ୍କୁ ଦେଖି କହିଥିଲେ "ଲେ ପାକ୍ଷୀ" ଅର୍ଥ "ଉଠ ପକ୍ଷୀ"। ଲେ ପାକ୍ଷୀ ଏକ ତେଲଗୁ ଶବ୍ଦ। ସେହି ଅନୁସାରେ ମନ୍ଦିରର ନାମ 'ଲେପାକ୍ଷୀ' ହୋଇଛି ବୋଲି କୁହାଯାଏ।

## କଳିଯୁଗର ଶ୍ରବଣ କୁମାର

### ମୋଟାଅଙ୍କର ଦରମା ଛାଡ଼ି ଚଳାଉଛନ୍ତି ବୃଦ୍ଧାଶ୍ରମ



ଆମ ସମାଜରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ସମ୍ପତ୍ତି ଲୋଭରେ ନିଜର ବୁଢ଼ା ବାପାଙ୍କୁ ଘରୁ ତଡ଼ି ଦିଅନ୍ତି, କେହି କେହି ତୀର୍ଥ ସ୍ଥାନରେ ବୁଲାଇବା ବାହାନାରେ କେଉଁଠି ଛାଡ଼ିଦେଇ ଆସନ୍ତି। ଫରିଦାବାଦର ପ୍ରଣବ ଶୁକ୍ଳା କଳିଯୁଗର ଶ୍ରବଣ କୁମାର ସାଜି ୪୨ ଜଣ ବୟସ୍କ ବ୍ୟକ୍ତିଙ୍କ ଦାୟିତ୍ୱ ତୁଲାଉଛନ୍ତି। ଏଥିପାଇଁ ସେ 'ଅନାଦି' ନାମକ ଏକ ବୃଦ୍ଧାଶ୍ରମ ଖୋଲିବା ସହ ଏଠାରେ ବୃଦ୍ଧବୃଦ୍ଧାଙ୍କ ଦେଖାଶୁଣା କରୁଛନ୍ତି। ପ୍ରଣବ ଯେତେବେଳେ କଲେଜରେ ପଢୁଥିଲେ, ସେ ସମୟରେ ରେଳଷ୍ଟେସନରେ ଜଣେ ବୃଦ୍ଧଙ୍କୁ ଏଣେତେଣେ ବୁଲିବାର ଦେଖି ବୃଦ୍ଧାଶ୍ରମ ଖୋଲିବାକୁ ଚିନ୍ତା କରିଥିଲେ। ତେଣୁ ୧୯୯୬ ମସିହାରେ ଫରିଦାବାଦ, ପାଲି ଗାଁରେ ଏକ ଭଡ଼ାଘରେ ତିନି ଜଣ ବୃଦ୍ଧ ଲୋକଙ୍କ ଦାୟିତ୍ୱ ନେବା ଆରମ୍ଭ କରିଥିଲେ। ଏବେ ଏଠାରେ ୪୨ ଜଣ ନିରାଶ୍ରୟ ବ୍ୟକ୍ତି ବସବାସ କରୁଛନ୍ତି। ୨୮ ବର୍ଷ ମଧ୍ୟରେ ପ୍ରାୟ ୩୦୦ ବୟସ୍କ ବ୍ୟକ୍ତି ଏହି ବୃଦ୍ଧାଶ୍ରମରେ ରହିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିଜ ରୋଜଗାର ଟଙ୍କା ସଞ୍ଚୟ କରି ସେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଏହି ବୃଦ୍ଧାଶ୍ରମ କରିଥିଲେ। ଚାକିରି କରିବା ସହ ପ୍ରଣବ ଆଶ୍ରମ ଚଳାଉଥଲେ। ଚଳିତ ବର୍ଷ ସେ ମଲ୍‌ଟିନ୍ୟାସନାଲ କମ୍ପାନୀର ଚାକିରି ଛାଡ଼ି ପୂରାପୂରି ବୃଦ୍ଧାଶ୍ରମ ସହ ଯୋଡ଼ି ହୋଇଯାଇଥିଲେ। ଚାକିରି ଛାଡ଼ିବା ପରେ ବୃଦ୍ଧାଶ୍ରମର ସମସ୍ତ ଖର୍ଚ୍ଚ ପ୍ରଣବ ତୁଲାଉଛନ୍ତି। ସେ ଏକ ଗୋଶାଳା ମାଧ୍ୟମରେ ଏହି ବୃଦ୍ଧାଶ୍ରମର ଖର୍ଚ୍ଚ ଉଠାଉଛନ୍ତି। ଏହି ଗୋଶାଳାରେ ସେ ୨୦୦ ଗାଈଗୋରୁଙ୍କର ଦେଖାଶୁଣା କରୁଛନ୍ତି। ପ୍ରଣବ କ୍ଷୀର, ଘିଅ ଆଦି ବିକ୍ରି କରି ଏହି ବୃଦ୍ଧାଶ୍ରମଟିକୁ ଚଳାଉଛନ୍ତି। ଏନେଇ ପ୍ରଣବ କୁହନ୍ତି, 'ବର୍ତ୍ତମାନ ମୋ' ପାଖରେ ୪୨ଜଣ ପିଲା(ବୃଦ୍ଧବୃଦ୍ଧା) ଅଛନ୍ତି। ସେମାନଙ୍କର ଦେଖାଶୁଣା ଦାୟିତ୍ୱ ମୋ ଉପରେ ରହିଛି। ଯଦିଓ ଏହି ବୃଦ୍ଧ ଲୋକଙ୍କର ନିଜର ପିଲାମାନେ ରହିଛନ୍ତି, ତଥାପି ସେମାନେ ବେସାହାରା ଥିଲେ। ତେଣୁ ଆମେ ପତିପତ୍ନୀ ନିଜେ ସନ୍ତାନ ଜନ୍ମ ନ କରି ଏହି ବେସାହାରା ଲୋକଙ୍କ ସାହାରା ହେବାକୁ ନିଷ୍ପତ୍ତି ନେଇଛୁ।'

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ରୋବଟ୍‌ର ବିଶ୍ୱ ରେକର୍ଡ

### ୧୯ ସେକେଣ୍ଡରେ ସାରିଲା ୧୦୦ ମିଟର ଦୌଡ଼




ଏବେ ସୁଦ୍ଧା କେବଳ ମଣିଷମାନେ ଦୌଡ଼ରେ ବିଶ୍ୱ ରେକର୍ଡର କରିଥିବା ଆମେ ଜାଣିଛେ। ଏମିତି ବି ଏକ ରୋବଟ୍ ଅଛି, ଯାହା ମଣିଷଙ୍କ ଭଳି ଜୋର୍‌ରେ ଦୌଡ଼ିବାକୁ ସକ୍ଷମ। ଦକ୍ଷିଣ କୋରିଆର ଡେଜିୟନ ସ୍ଥିତ କୋରିଆ ଆଡଭାନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡାଇନାମିକ୍ ରୋବଟ୍ କଣ୍ଟ୍ରୋଲ ଆଣ୍ଡ ଡିଜାଇନ ଲାବ୍ରୋଟୋରି ଦ୍ୱାରା ତିଆରି କରାଯାଇଥିବା ଏକ ରୋବଟ୍ ଏଭଳି କାରନାମା କରି ଦେଖାଇଛି। ଏହି ରୋବଟ୍‌ର ନାଁ 'ହାଉଣ୍ଡ'। ଚାରି ଗୋଡ଼ ବିଶିଷ୍ଟ ଏହି ରୋବଟ୍ ଅଧିକ ବେଗରେ ୧୦୦ ମିଟର ଦୌଡ଼କୁ ପୂରା କରି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ହାଉଣ୍ଡ ଘଣ୍ଟାକୁ ୧୮.୧୨ କିଲୋମିଟର ବେଗରେ ଦୌଡ଼ି ୧୯.୮୭ ସେକେଣ୍ଡରେ ୧୦୦ ମିଟର ଦୌଡ଼ିବାରେ ସଫଳ ହୋଇଛି। ପ୍ରଥମେ ଏହା ଧୀର ଗତିରୁ ଦୌଡ଼ ଆରମ୍ଭ କରିଥିଲା ଏବଂ ଶେଷରେ ଦୌଡ଼ର ସମାପ୍ତି ରେଖାରେ ପହଞ୍ଚି ଅଟକି ଯାଇଥିଲା। ଏହାର ସମସ୍ତ ଗତିବିଧିକୁ ଗୋଟିଏ ମୋଟର କଣ୍ଟ୍ରୋଲ ମାଧ୍ୟମରେ ନିୟନ୍ତ୍ରଣ କରାଯାଇଥିବା କଥା ହାଉଣ୍ଡର ଡିଜାଇନର ୟଙ୍ଗ୍ ହା-ଶିନ୍ କହିଛନ୍ତି। ଏହି ରୋବଟ୍‌ର ଓଜନ ୪୭ କିଲୋଗ୍ରାମ। ଅବଶ୍ୟ ହାଉଣ୍ଡ ଯେଭଳି କ୍ଷିପ୍ର ବେଗରେ ଦୌଡ଼ିବ, ଏହାର ନିର୍ମାତା ତା'କୁ ସେହିଭଳି ଭାବେ ଡିଜାଇନ୍ କରିଥିଲେ। ତେବେ ହାଉଣ୍ଡ କେବଳ ଜୋରରେ ଦୌଡ଼ି ନ ଥାଏ, ଢାଲୁ ସ୍ଥାନରେ ଚଢ଼ିବା, ୩.୨ କିଲୋମିଟର ପର୍ଯ୍ୟନ୍ତ ସହଜରେ ଚାଲିବାକୁ ମଧ୍ୟ ସକ୍ଷମ। ଅନ୍ୟପଟେ ଆଗକୁ ଏହାର ଗତି ଯେଭଳି ଅଧିକ ରହିବ, ସେ ଦିଗରେ ଏହାର ନିର୍ମାତା କାମ ଜାରି ରଖିଛନ୍ତି।

## କେମିତି ପିଇବେ ଚା'; କିଛି ଜାଣିବା କଥା

**ଅଧିକାଂଶ ଲୋକଙ୍କ ଦିନର ଆରମ୍ଭ କପେ ଚା'ରୁ ହୋଇଥାଏ। ଏଭଳି ମଧ୍ୟ କିଛି ଚା'ପ୍ରେମୀ ରହିଛନ୍ତି, ଯେଉଁମାନେ ପ୍ରତି ଦୁଇ ଘଣ୍ଟାରେ ଚା' ପିଇଥାଆନ୍ତି। ଅନେକ ଚା' ସହ ବିସ୍କୁଟ୍ କିମ୍ବା ତେଲଭାଜି ଜିନିଷ ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଚା' ପିଇବା ସମୟରେ ଆପଣଙ୍କୁ କିଛି କଥା ପ୍ରତି ଧ୍ୟାନଦେବାକୁ ପଡିବ, ନଚେତ୍ ଏଥିଯୋଗୁ ଜଣେ ରୋଗାକ୍ରାନ୍ତ ହୋଇପାରନ୍ତି।**

- ସକାଳୁ ଉଠି ଖାଲି ପେଟରେ ଚା' ପିଇବା ଅନୁଚିତ। ଏହା ଶରୀର ଉପରେ କୁପ୍ରଭାବ ପକାଇଥାଏ। ଏପରି କରୁଥିବା ବ୍ୟକ୍ତି ପେଟରେ ଜଳାପୋଡ଼ା ଓ ଏସିଡିଟିର ଶିକାର ହୋଇଥାନ୍ତି।
- ସେହିଭଳି ଚା' ସହ କିଛି ଖାଦ୍ୟ ଖାଇବା ଅନୁଚିତ। ଚା' ପିଇବା ପୂର୍ବରୁ ଖାଦ୍ୟ ଖାଇ ନିଅନ୍ତୁ କିମ୍ବା ଚା' ପିଇ ସାରିବା ପରେ ଖାଦ୍ୟ ଖାଆନ୍ତୁ। ଏଥିପ୍ରତି ଧ୍ୟାନ ନ ଦେଲେ ମୁଣ୍ଡବିନ୍ଧା ସମସ୍ୟା ଦେଖାଯାଇପାରେ।
- ଅଧିକାଂଶ ଲୋକେ ଚା' ସହ ବିସ୍କୁଟ୍ ଖାଇବାକୁ ପସନ୍ଦ କରିଥାଆନ୍ତି। ମାତ୍ର ଏହି ଖାଦ୍ୟକୁ ଏକାଠି ଖାଇବା ପେଟ ପାଇଁ କ୍ଷତିକାରକ। ବିସ୍କୁଟ୍‌ରେ ମଇଦା ଓ ଚିନି ମିଶି ପ୍ରସ୍ତୁତ ହୋଇଥାଏ। ଚା'ରେ ମଧ୍ୟ ଚିନି ଥାଏ। ଫଳରେ ଶରୀରକୁ ଏକାସହ ଅଧିକ ଚିନି ଯାଇଥାଏ। ଏହା ପେଟ ପାଇଁ କ୍ଷତିକାରକ ହେବା ସହ ପାଚନ ଜନିତ ସମସ୍ୟା କୋଷ୍ଠକାଠିନ୍ୟ ତଥା ଏସିଡିଟି ସମସ୍ୟା ସୃଷ୍ଟି କରିଥାଏ।
- ସେହିଭଳି ଚା'କୁ ପ୍ଲାଷ୍ଟିକ୍ କପ୍‌ରେ ପିଇବା ଅନୁଚିତ। ଏହା ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ।
- ଚା' ସହିତ ଲେମ୍ବୁରସ ମିଶ୍ରିତ ଖାଦ୍ୟ କିମ୍ବା ପାନୀୟ ପିଅନ୍ତୁ ନାହିଁ। ଏହାଦ୍ୱାରା ଏସିଡିଟି ସମସ୍ୟା ଦେଖାଯାଇପାରେ।
- ଚା' ପିଇବାର ତୁରନ୍ତ ପରେ ପାଣି କଦାପି ପିଇବା ଉଚିତ ନୁହେଁ। ଏହାସହ ଆଇସକ୍ରିମ୍ କିମ୍ବା ଅନ୍ୟ କୌଣସି ଥଣ୍ଡାପାନୀୟ ପିଇବା ଉଚିତ ନୁହେଁ। ଏହାଦ୍ୱାରା ପାଚନ ତନ୍ତ୍ର ଭଲ ଭାବେ କାର୍ଯ୍ୟ କରି ନ ଥାଏ। ଖାଦ୍ୟ ଭଲରେ ହଜମ ନ ହେବା ସହ ପେଟଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ।



# ଆଇପିଏଲ୍-୧୭ ଖେଳାଳି ନିଲାମି ଆଜି

- ୭୭ ସ୍ଥାନ ପାଇଁ ୩୩୩ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା
- ଓଡ଼ିଶାରୁ ଶୁଭ୍ରାଂଶୁ, ମୁସ୍ତାକ

ଦୁବାଇ, ୧୮ ।୧୨ (ଏଜେନ୍ସି)

ବିଶ୍ୱର ସବୁଠାରୁ ବ୍ୟୟବହୁଳ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମିଅର ଲିଗ୍ (ଆଇପିଏଲ୍)ର ଆଗାମୀ ୧୭ତମ ସଂସ୍କରଣ ଲାଗି ଖେଳାଳି ନିଲାମି ପ୍ରକ୍ରିୟା ମଙ୍ଗଳବାର ଦୁବାଇର କୋକା କୋଲା ଏରେନାରେ ଅନୁଷ୍ଠିତ ହେବ। ଅପରାହ୍ଣ ୧ଟାରୁ ଖେଳାଳି ନିଲାମ ପ୍ରକ୍ରିୟା ଚାଲିବ। ଯେଉଁଥିରେ ଉପଲବ୍ଧ ଥିବା ୭୭ଟି ସ୍ଥାନ ପାଇଁ ୩୩୩ ଖେଳାଳିଙ୍କ ଭାଗ୍ୟ ପରୀକ୍ଷା ହେବ। ନିଲାମରେ ସ୍ଥାନ ପାଇଥିବା ୩୩୩ ଖେଳାଳିଙ୍କ ମଧ୍ୟରୁ ୨୧୪ଜଣ ଭାରତୀୟ ଓ ୧୧୯ ଜଣ ବିଦେଶୀ ରହିଛନ୍ତି। ସେହିଭଳି ଏମାନଙ୍କ ମଧ୍ୟରୁ ୧୧୬ଜଣ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିସାରିଥିବାବେଳେ ୨୧୫ଜଣ ଅନ୍‌କ୍ୟାପଡ୍ ଖେଳାଳି ସ୍ଥାନ ପାଇଛନ୍ତି। ଉପଲବ୍ଧ ଥିବା ୭୭ଟି ସ୍ଥାନ ମଧ୍ୟରୁ ୩୦ଟି ବିଦେଶୀ ଖେଳାଳିଙ୍କ ପାଇଁ ରହିଛି। ୧୦ ଗୋଟି ଫ୍ରାଞ୍ଚାଇଜ ମଧ୍ୟରେ ତାରକା ଖେଳାଳିଙ୍କ ନିଜ ଦଳରେ ସାମିଲ କରିବା ପାଇଁ ଜୋରଦାର୍ ମୁକାବିଲା ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି।



### ଗୁଜରାଟ ପାଖରେ ସର୍ବାଧିକ ୩୮.୧୫ କୋଟି ରହିଛି:

ଆଇପିଏଲ୍‌ର ୧୭ତମ ସଂସ୍କରଣ ଖେଳାଳି ନିଲାମି ଲାଗି ଅଂଶଗ୍ରହଣକାରୀ ୧୦ ଦଳ ମଧ୍ୟରୁ ଗୁଜରାଟ ଟାଇଟନ୍ସ ପାଖରେ ସର୍ବାଧିକ ୩୮.୧୫ କୋଟି ଟଙ୍କା ବଳକା ରହିଛି। ନିଲାମି ଲାଗି ଖେଳାଳି ରିଟେନ ତାଲିକା ପ୍ରକାଶ ପାଇବା ପରେ କେଉଁ ଦଳ ପାଖରେ କେତେ ଟଙ୍କା ଉପଲବ୍ଧ ରହିଛି ତାହା ନିକଟରେ ସ୍ପଷ୍ଟ ହୋଇଥିଲା। ଏହିକ୍ରମରେ ଗୁଜରାଟ ପଛକୁ ସନରାଇଜର୍ସ ହାଇଦ୍ରାବାଦ୍ ନିକଟରେ ୩୪ କୋଟି, କୋଲକାତା ନାଇଟ ରାଇଡର୍ସ ୩୨.୭ କୋଟି, ଚେନ୍ନାଇ ସୁପର୍ କିଙ୍ଗ୍‌ସ ନିକଟରେ ୩୧.୪ କୋଟି ଟଙ୍କା ବଳକା ରହିଛି। ଏହା ପଛକୁ ପଞ୍ଜାବ କିଙ୍ଗ୍‌ସ (୨୯.୧ କୋଟି), ଦିଲ୍ଲୀ କ୍ୟାପିଟାଲ୍ସ (୨୮.୯୫ କୋଟି), ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୨୩.୨୫ କୋଟି), ମୁମ୍ବାଇ ଇଣ୍ଡିଆନ୍ସ (୧୭.୭୫ କୋଟି), ରାଜସ୍ଥାନ ରୟାଲ୍ସ (୧୪.୫ କୋଟି) ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (୧୩.୧୫ କୋଟି) ରହିଛନ୍ତି।


ଶାର୍ଦ୍ଦୁଳ ଠାକୁର

### ନିଲାମି ପ୍ରକ୍ରିୟା

ନିଲାମି ପ୍ରକ୍ରିୟାରେ ସାମିଲ ହୋଇଥିବା ୩୩୩ଜଣ ଖେଳାଳିଙ୍କୁ ସେମାନଙ୍କ ବିଶେଷତା ଆଧାରରେ ୧୯ଟି ବର୍ଗରେ ଭାଗ କରାଯାଇଛି। ଯେପରି ବ୍ୟାଟର୍, ବୋଲର୍, ଦ୍ରୁତ ବୋଲର, ସ୍ପିନର, ୱିକେଟ୍‌ରକ୍ଷକ ଇତ୍ୟାଦି। ସେହିଭଳି ଅନ୍ତର୍ଜାତୀୟ ଖେଳିଥିବା ଓ ଖେଳି ନ ଥିବା ଖେଳାଳିଙ୍କୁ ମଧ୍ୟ ଅଲଗା ଅଲଗା ଭାବେ ସ୍ଥାନିତ କରାଯାଇଛି।

### ୨ କୋଟି ମୂଳଦରରେ ୨୩ ଖେଳାଳି

ନିଲାମ ପ୍ରକ୍ରିୟା ଲାଗି ୩୩୩ଜଣ ଖେଳାଳିଙ୍କ ମୂଳଦର ଭିନ୍ନ ଭିନ୍ନ ଧାର୍ଯ୍ୟ କରାଯାଇଛି। ଏହିକ୍ରମରେ ଧାର୍ଯ୍ୟ କରାଯାଇଥିବା ସର୍ବାଧିକ ମୂଳଦର ୨ କୋଟି ବର୍ଗରେ ୨୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଶାର୍ଦ୍ଦୁଳ ଠାକୁର, ଉମେଶ ଯାଦବ, ମିଚେଲ ଷ୍ଟାର୍କ, ଟ୍ରାଭିସ୍ ହେଡ୍‌ଙ୍କ ଭଳି ତାରକା ଖେଳାଳି ରହିଛନ୍ତି। ସେହିଭଳି ଦ୍ୱିତୀୟ ସର୍ବୋଚ୍ଚ ମୂଳଦର ୧.୫ କୋଟି ତାଲିକାରେ ୧୩ଜଣ ଖେଳାଳିଙ୍କ ଭାଗ୍ୟ ନିର୍ଣ୍ଣୟ ହେବ।

### ନଜରରେ ଦୁଇ ଓଡ଼ିଆ

ଚଳିତ ବର୍ଷ ଖେଳାଳି ନିଲାମିର ଚୂଡ଼ାନ୍ତ ତାଲିକାରେ ୨ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ବ୍ୟାଟର୍ ଶୁଭ୍ରାଂଶୁ ସେନାପତି ଓ ଲେଗ୍-ସ୍ପିନର ମୁସ୍ତାକ ବେଗ୍। ଉଭୟଙ୍କ ମୂଳଦର ୨୦ ଲକ୍ଷ ଟଙ୍କା ରହିଛି। ଶୁଭ୍ରାଂଶୁ ଗତ ୨ଟି ସଂସ୍କରଣ ଧରି ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଦଳ ପକ୍ଷରୁ ଖେଳି ଆସୁଥିଲେ। ତାଙ୍କୁ ଚେନ୍ନାଇ ୨୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। କିନ୍ତୁ ସେ ୨ଟି ଯାକ ସଂସ୍କରଣରେ ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଅପରପକ୍ଷରେ ମୁସ୍ତାକ ଚଳିତ ସିଜନରେ ବିଭିନ୍ନ ସୀମିତ ଓଭର ଫର୍ମାଟ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି। ତେଣୁ ଏହି ଦୁଇ ଖେଳାଳି କେଉଁ ଫ୍ରାଞ୍ଚାଇଜକୁ ଆକୃଷ୍ଟ କରିପାରୁଛନ୍ତି ତାହା ମଙ୍ଗଳବାର ସନ୍ଧ୍ୟାରେ ସ୍ପଷ୍ଟ ହୋଇଯିବ। ଷ୍ଟାର ସ୍ପୋର୍ଟ୍ସ ନେଟୱାର୍କର ନିଲାମିର ସିଧା ପ୍ରସାରଣ ହେବ।


ଟ୍ରାଭିସ୍ ହେଡ୍

### ନଜରରେ କିଛି ପ୍ରମୁଖ ଖେଳାଳି

| ଖେଳାଳି | ମୂଳଦର | ଖେଳାଳି | ମୂଳଦର |
|---|---|---|---|
| ହ୍ୟାରୀ ବ୍ରୁକ୍ | ୨ କୋଟି | ଫିଲିପ୍ ସଲ୍ଟ | ୧.୫ କୋଟି |
| ଟ୍ରାଭିସ୍ ହେଡ୍ | ୨ କୋଟି | ଟମ୍ କୁରାନ | ୧.୫ କୋଟି |
| ରିଲି ରୁସୋ | ୨ କୋଟି | ମହମ୍ମଦ ନବୀ | ୧.୫ କୋଟି |
| ଷ୍ଟିଭ ସ୍ମିଥ୍ | ୨ କୋଟି | ଟାଇମଲ ମିଲ୍ସ | ୧.୫ କୋଟି |
| ପ୍ୟାଟ୍ କମିନ୍ସ | ୨ କୋଟି | ଟିମ୍ ସୌଦୀ | ୧.୫ କୋଟି |
| ହର୍ଷଲ ପଟେଲ | ୨ କୋଟି | ରୋଭମାନ ପାୱେଲ | ୧ କୋଟି |
| ଶାର୍ଦ୍ଦୁଳ ଠାକୁର | ୨ କୋଟି | ୱେନ ପାର୍ନେଲ | ୧ କୋଟି |
| ମିଚେଲ ଷ୍ଟାର୍କ | ୨ କୋଟି | ଇଶ୍ ସୋଧୀ | ୭୫ ଲକ୍ଷ |
| ଉମେଶ ଯାଦବ | ୨ କୋଟି | ମନୀଷ ପାଣ୍ଡେ | ୫୦ ଲକ୍ଷ |
| ଆଦିଲ ରଶିଦ | ୨ କୋଟି | ରାଚିନ ରବୀନ୍ଦ୍ର | ୫୦ ଲକ୍ଷ |
| ମୁସ୍ତାଫିଜୁର ରେହମାନ | ୨ କୋଟି | ଜୟଦେବ ଉନାଦକଟ୍ | ୫୦ ଲକ୍ଷ |
| ୱାନିନ୍ଦୁ ହାସରଙ୍ଗା | ୧.୫ କୋଟି | ମାର୍କ ଚାପ୍ମ୍ୟାନ | ୫୦ ଲକ୍ଷ |



## ଆଇପିଏଲ୍ ଇତିହାସରେ ପ୍ରଥମ ମହିଳା ନିଲାମକାରୀ

ଆଇପିଏଲ୍‌ର ୧୬ ବର୍ଷ ଇତିହାସରେ ପ୍ରଥମଥର ଲାଗି ଜଣେ ମହିଳା ନିଲାମକାରୀଙ୍କୁ ଦେଖିବାକୁ ମିଳିବ। ମଙ୍ଗଳବାର ଖେଳାଳି ନିଲାମିରେ ଅଭିନେତ୍ରୀ ମଲିକା ସାଗର ନିଲାମକାରୀ ଭୂମିକାରେ ଓହ୍ଲାଇବେ। ସେ ପୂର୍ବ ସଂସ୍କରଣର ନିଲାମଧାରୀ ହ୍ୟୁଗ୍ ଏଡ୍‌ମେଡେସ୍‌ଙ୍କ ସ୍ଥାନ ନେବେ। ମଲିକା ନିକଟରେ ଡିସେମ୍ବର ୯ରେ ଅନୁଷ୍ଠିତ ମହିଳା ପ୍ରିମିଅର୍ ଲିଗ୍‌ରେ ନିଲାମଧାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ସୂଚାରୁରୂପେ ତୁଲାଇଥିଲେ।

## ବଲାଙ୍ଗିରରେ ସର୍ବଭାରତୀୟ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ

ଭୁବନେଶ୍ୱର, ୧୮ ।୧୨ (ସମିସ)

ନିଖିଳ ଓଡ଼ିଶା ଓ ବଲାଙ୍ଗିର ଜିଲ୍ଲା ଚେସ୍ ସଂଘ ଆନୁକୂଲ୍ୟରେ ବଲାଙ୍ଗିରସ୍ଥିତ କିସ୍ ସ୍କୁଲ ପରିସରରେ ଦୁଇଟି ସର୍ବମାରତୀୟ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୩ରୁ ଆରମ୍ଭ ହୋଇ ୩ ତାରିଖରେ ଶେଷ ହେବ। ଏଥିରେ ଦୁଇଟି କାଟାଗୋରୀରେ ରେଟିଂ ଚେସ୍ ଖେଳାଯିବ। ଡିସେମ୍ବର ୨୩ରୁ ୨୭ ତାରିଖଯାଏ ପ୍ରଥମ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ବଲାଙ୍ଗିର ସର୍ବଭାରତୀୟ ଓପନ ଫିଡେ ଟୁର୍ଣ୍ଣାମେଣ୍ଟ। ଏଥିରେ ସମସ୍ତ ଖେଳାଳି ଅଂଶଗ୍ରହଣ କରିପାରିବେ। ସେହିପରି ଡିସେମ୍ବର ୨୭ରୁ ୩୧ ମଧ୍ୟରେ ଦ୍ୱିତୀୟ ସର୍ବଭାରତୀୟ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ୧୭୦୦ କିମ୍ବା ତା’ଠାରୁ କମ୍ ରେଟିଂ ପାଇଥିବା ଖେଳାଳିଙ୍କ ମଧ୍ୟରେ ଖେଳାଯିବ। ଦୁଇଟିଯାକ ଟୁର୍ଣ୍ଣାମେଣ୍ଟ ରାଜୀବନଗରସ୍ଥିତ କିସ୍ ସ୍କୁଲ ପରିସରରେ ଖେଳାଯିବ ବୋଲି ନିଖିଳ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଙ୍ଗ ସୂଚନା ଦେଇଛନ୍ତି। ଉଭୟ ଟୁର୍ଣ୍ଣାମେଣ୍ଟରେ ମୋଟ ୫ ଲକ୍ଷ ଟଙ୍କା ପୁରସ୍କାର ଓ ୧୩୮ଟି ଟ୍ରଫି ପ୍ରଦାନ କରାଯିବ। ଏଥିରେ ଟପ୍ ୨୦ଜଣ ଖେଳାଳି ପୁରସ୍କୃତ ହେବେ। ଏହା ବ୍ୟତୀତ ଭେଟେରାନ, ମହିଳା, ବିଭିନ୍ନ ରେଟିଂ କାଟାଗୋରୀ ଓ ଓଡ଼ିଶା ଖେଳାଳିଙ୍କୁ ଅଲଗାଭାବେ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ସ୍ୱିସ୍



ପ୍ରଣାଳୀରେ ଉଭୟ ଟୁର୍ଣ୍ଣାମେଣ୍ଟ ୯ ରାଉଣ୍ଡ ବିଶିଷ୍ଟ ହେବ। ନିଖିଳ ଓଡ଼ିଶା ଚେସ ସଂଘ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଅଧିକ ବିବରଣୀ ଲାଗି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ, ପ୍ରିୟବ୍ରତ ପଣ୍ଡାଙ୍କୁ ଫୋନ ନଂ-୮୨୪୯୦୫୧୨୬୮ ସହ ଯୋଗାଯୋଗ କରିବାକୁ ସମ୍ପାଦକ ଶ୍ରୀ ଭଙ୍ଗ ଅନୁରୋଧ କରିଛନ୍ତି।

---

ନଗେସ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ

## ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୮ ।୧୨ (ସମିସ)

କୋଚିରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେସ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ସି’ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ପ୍ରଥମ ମ୍ୟାଚ୍‌ରେ ପଡ଼ୋଶୀ ଝାଡ଼ଖଣ୍ଡକୁ ୯ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚରେ ୪ ଓଭର ବୋଲିଂ କରି ୯ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ଦେବରାଜ ବେହେରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଓଡ଼ିଶା ତାହାର ଦ୍ୱିତୀୟ ମ୍ୟାଚ୍ ବୁଧବାର କେରଳ ସହ ଖେଳିବ।

କୋଚିର ପାଲେସ ଓଭାଲ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ବୋଲରଙ୍କ ନିକଟରେ ଝାଡ଼ଖଣ୍ଡ ବ୍ୟାଟିଂ ଫେଲମାରିଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୧୬.୨ ଓଭରରେ ମାତ୍ର ୩୯ ରନ୍ କରିଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଦେବରାଜଙ୍କ ୩ ୱିକେଟ ବ୍ୟତୀତ ଲିଙ୍ଗରାଜ ରାଉତରାୟ ୨ଟି ୱିକେଟ ପାଇଥିଲେ। ଅଧିନାୟକ ସୁଖରାମ ମାଝୀ, ଅନୀଲ କୁମାର ମଲ୍ଲିକ ଓ ଅର୍ଜୁନ ଭତ୍ରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଓଡ଼ିଶା ମାତ୍ର ୩.୩ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦେବରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଡିସେମ୍ବର ୨୩ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୨୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଦଳ ଗୁଡ଼ିକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଓଡ଼ିଶା ଗ୍ରୁପ-ସି’ରେ ସ୍ଥାନ ପାଇଛି।




---

ତମାଣ୍ଡୋ କପ୍ ଫୁଟବଲ

## ଫାଇନାଲରେ ମଙ୍ଗଳା କ୍ଲବ୍- କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର, ୧୮ ।୧୨ (ସମିସ): କଟକର ଦୁଇ ଦଳ ମଙ୍ଗଳା କ୍ଲବ୍ ଓ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଚଳିତବର୍ଷର ତମାଣ୍ଡୋ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳାଯିବ। ଶିବଶକ୍ତି କ୍ଲବ୍ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଜୋରଦାର ମୁକାବିଲା ହୋଇଥିଲା। ଏଥିରେ ମଙ୍ଗଳା କ୍ଲବ୍ ୭-୫ ଟାଇବ୍ରେକର ଗୋଲରେ ଭୁବନେଶ୍ୱରର କିଶୋର କ୍ଲବ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଗଣ୍ଡରପୁରର ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ୍‌କୁ ପରାସ୍ତ କରି କ୍ରୀଡ଼ା ଛାତ୍ରାବାସ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲା। ବୁଧବାର ମଙ୍ଗଳା କ୍ଲବ୍ ଓ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ସୋମବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ବେଶ ରୋମାଞ୍ଚକ ହୋଇଥିଲା। ଉଭୟ ଦଳ ପରସ୍ପରର ଗୋଲ ପୋଷ୍ଟ ଉପରେ ବାରମ୍ବାର ଆକ୍ରମଣ କରି ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲେ। ଶେଷରେ ଉଭୟ ଦଳ ୨ଟି ଲେଖାଏଁ ଗୋଲ ସ୍କୋର କରିବା ଫଳରେ ନିର୍ଦ୍ଧାରିତ ସମୟରେ ଖେଳ ମୀମାଂସା ହୋଇ ପାରି ନଥିଲା। ମଙ୍ଗଳା କ୍ଲବ୍ ପକ୍ଷରୁ ଭାଗୀରଥି ପଡ଼ିଆରୀ ଓ ସନାତନ ଲୋହାର ଗୋଲ ସ୍କୋର କରିଥିଲେ। କିଶୋର କ୍ଲବ୍ ପକ୍ଷରୁ ପାପା ମାଝୀ ଓ ବେଞ୍ଜାମିନ ମୁର୍ମୁ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଏହାଫଳରେ ମ୍ୟାଚ୍‌ର ଫଳାଫଳ ଲାଗି ଟାଇବ୍ରେକରର ସହାୟତା ନିଆଯାଇଥିଲା। ପେନାଲ୍ଟି ସୁଟ୍‌ଆଉଟରେ ମଙ୍ଗଳା କ୍ଲବ୍ ପକ୍ଷରୁ ପିଙ୍କୁନ, ବବୁଲ ରାଉତ, ଦୀନବନ୍ଧୁ ଦାସ, ବିପିନ ବିନ୍ଧାଣୀ ଓ ଅଜିତ ରାଉତ ଗୋଲ ଦେଇଥିଲେ। କିନ୍ତୁ କିଶୋର କ୍ଲବ୍ ପକ୍ଷରୁ ମୁନା ମାଝୀ, ତୁଷାର ରାଉତ ଓ ଏ କହ୍ନେୟା ଗୋଲ ଦେବାରେ ସମର୍ଥ ହୋଇଥିଲେ। ଅନ୍ୟ ଦୁଇଜଣ ସ୍କୋର କରି ନ ପାରିବାରୁ ମଙ୍ଗଳା କ୍ଲବ୍ ପେନାଲ୍ଟି ସୁଟ୍‌ଆଉଟକୁ ୫-୩ରେ ଜିତିଥିଲା। ଶେଷରେ ବିଜୟ ଦଳର ଗୋଲ ବ୍ୟବଧାନ ୭-୫ରେ ସ୍ଥିର ରହିଥିଲା। ମଙ୍ଗଳା କ୍ଲବ୍‌ର ସନାତନ ଲୋହାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଖେଳ ଶେଷରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପୂର୍ବତନ କ୍ରୀଡ଼ାପ୍ରଶାସକ ଅଶୋକ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ରେଫରି ଶିବଶଙ୍କର ପଣ୍ଡା ପରିଚାଳନା କରିଥିଲେ। ତାଙ୍କୁ ସୁଶାନ୍ତ ମିଶ୍ର, ଶିବ ସାମନ୍ତରାୟ, ଶିବ ଦେହୁରୀ ସହାୟତା କରିଥିଲେ। ବୁଧବାର ଫାଇନାଲ ଖେଳାଯିବ।



---

ଜାନୁଆରୀ ୯ରୁ କଳିଙ୍ଗ ସୁପର୍ କପ୍

## ଗ୍ରୁପ୍-ଡି’ରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୮ ।୧୨ (ସମିସ)

ଜାନୁଆରୀରୁ ଓଡ଼ିଶାରେ ଆରମ୍ଭ ହେବାକୁ ଥିବା କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ ପ୍ରତିଯୋଗିତା ଲାଗି ସୋମବାର ଗ୍ରୁପ୍ ତାଲିକା ପ୍ରକାଶ ପାଇଛି। ଭାରତୀୟ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଏଆଇଏଫ୍‌ଏଫ୍ ପକ୍ଷରୁ ଅଂଶଗ୍ରହଣକାରୀ ୧୬ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଏଫ୍‌ସି ଏଥର ଗ୍ରୁପ୍-ଡି’ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଘରୋଇ ଓଡ଼ିଶା ଏଫ୍‌ସି ସମେତ ସୁନିଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ଓ ଆଇ-ଲିଗ୍ କ୍ୱାଲିଫାୟରର ଏକ ଦଳ ରହିବ।

ସୁପର୍ କପ୍‌ର ଆଗାମୀ ୪ର୍ଥ ସଂସ୍କରଣ ଏଥର ନୂଆ ନାମରେ ଅର୍ଥାତ କଳିଙ୍ଗ ସୁପର୍ କପ୍ ନାମରେ ଖେଳାଯିବ। ଜାନୁଆରୀ ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହା ଓଡ଼ିଶାରେ ଆୟୋଜିତ ହେବ। ‘କଳିଙ୍ଗ ସୁପର୍ କପ୍ ଲାଗି ସମସ୍ତ ପ୍ରକାର ସୁବିଧା ସହଯୋଗ ଯୋଗାଇ ଦେଉଥିବାରୁ ଓଡ଼ିଶା ସରକାରଙ୍କୁ ଆମେ ଧନ୍ୟବାଦ ଜଣାଉଛୁ’ ବୋଲି ଏଆଇଏଫ୍‌ଏଫ୍ କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଏମ୍. ସତ୍ୟନାରାୟଣ କହିଛନ୍ତି। ଅଂଶଗ୍ରହଣକାରୀ ୧୬ ଦଳ ମଧ୍ୟରୁ ଆଇଏସ୍‌ଏଲ୍ ୧୨ ଦଳ ଏବଂ ଆଇ-ଲିଗ୍‌ରୁ ୪ଟି ଦଳ ଭାଗନେବେ। ଗ୍ରୁପ୍ ପର୍ଯ୍ୟାୟର ଶ୍ରେଷ୍ଠ ୪ ଗୋଟି ଦଳ ସେମିଫାଇନାଲକୁ ପ୍ରବେଶ କରିବେ। ଏଥିରେ ଯେଉଁ ଦଳ ଚାମ୍ପିଅନ ହେବ ସେହି ଦଳ ସିଧାସଳଖ ଏଏଫ୍‌ସି ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିବ।



### ଗ୍ରୁପ୍ ତାଲିକା

**ଗ୍ରୁପ୍-ଏ:** ମୋହନ ବାଗାନ ଏସ୍‌ଜି, ଇଷ୍ଟବେଙ୍ଗଲ ଏଫ୍‌ସି, ହାଇଦ୍ରାବାଦ୍ ଏଫ୍‌ସି, ଆଇ-ଲିଗ୍-୧
**ଗ୍ରୁପ୍-ବି:** କେରଳ ବ୍ଲାଷ୍ଟର୍ସ ଏଫ୍‌ସି, ଆଇ-ଲିଗ୍-୨, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି, ଜାମସେଦପୁର ଏଫ୍‌ସି
**ଗ୍ରୁପ୍-ସି:** ମୁମ୍ବାଇ ସିଟି ଏଫ୍‌ସି, ଚେନ୍ନାଇନ ଏଫ୍‌ସି, ପଞ୍ଜାବ ଏଫ୍‌ସି ଓ ଆଇ-ଲିଗ୍-୩
**ଗ୍ରୁପ୍-ଡି:** ଏଫ୍‌ସି ଗୋଆ, ଓଡ଼ିଶା ଏଫ୍‌ସି, ବେଙ୍ଗାଲୁରୁ ଏଫ୍‌ସି, ଆଇ-ଲିଗ୍-୪

---

## ପ୍ରଦର୍ଶନୀ କ୍ରିକେଟ: ଓସିଏ ସମ୍ପାଦକ ଏକାଦଶ ବିଜୟୀ

ଭୁବନେଶ୍ୱର, ୧୮ ।୧୨ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ରବିବାର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି। ପଙ୍କଜ ଲୋଚନ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଓସିଏ ସଭାପତି ଏକାଦଶ ଓ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ଗଠିତ ସମ୍ପାଦକ ଏକାଦଶ ମଧ୍ୟରେ ଏହି ମ୍ୟାଚ୍‌ଟି ଖେଳାଯାଇଥିଲା। ଏଥିରେ ସମ୍ପାଦକ ଏକାଦଶ ୯ ୱିକେଟରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସଭାପତି ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୮୭ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରହ୍ଲାଦ ତ୍ରିପାଠୀ ସର୍ବାଧିକ ୨୮, ସରୋଜ ସାହୁ ୧୧ ଓ ସନ୍ତୋଷ ଦାସ ୧୦* ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସତବୀର ସିଂ ରିଆର ୨ଟି, ରବିନାରାୟଣ ପଣ୍ଡା, ଦୁଲାଲଚନ୍ଦ୍ର ପ୍ରଧାନ ଓ ଶିବପ୍ରସାଦ ତ୍ରିପାଠୀ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

ଜବାବରେ ୮୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ସମ୍ପାଦକ ଏକାଦଶ ୧୧.୪ ଓଭରରେ ଶିବପ୍ରସାଦ ତ୍ରିପାଠୀଙ୍କ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ନୃସିଂହ ଚୌଧୁରୀ ୩୮ ବଲ୍‌ରେ ୫ ଚୌକା ସହ ୪୮ ଓ ସମ୍ପାଦକ ସଞ୍ଜୟ ବେହେରା ୯ ବଲ୍‌ରେ ୩ ଚୌକା ସହ ୧୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ସଭାପତି ଏକାଦଶର ସୁଶାନ୍ତ ମହାନ୍ତିଙ୍କୁ ଏକମାତ୍ର ୱିକେଟଟି ମିଳିଥିଲା। ବିଜୟୀ ସମ୍ପାଦକ ଏକାଦଶର ନୃସିଂହ ଚୌଧୁରୀଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।


ଚାମ୍ପିଅନ ସମ୍ପାଦକ ଏକାଦଶ


ରନର୍ସଅପ୍ ସଭାପତି ଏକାଦଶ

**ଆଜି ଦ୍ୱିତୀୟ ଦିନିକିଆ**
**ରିଙ୍କୁ, ରଜତଙ୍କୁ ନେଇ ଦ୍ୱନ୍ଦ୍ୱ**

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ପୋର୍ଟ ଏଲିଜାବେଥ୍, ୧୮।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ସ୍ଥାନୀୟ ସେଣ୍ଟ ଜର୍ଜସ ପାର୍କରେ ମଙ୍ଗଳବାର ଖେଳାଯିବ। ଜୋହାନ୍ସବର୍ଗରେ ଗୋଲାପି ଜର୍ସି ପିନ୍ଧି ଖେଳିଥିବା ଦକ୍ଷିଣ ଆଫ୍ରିକାର ଦଳର ଶୋଚନୀୟ ପରାଜୟ ପରେ ନୂଆ ପିଢ଼ିର ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ ଉତ୍ସାହିତ। ଦକ୍ଷିଣ ଆଫ୍ରିକାକୁ ସେମାନଙ୍କ ଘରୋଇ ପଡ଼ିଆରେ ଭାରତ ଏପରି ଭାବେ ହରାଇବ ବୋଲି କେହି ଆଶା କରି ନଥିଲେ। ଏବେ ଦ୍ୱିତୀୟ ମ୍ୟାଚ୍ ଜିତି ଭାରତ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। କିନ୍ତୁ ଭାରତ ଲାଗି ଏହି ମ୍ୟାଚ୍ ଜିତିବା ଏତେଟା ସହଜ ହେବ ନାହିଁ। ମାତ୍ର ସପ୍ତାହକ ତଳେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ବିଜୟୀ ହୋଇଥିଲା। ପ୍ରଥମ ଦିନିକିଆରେ ଶୋଚନୀୟ ପରାଜୟ ପରେ ଦକ୍ଷିଣ ଆଫ୍ରିକା ନିଶ୍ଚିତଭାବେ ଏହି ମ୍ୟାଚ୍ ଜିତିବାକୁ ଚେଷ୍ଟା କରିବ। ଏହା ଫଳରେ ମ୍ୟାଚ୍‌ଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ଆଶା କରାଯାଇପାରେ।



### ଦ୍ୱନ୍ଦ୍ୱ; ରଜତ ନା ରିଙ୍କୁ

ପ୍ରଥମ ଦିନିକିଆରେ ଖେଳିଥିବା ଶ୍ରେୟସ ଆୟର ଏବେ ଟେଷ୍ଟ କ୍ୟାମ୍ପ୍‌ରେ ସାମିଲ ହୋଇଛନ୍ତି। ଫଳରେ ଭାରତୀୟ ଏକାଦଶରେ ଗୋଟିଏ ବ୍ୟାଟିଂ ସ୍ଥାନ ଖାଲି ହୋଇଛି। ଏହି ସ୍ଥାନରେ ଦଳ କାହାକୁ ଖେଳାଇବ ସେଥିଲାଗି ଦ୍ୱନ୍ଦ୍ୱରେ ରହିଛି। ଯଦି ଆୟରଙ୍କ ବରାବର ଖେଳାଳି ବଛାଯିବ, ତେବେ ପ୍ରତିଭାଧାରୀ ରଜତଙ୍କ ନାମ ପ୍ରଥମେ ଆସିବ। ରଜତ ନଂ-୪ରେ ଖେଳି ସଫଳ ହୋଇଛନ୍ତି। କିନ୍ତୁ ଘରୋଇ ଦିନିକିଆ ଓ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ରିଙ୍କୁ ସିଂ ଜଣେ ମ୍ୟାଚ୍ ଫିନିସର ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି। ଏମାନଙ୍କ ସପକ୍ଷରେ ଅନ୍ୟମାନେ ରହିଛନ୍ତି। କିନ୍ତୁ ଏହି ଦୁଇ ଖେଳାଳିଙ୍କ ମଧ୍ୟରୁ କାହାକୁ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିବ କିମ୍ବା ଉଭୟ ଖେଳାଳି ଦଳରେ ସ୍ଥାନ ପାଇବେ ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ। ଏମାନଙ୍କ ବ୍ୟତୀତ ବ୍ୟାଟିଂ ଲାଇନ୍‌ରେ ଅନ୍ୟ କିଛି ପରିବର୍ତ୍ତନ ହେବାର ସମ୍ଭାବନା କମ୍। ପ୍ରଥମ ଦିନିକିଆରେ ପଦାର୍ପଣ କରି ଅର୍ଦ୍ଧଶତକ ହାସଲ କରିଥିବା ସାଇ ସୁଦର୍ଶନଙ୍କୁ ନେଇ ଭାରତୀୟ ଦଳ ବେଶ ଆତ୍ମବିଶ୍ୱାସୀ ରହିଛି।

### ମୁକେଶଙ୍କ ସ୍ଥାନରେ ଆକାଶଦୀପ

ଜୋହାନ୍ସବର୍ଗରେ ଭାରତର ଦୁଇ ଯୁବ ଫାଷ୍ଟ ବୋଲର ଅର୍ଶଦୀପ ସିଂ ଓ ଆଭେଷ ଖାନ୍‌ଙ୍କ ବୋଲିଂରେ ଦକ୍ଷିଣ ଆଫ୍ରିକା ହାରିଯାଇଥିଲା। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ନିଜର ପ୍ରତିଭା ପ୍ରଦର୍ଶନ କରି ସମସ୍ତ ୩ଟି ଯାକ ଫର୍ମାଟରେ ଖେଳିଥିବା ବେଙ୍ଗଲର ଫାଷ୍ଟ ବୋଲର ମୁକେଶ କୁମାର ଏହି ମ୍ୟାଚ୍‌ରେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଏହି କାରଣରୁ ତାଙ୍କୁ ଯଦି ଦ୍ୱିତୀୟ ଦିନିକିଆରୁ ବାଦ୍ ଦିଆଯାଏ, ତେବେ ତାଙ୍କ ସ୍ଥାନରେ ଆକାଶଦୀପଙ୍କ ନାମ ବିଚାରକୁ ନିଆଯିବ। ସ୍ପିନ୍ ବିଭାଗରେ କୁଲଦୀପ ଯାଦବ ଓ ଅକ୍ଷର ପଟେଲ ଆହତ ନହେଲେ ବାଦ୍ ଦେବାର ଆଦୌ ସମ୍ଭାବନା ନାହିଁ। ସ୍ଥିତିକୁ ଦେଖିଲେ ପ୍ରଥମ ମ୍ୟାଚ୍ ଖେଳିଥିବା ଭାରତୀୟ ବୋଲିଂ ବାହିନୀରେ ପରିବର୍ତ୍ତନ ହେବାର ସମ୍ଭାବନା କମ୍।

### ଦକ୍ଷିଣ ଆଫ୍ରିକା ଅପରିବର୍ତ୍ତିତ

ପ୍ରଥମ ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିବା ପରେ ଘରୋଇ ଦଳରେ ପରିବର୍ତ୍ତନ ହେବା ସ୍ୱାଭାବିକ୍। କିନ୍ତୁ ଦକ୍ଷିଣ ଆଫ୍ରିକା ମଧ୍ୟ କିଛି ନୂଆ ଖେଳାଳିଙ୍କୁ ନେଇ ଖେଳୁଛି। ଜୋହାନ୍ସବର୍ଗର ସୁଇଂ ଓ ସିମ୍‌ରେ ପ୍ରତିଷ୍ଠିତ ବ୍ୟାଟର ମଧ୍ୟ ଫେଲ ମାରିଛନ୍ତି। ଏଣୁ ଏହି ବ୍ୟାଟରଙ୍କୁ ଗୋଟିଏ ବିଫଳତା ପରେ ବାଦ୍ ଦେବା ଆଶା କରଯାଏ ନାହିଁ। ସେଣ୍ଟ ଜର୍ଜସ ପାର୍କ ପିଚ୍ ମଧ୍ୟ ମନ୍ଥର। ଏଠାରେ କେଶବ ମହାରାଜ ଓ ତାବ୍ରେଜ ସାମସିଙ୍କ ପ୍ରଦର୍ଶନ ଭଲ ରହିଛି। ଏଣୁ ଦଳରେ କିଛି ପରିବର୍ତ୍ତନ ହେବାର ଆଶା ନାହିଁ।

### ପିଚ୍ ମନ୍ଥର, ବର୍ଷା ଆଶଙ୍କା

ଦ୍ୱିତୀୟ ଦିନିକିଆ ଖେଳାଯିବାକୁ ଥିବା ସେଣ୍ଟ ଜର୍ଜସ ପାର୍କ ପିଚ ଏବେ ମନ୍ଥର ବୋଲିଂକୁ ସୁହାଉଛି। ଏଠାରେ ଦକ୍ଷିଣ ଆଫ୍ରିକା ଖେଳିଥିବା ଶେଷ ୩ଟି ଦିନିକିଆ ମଧ୍ୟରୁ ଦୁଇଟିରେ ଏସିଆ ମହାଦେଶ ଦଳ ନିକଟରୁ ପରାଜିତ ହୋଇଛି। ଏହା ଭାରତୀୟ ଦଳ ଲାଗି ସୁଯୋଗ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି ମ୍ୟାଚ୍‌ରେ ସାମାନ୍ୟ ବର୍ଷା ହେବାର ମଧ୍ୟ ଆଶଙ୍କା ରହିଛି। ଡିସେମ୍ବର ୧୨ ତାରିଖରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ପଛରେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍‌କୁ ସହଜରେ ଜିତିନେଇଥିଲ। ଏଠାରେ ଯେଉଁ ଦଳ ଟସ୍ ଜିତିବ ସେହି ଦଳ ଦ୍ୱିତୀୟ ପାଳିରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବାର ସମ୍ଭାବନା ଅଧିକ। ଏଣୁ ପଛରେ ବ୍ୟାଟିଂ କରିଥିବା ଦଳ ଏଠାରେ ଫାଇଦାରେ ରହିବ ବୋଲି ଆଶା କରାଯାଉଛି।

**ଖେଳାଳି ଦଳ**

**ଭାରତ**
ଲୋକେଶ ରାହୁଲ (ଅଧିନାୟକ), ଋତୁରାଜ ଗାଏକ୍ୱାଡ଼, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ରିଙ୍କୁ ସିଂ, ସଞ୍ଜୁ ସାମସନ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୁକେଶ କୁମାର, ଆଭେଷ ଖାନ୍, ଅର୍ଶଦୀପ ସିଂ ଓ ଆକାଶଦୀପ।

**ଦକ୍ଷିଣ ଆଫ୍ରିକା**
ଆଇଡେନ୍ ମାର୍କରାମ (ଅଧିନାୟକ), ରିଜା ହେଣ୍ଡ୍ରିକ୍ସ, ଟୋନି ଡି ଜୋଜି, ରାସି ଭାନ ଡର ଡୁସେନ, ଡେଭିଡ ମିଲର, ହେନ୍‌ରିକ୍ କ୍ଲାସେନ, କାଏଲ ଭେରିନ୍, ୱିଆନ ମୁଲ୍ଡର, ଆନ୍ଦିଲ ଫେଲୁକୱାଅ, ଓଟ୍ଟନିଏଲ ବାର୍ଟମ୍ୟାନ୍, ନାନ୍ଦ୍ରେ ବର୍ଗର, ଲିଜାର୍ଡ ୱିଲିୟମ୍ସ, ମିହଲାଲି ପୋଙ୍ଗୱାନା, କେଶବ ମହାରାଜ, ତାବ୍ରେଜ୍ ସାମ୍‌ସି।

**ଖେଳ ଆରମ୍ଭ: ଅପରାହ୍ଣ ୪ଟା୩୦ / ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**



ଭୁବନେଶ୍ୱରର ଏକ ଘରୋଇ ବିଦ୍ୟାଳୟର ସୋମବାର ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିବା କିମ୍ବଦନ୍ତୀ କ୍ରିକେଟର କପିଳ ଦେବ।

## କୃତୀ କ୍ରୀଡ଼ାବିତ୍‌ଙ୍କୁ ୨୪ ଲକ୍ଷର ପ୍ରୋତ୍ସାହନ

ଭୁବନେଶ୍ୱର, ୧୮।୧୨ (ସମିସ)

ରାଜ୍ୟର କୃତୀ କ୍ରୀଡ଼ାବିତ୍‌ଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି। ଏହା ଫଳରେ ଏହି କ୍ରୀଡ଼ାବିତ୍‌ମାନେ ଅଧିକ ସଫଳତା ପାଇବାକୁ ଉତ୍ସାହିତ ହେବେ ବୋଲି କହିଛନ୍ତି। ନିକଟରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସରେ ଓଡ଼ିଶାର ପ୍ରତିଯୋଗୀମାନଙ୍କୁ ୧୧ଟି ପଦକ ମିଳିଥିଲା। ୭ଟି ବିଭିନ୍ନ ବିଭାଗରେ ୨୪ ଲକ୍ଷ ୧୫ ହଜାର ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରତିଯୋଗୀଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇଥିଲା। ଫଳରେ ଜୟନ୍ତୀ ବେହେରାଙ୍କୁ ୩ ଲକ୍ଷ, ପଙ୍କଜ ଭୁଏଁଙ୍କୁ ୧.୭୫ ଲକ୍ଷ, ସୁଚିତ୍ରା ପରିଡ଼ାଙ୍କୁ ୧ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଗଦାଧର ସାହୁଙ୍କୁ ୧ ଲକ୍ଷ, ମଙ୍ଗତ ହେମ୍ବ୍ରମ, ଅର୍ଜୁନ ଭତ୍ରା, ଚନ୍ଦନ କୁମାର ବେହେରା, ଦୀପରଞ୍ଜନ ବିଶୋୟୀଙ୍କୁ ୫୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିଲା।

କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସୋମବାର ଅନୁଷ୍ଠିତ ଏକ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଅତିଥିଭାବେ ଯୋଗଦେଇ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରାଶି ପାଇଥିବା ଅନ୍ୟମାନଙ୍କ ମଧ୍ୟରେ ୧୪ତମ ବିଶ୍ୱ ବଡିବିଲ୍ଡିଂ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ବିଜେତା ନାରାୟଣ ବାରିକଙ୍କୁ ୭ ଲକ୍ଷ, କାଂସ୍ୟ ପଦକ ବିଜେତା ଅମିତ କୁମାର ଭୂୟାଁଙ୍କୁ ୩ ଲକ୍ଷ ଟଙ୍କା ଦିଆଯାଇଛି। ବିଭିନ୍ନ କ୍ରୀଡ଼ାରେ ସଫଳତା ପାଇଥିବା ସିପ୍ରା ପ୍ରିୟଦର୍ଶିନୀ, ରଗ୍‌ବୀ ଖେଳାଳି ମାମାଲି ସିଂ, ରୀତୁ ମାଝୀ, ଚରଣ ହେମ୍ବ୍ରମ, ଧରାନନ୍ଦ ବିଶ୍ୱାଳ, ବ୍ୟାଡମିଣ୍ଟନ ଖେଳାଳି ପ୍ରଗତି ପରିଡ଼ା, ବିକାଶ ଟପ୍ପୋ, ବାପୁନ ରାଉତ, ଆଥ୍‌ଲେଟ ପ୍ରଜ୍ଞାପାରମିତା ସାହୁ, ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ଡିଏମ୍ ଜୟରାମ, ଆର୍ଯ୍ୟନ ଏକ୍କା ଓ ଅମିୟ ମଲ୍ଲିକଙ୍କୁ ମଧ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଫୁଟବଲ ଖେଳାଳି ଏ ଶିବପ୍ରସାଦ ଓ ରାଜା ହରିଜନଙ୍କୁ ସାଫ୍



କଳିଙ୍ଗ ଷ୍ଟାଡିୟମରେ ସୋମବାର ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ କୃତୀ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ।

**ଜାତୀୟ ବରିଷ୍ଠ କାନୋସ୍ଲିଣ୍ଟ**

## ତୃତୀୟ ଦିନରେ ଓଡ଼ିଶାକୁ ୬ ପଦକ

କଟକ,୧୮।୧୨(ସମିସ)



ମଧ୍ୟପ୍ରଦେଶର ଭୋପାଳଠାରେ ଚାଲିଥିବା ଜାତୀୟ ବରିଷ୍ଠ କାନୋସ୍ଲିଣ୍ଟ ପ୍ରତିଯୋଗିତାର ତୃତୀୟ ଦିନରେ ସୋମବାର ଓଡ଼ିଶାକୁ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଏଥି ସହିତ ଚଳିତ ଚାମ୍ପିଅନସିପରେ ଓଡ଼ିଶାର ପଦକ ସଂଖ୍ୟା ୨୧ ଛୁଇଁଛି। ମଙ୍ଗଳବାର ଚାମ୍ପିଅନସିପ ଉଦ୍‌ଯାପିତ ହେବ। ସୋମବାର ୫ହଜାର ମିଟର ବିଶିଷ୍ଟ ଇଭେଣ୍ଟ ସବୁ ଖେଳାଯାଇଥିଲା। ମହିଳା କାନୋଇଂ-୧ରେ ସୋଫିଆ ଏବଂ ମହିଳା କାନୋଇଂ-୨ରେ ସଛିମା ଓ ରଶ୍ମିତା ସ୍ୱର୍ଣ୍ଣ ପଦକ ଜିତିଥିଲେ। କାନୋଇଂ-୨ ମିଶ୍ରିତ ଇଭେଣ୍ଟରେ ଏ. ନାଓବି ଓ ସଛିମା, କାୟାକିଂ-୨ ମିଶ୍ରିତ ଇଭେଣ୍ଟରେ କିଶନ ସିଂହ ଓ ପି. ରୋଜି ଦେବୀ ରୌପ୍ୟ ବିଜୟୀ ହୋଇଛନ୍ତି। ପୁରୁଷ କାୟାକିଂ-୧ରେ ସାଗର ଏବଂ ପୁରୁଷ କାନୋଇଂ-୨ରେ ନାଓବି ଏବଂ ବୋରିସ କାଂସ୍ୟ ପଦକ ଜିତିଛନ୍ତି। ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ ରାଜ୍ୟ କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାଶ ଶୁଭେଚ୍ଛା ଜଣାଇଛନ୍ତି।

## ଶତବୀର ଭାରତୀୟ କ୍ରିକେଟ୍ ଦଳର ମ୍ୟାନେଜର

ମାଲକାନଗିରି, ୧୮ ।୧୨(ସମିସ)



ମାଲକାନଗିରି ଜିଲ୍ଲାର ବରିଷ୍ଠ କ୍ରିକେଟ୍ ଖେଳାଳି ତଥା ଜଣାଶୁଣା କ୍ରୀଡ଼ାବିତ୍ ଶତବୀର ସିଂ ରିୟାର ଭାରତୀୟ କ୍ରିକେଟ୍ ଦଳର ମ୍ୟାନେଜର ଭାବେ ଚୟନ ହୋଇଛନ୍ତି । ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଭାରତୀୟ କ୍ରିକେଟ୍ ଦଳ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ଗସ୍ତରେ ରହିଛି। ଏହି ସିରିଜ ଲାଗି ସତବୀର ଭାରତୀୟ ଦଳର ମ୍ୟାନେଜର ଭାବେ ଦାୟିତ୍ୱ ପାଇଥିଲେ। ତେବେ ତାଙ୍କର ଭିସା ହୋଇ ପାରି ନଥିବାରୁ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି-୨୦ ଓ ଏକଦିବସୀୟ ସିରିଜର କିଛି ମ୍ୟାଚରେ ସେ ଦଳ ସହ ସାମିଲ ହୋଇପାରି ନଥିଲେ । କିନ୍ତୁ ମଙ୍ଗଳବାର ସେ ଦକ୍ଷିଣ ଆଫ୍ରିକା ନିମନ୍ତେ ଗସ୍ତ ଆରମ୍ଭ କରିବେ ଏବଂ ଗୋଟିଏ ଦିନିକିଆ ଓ ଦୁଇଟି ଟେଷ୍ଟ ମ୍ୟାଚରେ ଦଳର ମ୍ୟାନେଜର ଭାବେ ନିଜର ଦାୟିତ୍ୱ ତୁଲାଇବେ ବୋଲି ପ୍ରକାଶ କରିଛନ୍ତି। ତେବେ ଓଡ଼ିଶାର ମାଲକାନଗିରି ଭଳି ଏକ ଉପାନ୍ତ ଜିଲ୍ଲାରୁ ଶ୍ରୀ ରିୟାର ଏହି ଦାୟିତ୍ୱ ପାଇଥିବାବେଳେ ଏହା ଜିଲ୍ଲା ପାଇଁ ଗର୍ବ ଆଣି ଦେଇଛି । ଜିଲ୍ଲାବାସୀ ଏଥିରେ ବେଶ୍ ଖୁସି ପ୍ରକାଶ କରିବା ସହ ଶ୍ରୀ ରିୟାରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମଧ୍ୟ ଜଣାଯାଇଛି ।

**ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ୍**

## ମାଧୁରୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

କଟକ,୧୮ ।୧୨(ସମିସ)

ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଜାତୀୟ ବରିଷ୍ଠ ମହିଳା ଏକଦିବସୀୟ ଟ୍ରଫି ନିମନ୍ତେ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଚୟନ କମିଟି ଅଧକ୍ଷା ରଶ୍ମୀତା ମହାନ୍ତି ଓ ବରିଷ୍ଠ ଦଳର ମୁଖ୍ୟ କୋଚ୍ ରୁମେଲୀ ଧର ଯୋଗଦେଇ ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଅଭିଜ୍ଞ ମାଧୁରୀ ମେହଟାଙ୍କୁ ଦିଆଯାଇଛି। ଆସନ୍ତା ଜାନୁଆରୀ ୪ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ପୁଡୁଚେରୀର କାପ ଗ୍ରାଉଣ୍ଡ-୨ରେ ଆସାମ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଓଡ଼ିଶା ଦଳ ଅଭ୍ୟାସ ମ୍ୟାଚ୍ ଖେଳିବା ନିମନ୍ତେ ପୁଡୁଚେରୀ ଯାତ୍ରା କରିବ ବୋଲି ଏହି ଅବସରରେ କୁହାଯାଇଛି।



**ରାଜ୍ୟ ଦଳ:** ମାଧୁରୀ ମେହଟା (ଅଧିନାୟିକା), ସରିତା ମେହେର, ପୁନମ ନାୟକ, ତନ୍ମୟୀ ବେହେରା, ସଙ୍ଗୀତା ଖାଡ଼ିଆ, ପ୍ରଜ୍ଞା ପରମିତା ମହାନ୍ତି, ଶିଳ୍ପା ସ୍ୱାଇଁ, ଅଞ୍ଜଳି ସିଂହ, ସୁଶ୍ରୀ ଦିବ୍ୟଦର୍ଶିନୀ(ଉପଅଧିନାୟିକା), ମୋନାଲିସା ରାଉତ(ୱିକେଟ କିପର), ରୀମାଲକ୍ଷ୍ମୀ ଏକ୍କା, ସୁଜାତା ମଲ୍ଲିକ, ରାମେଶ୍ୱରୀ ନାୟକ, ରୋସନାରା ପରୱିନ, ଲକ୍ଷ୍ମୀପ୍ରିୟା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ।

## ଭିନ୍ନକ୍ଷମଙ୍କ ପାଇଁ ଉଦାହରଣ ପାଲଟିଛନ୍ତି 'ଚନ୍ଦନ'

**ଟାହିଟାପରାକୁ ସେ ଟପି ଯାଇଛନ୍ତି। ଯାହାଙ୍କ ଶାରୀରିକ ଅଭ୍ୟାସ ଦେଖି ଦିନେ ଲୋକେ ଥଟ୍ଟା ପରିହାସ କରୁଥିଲେ ସେ ଏବେ ରାଜ୍ୟକୁ ଗୌରାବାନ୍ୱିତ କରୁଛନ୍ତି। ଜାତୀୟସ୍ତରର ପ୍ରତିଯୋଗିତାରେ ଗୋଟିଏ ପରେ ଗୋଟିଏ ପଦକ ଜିତି ଅନେକ ଭିନ୍ନକ୍ଷମଙ୍କ ପାଇଁ ସେ ଉଦାହରଣ ସୃଷ୍ଟି କରିଛନ୍ତି କଟକ ବାଖରାବାଦ ଅଞ୍ଚଳର ଚନ୍ଦନ କୁମାର ବେହେରା। ଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ପାରା ଗେମ୍ସରେ କଟକର ଏହି ଯୁବକ ଜଣକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦୃଢ଼ ମନୋବଳ, ନିରନ୍ତର ଅଭ୍ୟାସର ପ୍ରତିଫଳ ସ୍ୱରୂପ ଦିନକୁ ଦିନ ଚମକୁଛନ୍ତି ଚନ୍ଦନ...**

କଟକ,୧୮।୧୨(ସମିସ)




ଦିଲ୍ଲୀରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ଚନ୍ଦନ ଭାଗ ନେଇଥିଲେ। ବିଭିନ୍ନ ରାଜ୍ୟର ପ୍ରତିଯୋଗୀଙ୍କୁ ପଛରେ ପକାଇ ୯୭ କେଜି ବର୍ଗର ଫାଇନାଲରେ ପହଞ୍ଚିଥିଲେ। ଫାଇନାଲ ରାଉଣ୍ଡରେ ୧୪୪ କେଜି ଭାର ଉଠାଇ ସେ ତୃତୀୟସ୍ଥାନ ହାସଲ କରିବା ସହ କାଂସ୍ୟ ପଦକ ଜିତିଛନ୍ତି। ଖେଲୋ ଇଣ୍ଡିଆରେ ଭାଗନେବା ନିମନ୍ତେ ରାଜ୍ୟ ସରକାର ସମସ୍ତ ସହଯୋଗ କରିଥିଲେ। ପଦକ ବିଜେତା ଚନ୍ଦନ ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ମିଳିଲେ ଆଗାମୀ ଦିନରେ ଆହୁରି ପଦକ ଜିତିବେ ବୋଲି କହିଛନ୍ତି।

ବାଖରାବାଦ ଅଞ୍ଚଳର ଦେବରାଜ ବେହେରା ଓ ନିବାସିନୀ ବେହେରାଙ୍କ ସାନ ପୁଅ ହେଉଛନ୍ତି ଚନ୍ଦନ। କିଛି ମାସ ପୂର୍ବେ କୋଲକାତା ସଲ୍ଟଲେକ୍ ସ୍ଥିତ ସାଇ ସ୍ପୋର୍ଟସ କମ୍ପ୍ଲେକ୍ସରେ ୧୯ତମ ଜାତୀୟ ପାରା ଭାରୋତ୍ତୋଳନ ଚାମ୍ପିଅନସିପ୍ ଖେଳାଯାଇଥିଲା। ପଦାର୍ପଣ ପ୍ରତିଯୋଗିତାରେ ହିଁ ସେ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଜୀବନର ପ୍ରଥମ ଜାତୀୟସ୍ତରର ପ୍ରତିଯୋଗିତାରେ ସେ କାଂସ୍ୟ ବିଜୟୀ ହୋଇଥିଲେ। ଏହାପରେ ପୁଣିଥରେ ପ୍ରୋ-ପଞ୍ଜା ଲିଗ୍ ଭଳି ଏକ ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ପ୍ରଥମଥର ଭାଗ ନେଇ ସେ ସଫଳତା ସାଉଁଟିଥିଲେ। ବାହୁକୁସ୍ତି ପ୍ରତିଯୋଗିତାର ଭାରତର ସବୁଠାରୁ ବଡ଼ ଇଭେଣ୍ଟ ହେଉଛି ପ୍ରୋ-ପଞ୍ଜା ଲିଗ୍। ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ୍) ଫର୍ମାଟରେ ଏହି ଟୁର୍ଣ୍ଣାମେଣ୍ଟ ସର୍ବଭାରତୀୟସ୍ତରରେ ଖେଳାଯାଏ। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ପ୍ରୋ-ପଞ୍ଜା ଲିଗ୍‌ର କ୍ୱାଲିଫାୟାର ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିନ୍ନକ୍ଷମ ବର୍ଗରେ ସେ ଚାମ୍ପିଅନ ହୋଇଥିଲେ।

ଚନ୍ଦନଙ୍କ ବାମ ଗୋଡ଼ରେ ଜନ୍ମରୁ ସମସ୍ୟା ରହିଛି। ନିଜ କ୍ରୀଡ଼ା କ୍ୟାରିୟରର ଆରମ୍ଭ ସମ୍ପର୍କରେ ସେ କୁହନ୍ତି ଯେ ୧୮ ବର୍ଷ ପୂର୍ବେ ଶାରୀରିକ ଅଭ୍ୟାସ ଆରମ୍ଭ କରିଥିଲେ। କଳିଙ୍ଗ ଜିମ୍ନାସିୟମକୁ ଯିବାବେଳେ ଅନେକ ତାଙ୍କୁ ଥଟ୍ଟା ପରିହାସ କରିଥିଲେ। ଗୋଡ଼ ଖରାପ, ଦଣ୍ଡ କାହିଁକି ମାରୁଛୁ। ତୁମ ଦ୍ୱାରା ଏଗୁଡ଼ା ହେବନି। ଭଲ ହେବ ଆଉ କିଛି କାମରେ ଧ୍ୟାନ ଦିଅ। ଏଭଳି ଟାହିଟାପରା ସହି ମଧ୍ୟ ସେ ନିଜ ଅଭ୍ୟାସ ବନ୍ଦ କରି ନ ଥିଲେ। ଶେଷରେ ତାଙ୍କ ପରିଶ୍ରମର ଫଳ ସେ ଲଗାତାର ଭାବେ ପାଉଛନ୍ତି। ଭାରୋତ୍ତୋଳନ ସହିତ ବାହୁ କୁସ୍ତି କ୍ରୀଡ଼ାରେ ଚନ୍ଦନଙ୍କର ବିଶେଷ ପରିଚୟ ରହିଛି। ସେ ୯ଥର ଜାତୀୟସ୍ତରର ବାହୁକୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୦୮ରେ ଛତିଶଗଡ଼ରେ ହୋଇଥିବା ବାହୁକୁସ୍ତି ପ୍ରତିଯୋଗିତାରେ ସେ ପ୍ରଥମ ପଦକ ଜିତିଥିଲେ। ଏହା ପରଠାରୁ ଆଉ ପଛକୁ ଫେରି ଚାହିଁ ନ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର